RNI No.ODIODI/2010/33031
୧୭ ବର୍ଷ Volume- 17
ISSUE -140 ସଂଖ୍ୟା-୧୪୦
ଭୁବନେଶ୍ୱର, ଗୁରୁବାର ୧୩ ଅଗଷ୍ଟ ୨୦୨୬
Bhubaneswar, Thursday 13 August, 2026
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ସଂସଦୀୟ ପ୍ୟାନେଲକୁ ଗଲା ବିଦେଶ ଅନୁଦାନ ବିଲ୍

ନୂଆଦିଲ୍ଲୀ, ୧୨।୮(ନି.ପ୍ର.): ବିବାଦୀୟ ବିଦେଶ ଅନୁଦାନ ଅଧିନିୟମ ସଂଶୋଧନ ବିଲ ୨୦୨୬କୁ କେନ୍ଦ୍ର ସରକାର ସଂସଦୀୟ କମିଟି ନିକଟକୁ ପଠାଇ ଦେଇଛନ୍ତି। ବିରୋଧୀଙ୍କ ନାରାବାଜୀ ଭିତରେ ବିଲ୍ ସଂସଦର ଯୁଗ୍ମ କମିଟି ବା ଜେପିସିକୁ ଯାଇଛି। ଏହି ବିଲ୍‌କୁ ବିଭିନ୍ନ ମହଲରେ ତୀବ୍ର ବିରୋଧ କରାଯାଇଥିଲା। ବିଭିନ୍ନ ରାଜନୀତିକ ଦଳ ମଧ୍ୟ ଏହାକୁ ଜେପିସିକୁ ପଠାଇବାକୁ ଦାବି କରିଥିଲେ।



ବିଲ୍ ବିରୋଧରେ ସ୍ୱର ତୀବ୍ର ହେଉଥିବାରୁ ଆଜି କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାୟ ବୁଧବାର ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବ ମାଧ୍ୟମରେ ସେ ବିଲ୍‌କୁ ଜେପିସିକୁ ପଠାଇବାକୁ ପରାମର୍ଶ ଦେଇଥିଲେ।

ଏହି ସମୟରେ ବିରୋଧୀ ଲୋକସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ। କାରଣ ପୂର୍ବରୁ ଲୋକସଭାର ସପ୍ଲିମେଣ୍ଟାରୀ ତାଲିକାରେ ଏଫସିଆରଏ ବିଲ ତାଙ୍କ ନାଁରେ ଲିଷ୍ଟିଂ ହୋଇଥିଲା। ବାସ୍ତବରେ ଅମିତ ଶାହ ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିବା କଥା। ତାଙ୍କ ବଦଳରେ ନିତ୍ୟାନନ୍ଦ ରାୟ ପ୍ରସ୍ତାବ ଆଗତ କରିବାରୁ ଏହାକୁ ବିରୋଧୀ ଜୋରଦାର ବିରୋଧ କରିଛନ୍ତି।

ଯୁଗ୍ମ ସଂସଦୀୟ କମିଟିରେ ଲୋକସଭାର ୨୧ ଜଣ ସଦସ୍ୟ ରହିବେ। ଏମାନଙ୍କୁ ଲୋକସଭା ବାଚସ୍ପତି ମନୋନୀତ କରିବେ। ଏହାବାଦ ରାଜ୍ୟସଭାର ୧୦ ଜଣ ସଦସ୍ୟଙ୍କୁ ରାଜ୍ୟସଭା ଅଧ୍ୟକ୍ଷ ମନୋନୀତ କରିବେ। ସେମାନେ ମିଳିତ ଭାବେ ବିଲ୍ ଉପରେ ଆଲୋଚନା କରି ଆବଶ୍ୟକ ପ୍ରସ୍ତାବ ଦେବେ।

ବିରୋଧୀ ଦଳଗୁଡ଼ିକ ଏହି ବିଲ୍‌କୁ ବିରୋଧ କରିଆସୁଛନ୍ତି। ଏହା ଏନ୍‌ଜିଓ ଓ ସଂଖ୍ୟାଲଘୁ ଅନୁଷ୍ଠାନଗୁଡ଼ିକୁ ଟାର୍ଗେଟ୍ କରିବ ବୋଲି ସେମାନେ କହୁଛନ୍ତି।

ବିଦେଶୀ ଅନୁଦାନ ସଂଶୋଧନ ବିଲରେ ସରକାରଙ୍କୁ ଏକ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ ଗଠନ କରିବାର ଅଧିକାର ଦେବାକୁ ପ୍ରସ୍ତାବ ରହିଛି। କୌଣସି ସଂଗଠନର ଏଫସିଆରଏ ପଞ୍ଜୀକରଣ ବାତିଲ ହେଲେ, ସଂଗଠନ ନିଜେ ପଞ୍ଜୀକରଣ ସମର୍ପଣ କଲେ କିମ୍ବା ପଞ୍ଜୀକରଣ ନବୀକରଣ ନ ହେଲେ, ବିଦେଶୀ ଅନୁଦାନରେ ସୃଷ୍ଟି ହୋଇଥିବା ଅର୍ଥ ଓ ସମ୍ପତ୍ତିର ପରିଚାଳନା ଏହି କର୍ତ୍ତୃପକ୍ଷ ନିଜ ହାତକୁ ନେଇପାରିବେ। ବିଲ୍‌କୁ ନେଇ ବିବାଦ ବଢ଼ିବାରୁ ଗୃହ ମନ୍ତ୍ରଣାଳୟ ଜୁଲାଇ ୨୨ରେ ସ୍ପଷ୍ଟ କରିଥିଲା ଯେ ନିର୍ଦ୍ଦିଷ୍ଟ କର୍ତ୍ତୃପକ୍ଷ କେବଳ ବିଦେଶୀ ଅନୁଦାନରେ ସୃଷ୍ଟି ହୋଇଥିବା ସମ୍ପତ୍ତିର ପରିଚାଳନା କରିବେ। ସଂଗଠନର ପଞ୍ଜୀକରଣ ଆଇନଗତ ଭାବେ ଶେଷ ହେବା ପରେ ହିଁ ଏପରି ପଦକ୍ଷେପ ଗ୍ରହଣ କରାଯିବ।

## ରାଜ୍ୟ ପୋଲିସର ୫୫ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ 'ଡିଜିପି ଡିସ୍କ' ପ୍ରଦାନ

ଭୁବନେଶ୍ୱର, ୧୨।୮(ନି.ପ୍ର.): ରାଜ୍ୟର ଆଇନ ଶୃଙ୍ଖଳା ବ୍ୟବସ୍ଥାରେ ଉଲ୍ଲେଖନୀୟ ସେବା, କର୍ତ୍ତବ୍ୟନିଷ୍ଠା ଏବଂ କାର୍ଯ୍ୟଦକ୍ଷତା ପାଇଁ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମ୍ମାନିତ କରିଛନ୍ତି। ଆଜି ୫୫ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ଡିଜିପି ଡିସ୍କ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରଦକ ପ୍ରାପ୍ତଙ୍କ ମଧ୍ୟରେ ଏସପି, ଏସଡିପିଓ, କ୍ରାଇମବ୍ରାଞ୍ଚ ଡିଆଇଜି, ଏଏସପି, ଡିଏସପି ପ୍ରମୁଖ ସାମିଲ ଅଛନ୍ତି।



ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ପଦକ ଓ ମାନପତ୍ର ପ୍ରଦାନ କରିଛନ୍ତି। ଏସସିଆରବି ନିର୍ଦ୍ଦେଶକ ଅବିନାଶ କୁମାର, କ୍ରାଇମବ୍ରାଞ୍ଚ ଡିଆଇଜି ବି. ଗଙ୍ଗାଧର, ବ୍ରହ୍ମପୁର ଏସପି ଡ. ଶ୍ରବଣ ବିବେକ ଏମ, ଅନୁଗୋଳ ଏସପି ରାହୁଲ ଜୈନ, ନୟାଗଡ ଏସପି ଶୁଭେନ୍ଦୁ କୁମାର ପାତ୍ର, ଗଞ୍ଜାମ ଏସପି ହରିଶ ବି. ସି, ଜଗତସିଂହପୁର ଏସପି ଅଙ୍କିତ କୁମାର ବର୍ମା, ନବରଙ୍ଗପୁର ଏସପି କାଶ୍ୟପ ପାର୍ଥ ଜଗଦୀଶ, ବୌଦ୍ଧ ଏସପି କୁଳଦୀପ ମୀନା, ଗଜପତି ଆର. ଉଦୟଗିରି ଏସଡିପିଓ ରାକେଶ କୁମାର ସାହୁ ଓ କଳିଙ୍ଗ ନଗର ତୃତୀୟ ଆଇଆରବିନ, କମାଣ୍ଡାଣ୍ଟ ଯାକୁବ ଖାନ ପଦକ ଗ୍ରହଣ କରିଛନ୍ତି। ସେହିପରି ୩ ଜଣ ଅତିରିକ୍ତ ଏସପି, ୨ ଜଣ ଡେପୁଟି କମାଣ୍ଡାଣ୍ଟ, ୩ ଜଣ ଡିଏସ୍‌ପି, ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ, ୮ ଜଣ ଇନ୍‌ସପେକ୍ଟର, ୪ ଜଣ ସବ୍-ଇନ୍‌ସପେକ୍ଟର, ୪ ଜଣ ଆସିଷ୍ଟାଣ୍ଟ ସବ୍-ଇନ୍‌ସପେକ୍ଟର, ୫ ଜଣ ହାବିଲଦାର, ଜଣେ ଡ୍ରାଇଭର ଓ ୧୩ ଜଣ କନଷ୍ଟେବଲ/ଓଏପିଏଫ/ସିପାହୀ ଅନ୍ତର୍ଭୁକ୍ତ ଅଛନ୍ତି। କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ନିମନ୍ତେ ୯୧ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ଅବସରରେ ଉପରୋକ୍ତ ଅଧିକାରୀ ଓ କର୍ମଚାରୀଙ୍କ ନାମ ଘୋଷଣା କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା।

## ବର୍ଷକ ପାଇଁ ଗୁଟଖା ଓ ପାନ ମସଲା ଉପରେ ଲାଗିଲା ସଂପୂର୍ଣ୍ଣ ବ୍ୟାନ୍

ନୂଆଦିଲ୍ଲୀ, ୧୨।୮ : ତମାଖୁ ସେବନ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ନିଆଯାଇଛି ବଡ ପଦକ୍ଷେପ। ଆସନ୍ତା ଗୋଟିଏ ବର୍ଷ ପାଇଁ ସମସ୍ତ ପ୍ରକାରର ଗୁଟଖା ଓ ପାନ ମସଲା ଉପରେ ଲାଗିଛି ବ୍ୟାନ।



ତମାଖୁ ଓ ନିକୋଟିନ ମିଶ୍ରିତ ଗୁଟଖାର ଉତ୍ପାଦନ, ସଂରକ୍ଷଣ, ବିତରଣ ଓ ବିକ୍ରି ଉପରେ କର୍ଣ୍ଣାଟକା ସରକାର ବର୍ଷକ ପାଇଁ ସଂପୂର୍ଣ୍ଣ ଲୋକ ରୋକ ଲଗାଇ ଦେଇଛନ୍ତି। ଲୋକଙ୍କ ସ୍ୱାସ୍ଥ୍ୟା ଉପରେ ଏହା ସାଂଘାତିକ ପ୍ରଭାବ ପକାଉଥିବାରୁ ରାଜ୍ୟର କ୍ଷମତାସୀନ କଂଗ୍ରେସ ସରକାର ଏପରି ନିଷ୍ପତ୍ତି ନେଇଥିବା କହିଛନ୍ତି।

ବାସ୍ତବରେ କର୍ଣ୍ଣାଟକା ରାଜ୍ୟର ଖାଦ୍ୟ ସୁରକ୍ଷା କମିଶନର ୨୦୨୬ ଜୁନ ୧୫ରୁ ଏପରି ବ୍ୟାନ ବିଜ୍ଞପ୍ତି ଜାରି କରିଛନ୍ତି। ଖାଦ୍ୟ ସୁରକ୍ଷା ଓ ମାନକ ଆଇନ ୨୦୨୬ର କ୍ଲସ(ଏ) ଅନୁସାରେ ଜାରି କରାଯାଇଛି। ନିର୍ଦ୍ଦେଶନାମରେ ତମାଖୁ କିମ୍ବା ନିକୋଟିନ ମିଶ୍ରିତ ସମସ୍ତ ପ୍ରକାରର ଗୁଟଖା ଓ ପାନ ମସଲା ଉପରେ ନିଷେଧାଦେଶ ଲାଗୁ ହୋଇଛି।

ତମାଖୁ କିମ୍ବା ନିକୋଟିନ୍ ଥିବା ସମସ୍ତ ଜିନିଷ ପାଇଁ ଏହା ଲାଗୁ ହେବ। ଉତ୍ପାଦର ନାମ ଯାହା ହେଉନା କାହିଁକି, ଏହି କଟକଣାକୁ ଲାଗୁ କରାଯିବ। ଏହି ନିୟମ ପ୍ୟାକେଟ୍‌ରେ ଥିବା କିମ୍ବା ଖୋଲାରେ ବିକ୍ରି ହେଉଥିବା ଉତ୍ପାଦ ଉଭୟ କ୍ଷେତ୍ରରେ ପ୍ରଯୁଜ୍ୟ।

ଏଥିସହ ଉତ୍ପାଦ ଗୋଟିଏ ପ୍ୟାକେଟ୍‌ରେ ବିକ୍ରି ହେଉ କିମ୍ବା ଗ୍ରାହକଙ୍କ ଦ୍ୱାରା ସହଜରେ ମିଶାଇ ବ୍ୟବହାର କରିହେବା ଭଳି ଅଲଗା ଅଲଗା ପ୍ୟାକେଟ୍‌ରେ ବିକ୍ରି ହେଉ, ସବୁ କ୍ଷେତ୍ରରେ ସରକାର ପ୍ରତିବନ୍ଧକ ଲଗାଇ ଦେଇଛି।

ବିଜ୍ଞପ୍ତିରେ ବିଶେଷ ଭାବେ ତମାଖୁ ଓ ନିକୋଟିନ୍‌କୁ ଉପାଦାନ ରହିଥିବା ଗୁଟଖା ଓ ତମାଖୁ ଯୁକ୍ତ ପାନ ମସଲାକୁ ସାମିଲ କରାଯାଇଛି। ଏଗୁଡ଼ିକ ସାଚେଟ୍, ପାଉଚ୍, ପ୍ୟାକେଟ୍ କିମ୍ବା ଅନ୍ୟ କୌଣସି କଣ୍ଟେନରରେ ପ୍ୟାକ୍ ହୋଇଥିଲେ କିମ୍ବା ଅନ୍ୟ କୌଣସି ନାମରେ ବିକ୍ରି ହେଉଥିଲେ ମଧ୍ୟ ଏହି ନିୟମ ଲାଗୁ ହେବ। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଯିବାର ଚେତାବନୀ ମଧ୍ୟ ବିଜ୍ଞପ୍ତି ଜରିଆରେ ଦେଇଛନ୍ତି ସରକାର।

### ୟୁଜିସି-ଏନ୍‌ଇଟି ଜୁନ୍ ୨୦୨୬ ଅସ୍ଥାୟୀ ଉତର କି ଚଳିତ ସପ୍ତାହରେ ପ୍ରକାଶ ପାଇବ

ନୂଆଦିଲ୍ଲୀ: ଜାତୀୟ ପରୀକ୍ଷା ଏଜେନ୍ସି(ଏନ୍‌ଟିଏ) ସୋମବାର କହିଛି ଯେ ୟୁଜିସି-ଏନ୍‌ଇଟି ଜୁନ୍ ୨୦୨୬ ପରୀକ୍ଷାର ଅସ୍ଥାୟୀ ଉତର କି ଚଳିତ ସପ୍ତାହରେ ଏହାର ଅଫିସିଆଲ୍ ୱେବସାଇଟରେ ପ୍ରକାଶ ପାଇବ। ଏହାସହିତ ସିଏସ୍‌ଆଇଆର୍-ଏନ୍‌ଇଟି ଏବଂ ଆଇସିଏଆର୍‌ଏଆଇଇଏ(ପିଜି) ଏବଂ ଏଆଇସିଇ(ପିଏଚ୍‌ଡି) ୨୦୨୬ ପରୀକ୍ଷାର ଅସ୍ଥାୟୀ ଉତର କି ମଧ୍ୟ ଜାରି କରାଯିବ। ଏନ୍‌ଟିଏ ଦ୍ୱାରା ଜାରି କରାଯାଇଥିବା ସାର୍ବଜନୀନ ବିଜ୍ଞପ୍ତି ଅନୁଯାୟୀ, ପ୍ରାର୍ଥୀମାନେ ଉତର କି ପ୍ରକାଶ ପାଇବା ପରେ ଏହାକୁ ଦେଖିପାରିବେ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରାସଙ୍ଗିକ ପ୍ରଶ୍ନ କିମ୍ବା ଉତର ଉପରେ ଆପତି ଉଠାଇ ପାରିବେ। ଉତର କି ଦେଖିବା ଏବଂ ଚ୍ୟାଲେଞ୍ଜ କରିବା ସମ୍ବନ୍ଧୀୟ ବିସ୍ତୃତ ନିର୍ଦ୍ଦେଶାବଳୀ ଏହାର ପ୍ରକାଶନ ସମୟରେ ଉପଲବ୍ଧ କରାଯିବ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପୂର୍ବତନ ବିଧାୟକଗଣ



ଭୁବନେଶ୍ୱର: ଆଜି ଲୋକସେବା ଭବନରେ ପୂର୍ବତନ ବିଧାୟକଗଣ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉଭୟ ବିରୋଧୀ ଦଳ କଂଗ୍ରେସ ଓ ବିଜେଡ଼ିର ପୂର୍ବତନ ବିଧାୟକମାନେ ସାକ୍ଷାତ ହୋଇଛି। ଭତ୍ତା ବୃଦ୍ଧି, ଚିକିତ୍ସା ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। କଂଗ୍ରେସର ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ବିଜେଡ଼ି ନେତା ପ୍ରଦୀପ ଅମାତ, କୁସୁମ ଟେଟେ, ରମା ରଞ୍ଜନ ବଳିୟାର ସିଂ, ରଘୁନାଥ ସାହୁ, ଲଲିତେନ୍ଦୁ ମହାପାତ୍ର, ସୁବ୍ରତ ତରାଇ ଏବଂ ନାରାୟଣ ରେଡ୍ଡୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି।

## ଖୁବଶୀଘ୍ର ଯନ୍ତରମନ୍ତରର ସିଜିନ-୨

ନୂଆଦିଲ୍ଲୀ, ୧୨।୮ : ଦେଶରେ ନୂଆ ବିପ୍ଲବ ସୃଷ୍ଟି କରିଥିବା କକ୍ରୋଚ ଜନତା ପାର୍ଟି ବା ସିଜେପିର ବଡ ଘୋଷଣା। ଖୁବଶୀଘ୍ର ଦଳ ତା'ର ବିକ୍ଷୋଭ ଅଭିଯାନ ପୁଣି ଆରମ୍ଭ କରିବ। ଯନ୍ତରମନ୍ତର ସିଜିନ-୨ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ସୂଚନା ଦେଇଛନ୍ତି।

ଆଜି ଅଭିଜିତ କହିଛନ୍ତି ଯେ "ଅନେକ ଲୋକ ଇନଷ୍ଟାଗ୍ରାମରେ ଯନ୍ତରମନ୍ତର ସିଜିନ-୨ କେବେ ଆରମ୍ଭ ହେବ ବୋଲି ପଚାରୁଛନ୍ତି। ମୁଁ ସେମାନଙ୍କୁ କହିବାକୁ ଚାହୁଁଛି ଯେ ଯନ୍ତରମନ୍ତର ସିଜିନ-୨ ଖୁବଶୀଘ୍ର ଆରମ୍ଭ ହେବ।" ଯୁବଗୋଷ୍ଠୀ ଓ ଶିକ୍ଷାର୍ଥୀଙ୍କ ସ୍ୱର ବନିବାକୁ ସିଜେପି ଉଦ୍ୟମ କରୁଥିବା ବେଳେ ଦେଶବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛି। ଏସବୁ ଭିତରେ ହିଁ ଦୀପକେ ସିଜିନ ୨ ଆରମ୍ଭ ହେବା ସମ୍ପର୍କରେ ସୂଚନା ଦେଇଛନ୍ତି। ଯଦିଓ ସେ ସିଜିନ ୨ ସମ୍ପର୍କରେ କହିଛନ୍ତି, ହେଲେ ଏହାର ବିସ୍ତୃତ ସୂଚନା ଦେଇନାହାନ୍ତି। କେବେ ଓ କ'ଣ ପାଇଁ ପୁଣିଥରେ ଯନ୍ତରମନ୍ତରରେ ସିଜେପି ଆନ୍ଦୋଳନ କରିବ, ତାହା ବର୍ତ୍ତମାନ ଚର୍ଚ୍ଚାର ବିଷୟ ପାଲଟିଛି। ହେଲେ ପୂର୍ବରୁ ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନ କରିଥିବା ସିଜେପି ପୁଣିଥରେ ପ୍ରତିବାଦ ସ୍ଥଳକୁ ଫେରିବା ପାଇଁ ପ୍ରସ୍ତୁତ ହେଉଥିବା ଦୀପକେଙ୍କ ବୟାନରୁ ସଙ୍କେତ ମିଳିଛି। ନିକଟରେ ଉତ୍ତରପ୍ରଦେଶର ସ୍କୁଲ ଛାତ୍ରଛାତ୍ରୀଙ୍କ ଏକ ପ୍ରତିବାଦକୁ ମଧ୍ୟ ସିଜେପି ସମର୍ଥନ କରିଥିଲା। ଛାତ୍ରଛାତ୍ରୀମାନେ ସେମାନଙ୍କ ସ୍କୁଲକୁ ଯିବା ପାଇଁ ଭଲ ରାସ୍ତା ନିର୍ମାଣ ଦାବିରେ ହମିରପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ପଦଯାତ୍ରା କରିଥିଲେ। ଏହି ପଦଯାତ୍ରାରେ ପ୍ରାୟ ୩୦୦ ଜଣ ଛାତ୍ରଛାତ୍ରୀ ଓ ୧୦୦ ଜଣ ଅଭିଭାବକ ସାମିଲ ହୋଇଥିଲେ। ଦୀପକେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା କରି କହିଥିଲେ ଯେ ମୌଳିକ ଯାତାୟାତ ସୁବିଧା ଭଳି ଏକ ଦାବିର ସମାଧାନ ଦଶନ୍ଧି ଦଶନ୍ଧି ପୂର୍ବରୁ ହୋଇଯିବା କଥା। ଏପଟେ ଦିଲ୍ଲୀରେ ସିଜେପି ପକ୍ଷରୁ ଏକ ସ୍ୱେଚ୍ଛାସେବୀ ସମ୍ମିଳନୀ ଆୟୋଜନ କରିବାରେ ସମସ୍ୟା ସୃଷ୍ଟି ହୋଇଥିବା ମଧ୍ୟ ଦୀପକେ ଅଭିଯୋଗ କରିଛନ୍ତି।

## ଅପହରଣ ମାମଲାରେ ମହିଳା ଗିରଫ, ନାବାଳିକା ଉଦ୍ଧାର

ପାରଳାଖେମୁଣ୍ଡି, ୧୨।୮ : ପଶ୍ଚିମବଙ୍ଗରୁ ପାରଳାଖେମୁଣ୍ଡି ଆସିଥିବା ଜଣେ ୧୫ ବର୍ଷୀୟ ନାବାଳିକା ଉଦ୍ଧାର। ନାବାଳିକା ଅପହରଣ ଅଭିଯୋଗରେ ପାରଳାଖେମୁଣ୍ଡି ସହରର ଗୋବିନ୍ଦ ବିହାରରୁ ଜଣେ ମହିଳାଙ୍କୁ ଗିରଫ କରିଛି ପଶ୍ଚିମବଙ୍ଗ ପୁଲିସ। ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସର ସହଯୋଗରେ ପଶ୍ଚିମବଙ୍ଗ ପୁଲିସର ଏକ ଟିମ୍ ଏହି କାର୍ଯ୍ୟାନୁଷ୍ଠାନ କରିଛି। ଉତ୍ତର ୨୪ ପ୍ରଗଣା ଅଞ୍ଚଳର ଜଣେ ୧୫ ବର୍ଷୀୟ ନାବାଳିକା ଗତ ଜୁଲାଇ ୩୧ ତାରିଖରେ ନିଖୋଜ ହୋଇଥିଲେ। ଏନେଇ ପରିବାର ପକ୍ଷରୁ ଅଗଷ୍ଟ ୧ ତାରିଖରେ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଆଧାର କରି ମେଦିନପୁର ଥାନାରେ କେସ୍ ନମ୍ବର ୪୭୭/୨୬ରେ ବିଏନ୍‌ଏସ୍ ଧାରା ୧୩୭(୨)/୧୪୦(୩) ଅନୁଯାୟୀ ମାମଲା ରୁଜୁ ହୋଇଥିଲା। ତଦନ୍ତ ବେଳେ ନାବାଳିକାଙ୍କ ସହ ପାରଳାଖେମୁଣ୍ଡିର ଜଣେ ମହିଳାଙ୍କ ସୋସିଆଲ ମିଡିଆ ଯୋଗାଯୋଗ ଥିବା ପୋଲିସ ଜାଣିବାକୁ ପାଇଥିଲା।



ବିଶେଷକରି ଇନ୍‌ଷ୍ଟାଗ୍ରାମ୍‌ରେ ଉଭୟଙ୍କ ମଧ୍ୟରେ ନିୟମିତ ଚାଟିଂ ହେଉଥିବା ଏବଂ ପରେ ସମ୍ପର୍କ ଘନିଷ୍ଠ ହୋଇଥିବା ତଦନ୍ତରୁ ଜଣାପଡ଼ିଥିବା ସୂଚନା ମିଳିଛି। ନାବାଳିକାଙ୍କୁ ପଶ୍ଚିମବଙ୍ଗରୁ ପାରଳାଖେମୁଣ୍ଡି ଆଣିବାରେ ଗିରଫ ମହିଳାଙ୍କ ଭୂମିକା ଥିବା ନେଇ ପୋଲିସ ଅଭିଯୋଗ ପାଇଥିଲା। ପରେ ପଶ୍ଚିମବଙ୍ଗ ପୋଲିସ ପାରଳାଖେମୁଣ୍ଡି ଗୋବିନ୍ଦ ବିହାରରେ ଚଢ଼ଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ସମ୍ପୃକ୍ତ ମହିଳାଙ୍କୁ ଗିରଫ କରିଥିଲା।

ତେବେ ନାବାଳିକାଙ୍କୁ କାହିଁକି ପାରଳାଖେମୁଣ୍ଡି ଅଣାଯାଇଥିଲା ଏବଂ ଏହା ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ତଦନ୍ତ ଚାଲିଛି। ଗିରଫ ମହିଳାଙ୍କ ଡାକ୍ତରୀ ପରୀକ୍ଷା କରାଯିବା ପରେ ତାଙ୍କୁ ସ୍ଥାନୀୟ କୋର୍ଟରେ ହାଜର କରାଯାଇଥିଲା। ପରେ ଟ୍ରାନ୍‌ଜିଟ୍ ରିମାଣ୍ଡରେ ପଶ୍ଚିମବଙ୍ଗ ପୋଲିସ ତାଙ୍କୁ ନିଜ ସହ ନେଇଯାଇଥିବା ପୋଲିସ ସୂତ୍ରରୁ ଜଣା ପଡିଛି। ନାବାଳିକାଙ୍କ ସହ ମହିଳାଙ୍କ ସମ୍ପର୍କର ପ୍ରକୃତ ସ୍ୱରୂପ, ତାଙ୍କୁ ପାରଳାଖେମୁଣ୍ଡି ଆଣିବାର ଉଦ୍ଦେଶ୍ୟ ଏବଂ ଘଟଣା ପଛରେ ଅନ୍ୟ କାହାର ଭୂମିକା ରହିଛି କି ନାହିଁ ଏସବୁ ଦିଗକୁ ନେଇ ପଶ୍ଚିମବଙ୍ଗ ପୁଲିସ ତଦନ୍ତ ଜାରି ରଖିଛି। ତଦନ୍ତ ଶେଷ ହେଲେ ଘଟଣାର ସମ୍ପୂର୍ଣ୍ଣ ଚିତ୍ର ସ୍ପଷ୍ଟ ହେବ।

## ବାଲେଶ୍ୱରର ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୩.୧୦ କୋଟି ସହାୟତା

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨।୮(ନି.ପ୍ର.): କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଅଶ୍ୱିନୀ ବୈଷ୍ଣବ ଓଡିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦ ପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି। ଏହି ଅର୍ଥ ଚିକିତ୍ସା ଭିତ୍ତିଭୂମି ଉନ୍ନତୀକରଣ ଲାଗି ବିନିଯୋଗ କରାଯିବ। କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧ କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ।

ଉତ୍ତର ଉପକୂଳ ଓଡିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ, ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥା'ନ୍ତି। ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଣ୍ଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଏବଂ ଜଳପାନ କକ୍ଷର ଉନ୍ନତିକରଣ କରାଯିବ। ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ। ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖର୍ଚ୍ଚ ହେବାକୁ ଥିବା ୧ କୋଟି ୪୦ ଲକ୍ଷ ଟଙ୍କାରେ ଆଇପିଡି, ଔଷଧ ଭଣ୍ଡାରଣ ଗୃହ, ରୋଗୀ ବିଶ୍ରାମ କକ୍ଷ, ଆପାତକାଳୀନ ବିଭାଗ, ଜଳପାନ କକ୍ଷ, ସର୍ଜରୀ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ, ଏସଡିଏମଓଙ୍କ କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତିକରଣ କରାଯିବାକୁ ପ୍ରସ୍ତାବ ରହିଛି। ଏସବୁ ଉନ୍ନତିକରଣ କାର୍ଯ୍ୟ ଦ୍ୱାରା ନୀଳଗିରି, ବାଲେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ବିଭିନ୍ନ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ମିଳିପାରିବ। ରୋଗୀ ଓ ସେମାନଙ୍କ ପରିବାର ଲୋକଙ୍କ ପାଇଁ ଏହି ଭିତ୍ତିଭୂମି ଉନ୍ନତୀକରଣ ଏକ ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ। ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଅଧିକ ଆରାମଦାୟକ ଏବଂ ଦକ୍ଷ ସ୍ୱାସ୍ଥ୍ୟ ସେବା ମିଳିପାରିବ। ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଦ୍ୱାରା ପ୍ରସବ ସମୟରେ ମା' ଏବଂ ଶିଶୁଙ୍କ ପାଇଁ ସୁରକ୍ଷିତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ହେବ।

ଡାହୁକ



ପ୍ରଶାସନ ଯଦି ନଘୋଡେଇ ଘଣ୍ଟ
ଧରି ଦୁର୍ନୀତିଆ ଦଣ୍ଟ
ଘୋଷିବୁ ଦିଅନ୍ତା କାଟି
ଦୁର୍ନୀତିର ଦୂରେ ଦୁର୍ନୀତି ଇଶିତା
ଭାବିଲେ ଯାଆନ୍ତା ଫାଟି
-ବିଧୁ

## ଓଡିଶା ଉପକୂଳର ୨୮ ପ୍ରତିଶତରୁ ଅଧିକ କ୍ଷୟ

ଭୁବନେଶ୍ୱର, ୧୨।୮(ନି.ପ୍ର.):: ଓଡିଶା ଉପକୂଳର ସୀମା ମଧ୍ୟରୁ ୨୮ ପ୍ରତିଶତରୁ ଅଧିକ କ୍ଷୟ ହୋଇଗଲାଣି। ୧୭ ପ୍ରତିଶତରୁ ଅଧିକ ଅଞ୍ଚଳ ସ୍ଥିର ରହିଛି। ୧୯୯୦ ରୁ ୨୦୨୨ ମଧ୍ୟରେ ଉପକୂଳ ଅଞ୍ଚଳରେ ଏଭଳି ପରିବର୍ତ୍ତନ ଘଟିଥିବା ନେଇ ଜାତୀୟ ଉପକୂଳ ଗବେଷଣା କେନ୍ଦ୍ର (ଏନସିସିଆର) ତାହାର ରିପୋର୍ଟରେ ଉଲ୍ଲେଖ କରିଛି। ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କର ଏ ସଂକ୍ରାନ୍ତୀୟ ଏକ ପ୍ରଶ୍ନର ଉତ୍ତରରେ ଏଭଳି ସୂଚନା ପ୍ରଦାନ କରିଛନ୍ତି କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ। କେନ୍ଦ୍ରମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ଓଡିଶା ଉପକୂଳରେ ହୋଇଥିବା ଏହି ଅନୁଧ୍ୟାନରୁ ଜଣାଯାଇଛି ୫୬୪ କିଲୋମିଟର ଉପକୂଳ ମଧ୍ୟରୁ ୨୮.୩ ପ୍ରତିଶତ କ୍ଷୟ ହୋଇଯାଇଛି। ୧୭.୬ ପ୍ରତିଶତ ଉପକୂଳ ଅଞ୍ଚଳ ସ୍ଥିର ଥିବାବେଳେ ୫୪ ପ୍ରତିଶତ ବୃଦ୍ଧି ପାଇଥିବା ଦର୍ଶାଯାଇଛି। ତେବେ ଉପକୂଳ କ୍ଷୟରେ ସବୁଠାରୁ ଆଗରେ ରହିଛି ଜଗତ୍ ?ସିଂହପୁର ଜିଲ୍ଲା। ଏହି ଜିଲ୍ଲାରେ ୫୫.୮୦ କିଲୋମିଟର ଦୈର୍ଘ୍ୟର ଉପକୂଳ ଅଞ୍ଚଳ ଥିବାବେଳେ ଏଠାରେ ୪୭ ପ୍ରତିଶତରୁ ଅଧିକ ଅଞ୍ଚଳ କ୍ଷୟ ହୋଇଛି। ୩୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ୧୩.୫ ପ୍ରତିଶତ ଅଞ୍ଚଳ ସ୍ଥିର ରହିଛି। ଏହା ପଛକୁ ରହିଛି କେନ୍ଦ୍ରାପଡା। ଏହି ଜିଲ୍ଲାରେ ପ୍ରାୟ ୧୫୦ କିଲୋମିଟରର ଉପକୂଳ ଅଞ୍ଚଳ ଥିବାବେଳେ ୪୫ ପ୍ରତିଶତ କ୍ଷୟ ହୋଇଛି। ସେହିଭଳି ବାଲେଶ୍ୱର ୮୮ କିଲୋମିଟର ଉପକୂଳ ମଧ୍ୟରୁ ପ୍ରାୟ ୨୪ ପ୍ରତିଶତ କ୍ଷୟ ହୋଇଥିବାବେଳେ ଏଠାରେ କିନ୍ତୁ ୫୪ ପ୍ରତିଶତ ଉପକୂଳ ବଢିଛି। ଗଞ୍ଜାମରେ ୬୦ କିଲୋମିଟର ଉପକୂଳ ମଧ୍ୟରୁ ୪୫ ପ୍ରତିଶତ କ୍ଷୟ ହୋଇଥିବାବେଳେ ପୁରୀରେ ୧୩୮ କିଲୋମିଟର ଉପକୂଳରୁ ୧୦.୨ ପ୍ରତିଶତ ଓ ଭଦ୍ରକରେ ୭୨ କିଲୋମିଟର ଉପକୂଳ ମଧ୍ୟରୁ ସବୁଠାରୁ କମ୍ ? ୪.୬ ପ୍ରତିଶତ କ୍ଷୟ ହୋଇଥିବା ଦର୍ଶାଯାଇଛି। ଜଗତସିଂହପୁର ଜିଲ୍ ?ଲାରେ କୁସୁପୁର ଠାରୁ ସହଦେବଗଡି ଓ ସହଦେବଗଡି ଠାର ଜଟାଧାରପଣ୍ଡା ପର୍ଯ୍ୟନ୍ତ ଉପକୂଳ ପରିବର୍ତ୍ତନ ହୋଇଥିବାବେଳେ କେନ୍ଦ୍ରାପଡା ଜିଲ୍ଲାରେ ହେଟାମୁଣ୍ଡିଆ, ହୁକିଟୋଲା, ପେଣ୍ଠରୁ ସାତଭାୟା, ସାତଭାୟାରୁ ଗହୀରମଥା ମଧ୍ୟରେ ଏହା ପରିଲକ୍ଷିତ ହେଉଛି। ପୁରୀ ଜିଲ୍ଲାରେ ଚିଲିକା ମୁହାଣ, କେଉଟଜଙ୍ଗା, ଦେବୀନଦୀର ଦକ୍ଷିଣ ପାଶ୍ୱର୍ ଓ ଦେବୀ ନଦୀ ମୁହାଣରେ ସମୁଦ୍ର କୂଳ ବଦଳିବାରେ ଲାଗିଛି। ଗଞ୍ଜାମ ଜିଲ୍ଲାରେ ଗୋପାଳପୁର ବନ୍ଦରର ଉତ୍ତର ପଟ ଏବଂ ମୟୁରପଡା ଠାରୁ ଭ୍ରମରକୁଡି ଏବଂ ଭଦ୍ରକ ଜିଲ୍ଲାର ଅମରନଗର ଠାରେ ସମୁଦ୍ର ଉପକୂଳ ବଦଳୁଛି। ବାଲେଶ୍ୱର ଜିଲ୍ଲାର ବଗଡା, ଚଉମୁଖ, ନାରାୟଣ ମହାନ୍ତି ପଡିଆ, ବିନ୍ଧପଦ୍ମପୁର ରୁ ତଳସାରୀ ମଧ୍ୟରେ ସମୁଦ୍ର କୂଳ ପରିବର୍ତ୍ତନ ହେଉଥିବା ଉଲ୍ଲେଖ କରାଯାଇଛି। ଏଠାରେ ଉଲ୍ଲେଖ କରାଯାଇପାରେ ଯେ କେନ୍ଦ୍ରାପଡା, ଜଗତ୍ ?ସିଂହପୁର ଭଳି ଜିଲ୍ଲାର ଉପକୂଳ ଅଞ୍ଚଳର କେତେକ ସ୍ଥାନରେ ସମୁଦ୍ରକୂଳ ଖାଉଥିବାରୁ ବହୁ ଜନବସତି ସମୁଦ୍ରରେ ଲୀନ ହେବାରେ ଲାଗିଛି। ଉଚ୍ଚ ଜୁଆର ମାଡ ସହିତ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସମୁଦ୍ର କୂଳର ମାନଚିତ୍ର ବଦଳାଇବାରେ ଲାଗିଛି।



# ଗଞ୍ଜାମ ବ୍ଲକରେ ଲକ୍ଷପତି ଦିଦି କର୍ମଶାଳା ଉଦଘାଟିତ

ଗଞ୍ଜାମ,୧୨।୮ :(ମନ୍ଥନ)ଗଞ୍ଜାମ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଲକ୍ଷପତି ଦିଦି କର୍ମଶାଳା ଏବଂ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହାକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗଦେଇ ଶୁଭ ଉଦଘାଟନ କରିଥିଲେ। ବ୍ଲକ ଆଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ଅଚ୍ୟୁତାନନ୍ଦ ଜାନି, ସିଡିପିଓ ସଲୀଳା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଲକ୍ଷପତି ଦିଦି ଯୋଜନାର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ



ପରିପ୍ରେକ୍ଷୀରେ ମହିଳା ମାନଙ୍କ ବିକାଶ ଦେଶର ବିକାଶ ବୋଲି ପ୍ରକାଶ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ସ୍ୱୟଂ ସହାୟିକା ଗୋଷ୍ଠି ମହିଳା ସଦସ୍ୟା ଯୋଗଦେଇ ନିଜ ଦକ୍ଷତା ପ୍ରତିପାଦିତ କରିଥିଲେ । ଶେଷରେ କୃତି ମହିଳା ମାନଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ପି ଆର ଆଇ ମେମ୍ବର ଲାଇନ ଡ଼ିପାର୍ଟମେଣ୍ଟ ଅଧିକାରୀ, ବିପିଏମ ଏସ ଏଚ ଜି ମେମ୍ବର ମହାସଙ୍ଘ ନେତୃବୃନ୍ଦ ଉପସ୍ଥିତ ରହିଥିଲେ ।

# ୫୭ ନମ୍ବର ରାଜ୍ୟ ରାଜପଥର ତାଳବଣୀଆ ନିକଟରେ ପିକ୍ ଅପ ଭ୍ୟାନ ଓଲଟି ୧ ମୃତ,୭ ଗୁରୁତର

ଜଳେଶ୍ୱର,୧୨।୮ :(ମନ୍ଥନ)- ,ଜଳେଶ୍ୱର ଥାନା ଅନ୍ତର୍ଗତ ୫୭ ନମ୍ବର ରାଜ୍ୟ ରାଜପଥର ତାଳବଣୀଆ ନିକଟରେ ଆଜି ଅପରାହ୍ନରେ ଭାରସ୍ୟାମ ହରାଇବା ଯୋଗୁଁ ଏକ ଶ୍ରମିକ ବୋଝେଇ ପିକ୍ ଅପ ଭ୍ୟାନ ଓଲଟି ୧ ମୃତ,୭ ଗୁରୁତର ଓ ୧୫ ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ଭୋଗରାଇ ବ୍ଲକ ଅଞ୍ଚଳରୁ ଚାଷ କାମ ସାରି ପ୍ରାୟ ୬୦ ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କୁ ଧରି ବାଟଗ୍ରାମ -ଜଳେଶ୍ୱର ରାଜ୍ୟ ରାଜପଥରେ ଓଡ଼ି ୦୧ ଜେ -୮୦୬୭ ନମ୍ବର ବିଶିଷ୍ଟ ଏକ ପିକ ଅପ୍ ଭ୍ୟାନ୍ ମୟୂରଭଞ୍ଜ ଅଭିମୁଖେ ଯାଉଥିଲା ।ମାତ୍ର ତାଳବଣୀଆ ନିକଟରେ ଆଜି ଅପରାହ୍ନ ପ୍ରାୟ ୩.୩୦ ମିନିଟରେ ଉକ୍ତ ଗାଡ଼ିଟି ସାମ୍ନାରେ ଯାଉଥିବା ଏକ ଅଟୋକୁ ଅତିକ୍ରମ କରିବା ପାଇଁ ଉଦ୍ୟମ କରିବା ମାତ୍ରେ ହଠାତ୍ ଭାରସ୍ୟାମ ହରାଇ ରାସ୍ତା ଉପରେ ଓ ପଡ଼ିଥିଲା ।ଫଳରେ ଗାଡ଼ିରେ ଯାଉଥିବା ପୁରୁଷ ଓ ମହିଳା ଶ୍ରମିକ ମାନେ ପିକ୍ ଅପ ଭ୍ୟାନ ତଳେ ଚାପି ଯିବା ଫଳରେ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଯାଇଥିଲା ।ଖବର ପାଇ ନାମ୍‌ପୋ ଫାଣ୍ଡି ଅଧିକାରୀ କରନ ମାରାଣ୍ଡି,ସରପଞ୍ଚ ପ୍ରତିନିଧି ଅରୁଣ କୁମାର ରାଉଳ,ବିଜେପି ପଞ୍ଚାୟତ ସଭାପତି ଜଗଦୀଶ ପ୍ରଧାନ,କଂଗ୍ରେସ ନେତା ଗୋପାଳ କୃଷ୍ଣ ଜେନା ପ୍ରମୁଖ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଗୁରୁତର ଆହତ ହୋଇଥିବା ଶ୍ରମିକ ମାନଙ୍କୁ ଉଦ୍ଧାର କରିଥିଲେ।

# ୪ମାସ ହେବ ମିଳୁନି ଭତ୍ତା: ଦୁର୍ଦ୍ଦିନରେ ବୃଦ୍ଧ,ବୃଦ୍ଧା ଭିନ୍ନକ୍ଷମ

କେନ୍ଦ୍ରାପଡ଼ା,୧୨।୮ :(ମନ୍ଥନ)ବିଗତ ୪ମାସ ହେବ ମିଳୁନି ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ଭତ୍ତା। ଫଳରେ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଦୁର୍ଦ୍ଦିନ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳିଛି। ପରିଣତ ବୟସରେ ପ୍ରତ୍ୟେକ ମାସରେ ମିଳୁଥିବା ଏହି ଭତ୍ତା ଗଣ୍ଡାକୁ ଆଶ୍ରାକରି ସେମାନେ କୌଣସି ପ୍ରକାର ଚଳି ଯାଉଥିଲେ। କିନ୍ତୁ ଗତ ୪ମାସ ହେବ ଭତ୍ତା ଗଣ୍ଡାକ ନମିଳିବାରୁ ଏହା ଉପରେ ଆଶ୍ରାକରି ଜୀବନ ବିତାଉଥିବା ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାର ସମାଜର ଅସହାୟ, ନିଃସ୍ୱ, ଦରିଦ୍ୟ ଓ ଭିନ୍ନକ୍ଷମମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇ ଦେଇ ସେମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ନିମନ୍ତେ ଏଭଳି ଯୋଜନାମାନ ପ୍ରଣୟନ କରିଛନ୍ତି। କିନ୍ତୁ ଏହିସବୁ ସାମାଜିକ ନିରାପତ୍ତା ଯୋଜନାର ସୁଫଳ ଯଦି ସେହିମାନଙ୍କୁ ନମିଳେ ଯାହାଙ୍କ ପାଇଁ ଏହା ପ୍ରଣୟନ ହୋଇଛି ତେବେ ଏତେସବୁ ଯୋଜନା କେବଳ ଯାହା ଲକ୍ଷ୍ୟଭ୍ରଷ୍ଟ ହେବା ବ୍ୟତୀତ ଆଉ କିଛି ମାନେ ନାହିଁ ବୋଲି ଭତ୍ତା ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ପରିବାର ସଦସ୍ୟ କହିଛନ୍ତି। ସରକାରଙ୍କ ଏଭଳି ଯୋଜନାରେ ଯୋଡି ହୋଇଥିବା ନିଃସ୍ୱ, ଅସହାୟ, ଅବହେଳିତ ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମମାନେ ଯଦି ସେଥିରୁ ବଞ୍ଚିତ ହୁଅନ୍ତି ଓ ଏହାମଧ୍ୟରେ କିଛି ଅଘଟଣ ଘଟେ ତେବେ ଏଭଳି ଯୋଜନାର ମୂଲ୍ୟ କ'ଣ ବୋଲି ହିତାଧିକାରୀମାନେ ପ୍ରଶ୍ନ କରିଛନ୍ତି।୬୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ମାତ୍ର ଏକ ହଜାର ଟଙ୍କା, ୮୦ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାତ୍ର ମାସିକ ସାଢେ ୩ହଜାର ଟଙ୍କା ଯୋଗାଇବାରେ ବିଜେପି ସରକାର ବିଫଳ ହୋଇଛି ବୋଲି ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ କହିଛନ୍ତି। ସେ କହିଛନ୍ତି ଯେଉଁ ରାଜ୍ୟରେ ସରକାର ବୃଦ୍ଧ, ବୃଦ୍ଧା ଓ ଭିନ୍ନକ୍ଷମ ଅସହାୟମାନଙ୍କ ବିପଦରେ ଛିଡା ହୋଇପାରୁ ନାହାନ୍ତି ସେଠାରେ ସରକାର ଅନ୍ୟ ଦିଗ ପ୍ରତି କିପରି ଯତ୍ନବାନ ହେବେ। ତେଣୁ ବାସ୍ତବରେ ବିଜେପି ସରକାର ଚଳାଇବାରେ ନିଜକୁ ଭିନ୍ନକ୍ଷମ ବୋଲି ପରିଚୟ ଦେଇଛି। ଏହି ଭିନ୍ନକ୍ଷମ ସରକାର କିପରି ଭିନ୍ନକ୍ଷମ ଲୋକମାନଙ୍କୁ ଭତ୍ତା ଦେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ପରିଣତ ବୟସରେ ଏହି ଭତ୍ତା ଉପରେ ନିର୍ଭରକରି ଚଳୁଥିବା ୮୬ବର୍ଷର ବୃଦ୍ଧ ଭରତପୁର ଗ୍ରାମପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ରାଜକିଶୋର ମହାନ୍ତି, ହରିଡାଦଣ୍ଡା ଗ୍ରାମର ଶରତ ସାମଲ, ଭରତପୁର ଗ୍ରାମର ଶ୍ରୀଧର କୁମାର ସ୍ୱାଇଁଙ୍କ ସମେତ ବହୁ ଭିନ୍ନକ୍ଷମ, ବୃଦ୍ଧ ଓ ବୃଦ୍ଧାମାନେ ଏ ନେଇ ପ୍ରଶାସନ ଓ ସରକାରଙ୍କୁ ପ୍ରଶ୍ନ କରିଛନ୍ତି । ଏସମ୍ପର୍କରେ କେନ୍ଦ୍ରାପଡା ବିଡିଓ ଅଭିଷେକ ସ୍ୱାଇଁଙ୍କୁ ପଚାରିବାରେ ସେ କହିଲେ ରାଜ୍ୟ ସ୍ତରରୁ ଭତ୍ତା ହିତାଧିକାରୀଙ୍କ ଆକାଉଣ୍ଟକୁ ଅର୍ଥ ଆସୁନି। କିଛି ବୈଷୟିକ ତ୍ରୁଟି ଯୋଗୁଁ ଏଭଳି ହୋଇଛି । ଆମେ ଏସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛୁ। ଖୁବଶୀଘ୍ର ଏହି ସମସ୍ୟାର ସମାଧାନ ହୋଇଯିବ ବୋଲି ବିଡିଓ ଶ୍ରୀ ସ୍ୱାଇଁ କହିଛନ୍ତି।

# ସ୍ତ୍ରୀକୁ କିରୋସିନି ଢାଳି ନିଆଁ ଲଗାଇ ହତ୍ୟା ଘଟଣା ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡାଦେଶ

କୋଦଳା,୧୨।୮ :(ମନ୍ଥନ)ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୁଢାମ୍ବ ଠାରେ ବିବାହର ୮ ବର୍ଷ ପରେ ସ୍ତ୍ରୀ କୁ କିରୋସିନି ଢାଳି ନିଆଁ ଲଗାଇ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। କୋଦଳା ସ୍ଥିତ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଶ୍ୱ ରଞ୍ଜନ ବେହେରା ଉକ୍ତ ମାମଲାର ଆଜି ରାୟ ପ୍ରକାଶ କରିଛନ୍ତି । ଅଭିଯୁକ୍ତ ସ୍ୱାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଅତିରିକ୍ତ ଜିଲ୍ଲା ଦୌରାଜଜ୍। ଏଥି ସହିତ ୫୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ସତ୍ତ୍ୱେ ଅଧିକ ୬ ମାସ କାରାଦଣ୍ଡାଦେଶ




ହୋଇଥିବା ରାୟରେ ଉଲ୍ଲେଖ କରିଛନ୍ତି କୋର୍ଟ ।ସୂଚନା ମୁତାବକ ଗତ ୧୧ ଅକ୍ଟୋବର ୨୦୨୨ ରେ ବୁଢାମ୍ବ ଠାରେ ସ୍ତ୍ରୀ କୁଂ ଯୌତୁକ ପାଇଁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ସ୍ୱାମୀ ସଦାମ ହୁସେନ୍ ନିଜ ସ୍ତ୍ରୀ ସନିମା ବିବିଙ୍କୁ କିରୋସିନି ଢାଳି ନିଆଁ ଲଗାଇ ଦେଇଥିଲେ ।ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିଛି ଦିନ ହସ୍ପିଟାଲରେ ଜୀବନ ମରଣ ସହ ସଂଘର୍ଷ କରି ଶେଷରେ ପିଡିତା ମହିଳାଙ୍କ ଗତ ୨୩ ଡିସେମ୍ବର ୨୦୨୨ ରେ ମୃତ୍ୟୁ ଘଟିଥିଲା। ଏହି ମାମଲାରେ ସ୍ୱାମୀ ସଦାମ ହୁସେନ୍ , ଶାଶୁ ସାଇରା ଭାନୁ, ୨ ନଣନ୍ଦ ସାଜିଦା ବିବି, ଓ୍ୱାହିଦା ବିବିଙ୍କ ନାମରେ କବିସୂର୍ଯ୍ୟନଗର ଥାନାରେ ମାମଲା ରୁଜୁ ହୋଇଥିଲା। ତେବେ କୋର୍ଟ ମୋଟ ୨୧ ଜଣ ସାକ୍ଷୀଙ୍କ ବୟାନକୁ ଭିତି କରି ସ୍ୱାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଶାଶୁ ଓ ୨ ନଣନ୍ଦଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମୁଖ୍ୟ ଅଭିଯୁକ୍ତ ସ୍ୱାମୀକୁଂ କୋଦଳା ଉପ କାରାଗାରକୁ ପଠାଇ ଦିଆଯାଇଛି।

# ମାଲପଡା ନାଗରିକ କମିଟିର ବୈଠକ

ବଲାଙ୍ଗିର,୧୨।୮ :(ମନ୍ଥନ)ମାଲପଡା ନାଗରିକ କମିଟିର ବୈଠକ ସଭାପତି ଗୋପବନ୍ଧୁ ପୁରୋହିତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ପଡାର କେତେକ ବ୍ୟକ୍ତିଙ୍କ ପରଲୋକ ହୋଇଥିବାର ତାଙ୍କ ଆତ୍ମା ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା । ଏହି ବୈଠକରେ ପଡାର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା । ମାଲପଡାର ପରିବେଶ ସୁରକ୍ଷା ପାଇଁ ପଡାର ବିଭିନ୍ନ ସ୍ଥାନ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋଚନା ହୋଇଥିଲା । ଅନ୍ୟ ଏକ ଆଲୋଚନା କ୍ରମେ ବିଦ୍ୟୁତ ବିଭାଗ ଦ୍ୱାରା ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ଜନସାଧାରଣ ଅସୁବିଧା ସମ୍ମୁଖିନ ହେଉଛନ୍ତି ତେଣୁ ଏହି ଅଘୋଷିତ ବିଦ୍ୟୁତ କାଟ ବନ୍ଦ କରିବା ପାଇଁ ବିଦ୍ୟୁତ ବିଭାଗର ଦୃଷ୍ଟି



ଆକର୍ଷଣ ପାଇଁ ପ୍ରସ୍ତାବ ଗୃହିତ ହୋଇଥିଲା । ସହରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏବଂ କୁକୁରମାନଙ୍କର ଆକ୍ରମଣର ଶୀକାର ହୋଇ ଜନସାଧାରଣ ଆତଙ୍କିତ ହେଉଛନ୍ତି ଏବଂ ଜଳାତଙ୍କ ରୋଗର ଶିକାର ହେଉଛନ୍ତି ତେଣୁ ଏହି ବୁଲା କୁକୁରମାନଙ୍କୁ ଦୂର ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ପାଇଁ ପୌର ପାଳିକା ର ଦୃଷ୍ଟି ଆକର୍ଷଣ କରିବାକୁ ମତପ୍ରକାଶ ପାଇଥିଲା । ମାଲପଡା ସ୍କୁଲର ଭିଷଣ ବର୍ଷାରେ ବାଡା ଓ କୋଠରୀ ଭାଙ୍ଗିଯାଇଥିବା ରୁ ତାକୁ ପୌର ପାଳିକା ଦ୍ୱାରା ନିର୍ମାଣ କରାଯାଇ ସମ୍ପୂର୍ଣ୍ଣ କରାଯାଇଥିବାରୁ ସଭ୍ୟମାନେ ପୌର ପାଳିକା କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଏହି ଆଲୋଚନାରେ ସଂଘର ଉପସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ପଂଚାନନ ସେଠ, ସହ-ସଂପାଦକ ଅଶୋକ କୁମାର ରଥ, କୋଷାଧ୍ୟକ୍ଷ ଦିବାକର ହୋତା, ବରିଷ୍ଠ ସଭ୍ୟ ବିମଳ କୁମାର ଚକ୍ରବର୍ତ୍ତି, ଦୟାସାଗର ବଗର୍ତ୍ତି, ନିମାଇଁ ଚରଣ ଦାଶ, ସୂର୍ଯ୍ୟଭାନୁ ମିଶ୍ର, ସନ୍ତୋଷ କୁମାର ସାହୁ, ସୁରେଶ ଚନ୍ଦ୍ର ଅଗ୍ରୱାଲ, ଦେବଜ୍ୟୋତି ଯୋଷୀ, ଶିବ ପ୍ରସାଦ ଶତପଥି, ଛବିଲାଲ ବେହେରା ଆଦି ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ଅଶୋକ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁଣି ଧସିଲା ମୁଡେଗାଇ ନଦୀବନ୍ଧ

ଗୋପ, ୧୨।୮ :(ମନ୍ଥନ)ବାରମ୍ବାର ଧସୁଛି ମୁ ଗେଇ ବନ୍ଧ। ଯାହାକୁ ନେଇ ଭୟଭୀତ ଗୋପ ତଭାର ପଞ୍ଚାୟତର ଇଟାକୁ ଦ ଗ୍ରାମବାସୀ । ପରିବାର ଆତଙ୍କିତ ଅବସ୍ଥାରେ ଦିନ କାଟୁ ଛତି । ନିମାପଡ଼ା ଜଳସମ୍ପଦ ବିଭାଗ ଅଧୀନରେ ରହିଛି ମୁଗେଇ ନଦୀବନ୍ଧ। ଏହାର ସୁଦୃଢ଼ୀକରଣ ନିମନ୍ତେ ରାଜ୍ୟ ୯୦ ସରକାର ପ୍ରାୟ ୫ କୋଟି ଲକ୍ଷ ଟଙ୍କା ଖର୍ଚ୍ଚ କରିଛେ ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଏହି ଏହା ଖୁବ୍ କମ୍ ଦିନରେ ନଷ୍ଟ ହୋ ହୋଇଗଲା ।ମୁ ଗେଇ ନଦୀ ନଦୀବନ୍ଧ ଓ ଧନୁଆ ନଦୀର ସଂ ସଂଯୋଗ ପାଗଳା ସ୍ଥଳ ନିକଟରେ ରହିଛି ଇଟାକୁଦ ଗାଁ । ଏହା ନଦୀବନ୍ଧକୁ ଲାଗିଛି । ଇଟାକୁଦ ଗ୍ରାମରୁ ଏକ ସଂଯୋଗୀକରଣ ରାସ୍ତା ତଭାର ନିକଟ ଗୋପବନ୍ଧୁଙ୍କ ଜନ୍ମସ୍ଥଳୀକୁ ରହିଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶତାଧିକ ଲୋକ ଯାତାୟାତ କରନ୍ତି । ଗାଁ ଓ ରାସ୍ତାର ସୁରକ୍ଷା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି। ହେଲେ ସବୁକିଛି ଭୟଭୀତ ଇଟାକୁଦ ଗ୍ରାମବାସୀ ନଦୀ ଗର୍ଭରେ ର ଲୀନ ହୋଇଯିବାର ଆଶଙ୍କା ପ୍ରକାଶ ପାଇଛି।୪୬ ବେ ଲଗାଣ ବର୍ଷାରେ ବନ୍ଧର ପ୍ରାୟ ୫୦୦ ମିଟର ଚବି ନଦୀ ଗର୍ଭକୁ ଧସି ଯାଇଛି । କେତେବେଳେ କିଛି ବି ଅଘଟଣ ଘଟିପାରେ। ର। ତୁରନ୍ତ ନଦୀବନ୍ଧର ସ୍ଥାୟୀ ମରାମତି ଲାଗି ତଭାର । ସମିତି ସଭ୍ୟା ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁଜଣାଇଲେଣି। ହେଲେ କିଛି ସୁଫଳ ମିଳୁନି। ଜୁନି । ଯାହାକୁ ନେଇ ଗ୍ରାମବାସୀଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରଗ ପ୍ରକାଶ ପାଇଛି ।

# ଧଳତଙ୍ଗ ଗଡର ଅନନ୍ୟ ପ୍ରତିଭା

ଜଗତସିଂହପୁର,୧୨।୮ :(ମନ୍ଥନ)ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତର ଧଳତଙ୍ଗ ଗଡ ହେଉଛି କବି ପ୍ରତିଭା ରାଣୀ ରାୟଙ୍କ କର୍ମଭୂମି । ପ୍ରାକୃତିକ ପରିବେଶ ମଧ୍ୟରେ ସେ ସୃଷ୍ଟି କରିଛନ୍ତି ବହୁ କବିତା ଓ ଗଦ୍ୟ ସାହିତ୍ୟ। ଭକ୍ତି ଅଞ୍ଜଳି, ନୈବେଦ୍ୟ, କୈବଲ୍ୟ ନିଧି, ସ୍ମୃତିର ପାଦ ଚିହ୍ନ ଏବଂ ପଦଚିହ୍ନ ପୁସ୍ତକ ତାଙ୍କର ଅନବଦ୍ୟ ସୃଷ୍ଟି। ଶ୍ରୀମତୀ ରାୟଙ୍କ 'ସାଇଁ ସଗଡି' କବିତା କୁନିକୁନି ପିଲାଙ୍କ ପାଠ୍ୟପୁସ୍ତକରେ ସ୍ଥାନ ପାଇଛି । ତାଙ୍କ ଲେଖାରେ ଜନ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଥାଏ। ଏକାଧାରରେ ପ୍ରତିଭା ରାଣୀ ଜଣେ ସମାଜସେବୀ, ସାହିତ୍ୟିକ, ସାମ୍ବାଦିକ ଓ ଜ୍ୟୋତିର୍ବିଦ ଅଟନ୍ତି। ସ୍ୱାମୀ ଜଣେ ତବଲା ବାଦକ, ବଡ଼ପୁଅ ସ୍କ୍ରିପ୍ଟ ରାଇଟର, ସାନପୁଅ ଓ ଝିଅ କଳା ଶିକ୍ଷକ ଅଟନ୍ତି। କଳାକାର ପରିବାରରେ କଳାର ପୂଜାରୀଣି ପ୍ରତିଭା ରାଣୀଙ୍କ ଜୀବନ ଶୈଳୀ ସ୍ୱତନ୍ତ୍ର ଏବଂ ସାଧାରଣ। ସାହିତ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନରୁ ସେ ସମ୍ମାନୀତ ହୋଇଛନ୍ତି। ଜଗତସିଂହପୁରରୁ ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସହ ମଳୟ ପାଣିଙ୍କ ରିପୋର୍ଟ ଟିଭି ଓ୍ୱାନ ଇଣ୍ଡିଧଳତଙ୍ଗ ଗଡର ଅନନ୍ୟ ପ୍ରତିଭାଆଙ୍କର-ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତର ଧଳତଙ୍ଗ ଗଡ ହେଉଛି କବି ପ୍ରତିଭା ରାଣୀ ରାୟଙ୍କ କର୍ମଭୂମି । ପ୍ରାକୃତିକ ପରିବେଶ ମଧ୍ୟରେ ସେ ସୃଷ୍ଟି କରିଛନ୍ତି ବହୁ କବିତା ଓ ଗଦ୍ୟ ସାହିତ୍ୟ। ଭକ୍ତି ଅଞ୍ଜଳି, ନୈବେଦ୍ୟ, କୈବଲ୍ୟ ନିଧି, ସ୍ମୃତିର ପାଦ ଚିହ୍ନ ଏବଂ ପଦଚିହ୍ନ ପୁସ୍ତକ ତାଙ୍କର ଅନବଦ୍ୟ ସୃଷ୍ଟି। ଶ୍ରୀମତୀ ରାୟଙ୍କ 'ସାଇଁ ସଗଡି' କବିତା କୁନିକୁନି ପିଲାଙ୍କ ପାଠ୍ୟପୁସ୍ତକରେ ସ୍ଥାନ ପାଇଛି । ତାଙ୍କ ଲେଖାରେ ଜନ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଥାଏ। ଏକାଧାରରେ ପ୍ରତିଭା ରାଣୀ ଜଣେ ସମାଜସେବୀ, ସାହିତ୍ୟିକ, ସାମ୍ବାଦିକ ଓ ଜ୍ୟୋତିର୍ବିଦ ଅଟନ୍ତି। ସ୍ୱାମୀ ଜଣେ ତବଲା ବାଦକ, ବଡ଼ପୁଅ ସ୍କ୍ରିପ୍ଟ ରାଇଟର, ସାନପୁଅ ଓ ଝିଅ କଳା ଶିକ୍ଷକ ଅଟନ୍ତି। କଳାକାର ପରିବାରରେ କଳାର ପୂଜାରୀଣି ପ୍ରତିଭା ରାଣୀଙ୍କ ଜୀବନ ଶୈଳୀ ସ୍ୱତନ୍ତ୍ର ଏବଂ ସାଧାରଣ। ସାହିତ୍ୟ ପାଇଁ ବିଭିନ୍ନ ଅନୁଷ୍ଠାନରୁ ସେ ସମ୍ମାନୀତ ହୋଇଛନ୍ତି।

## ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ ଠକେଇ ଅଭିଯୋଗ

# ତାତିଲେ ଲୋକେ, ପୋଲିସର ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣାଧୀନ

କୁକୁଡାଖଣ୍ଡି ,୧୨।୮ :(ମନ୍ଥନ) ଦିଗପହଣ୍ଡି - ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥ ପିତାମ୍ବରପୁର ଗ୍ରାମ ନିକଟରେ ଥିବା ଏକ ପେଟ୍ରୋଲ ପମ୍ପରେ ମଙ୍ଗଳବାର ଜଣେ ଗ୍ରାହକଙ୍କ ବାଇକ ରେ ପେଟ୍ରୋଲ ଭରିବା ବେଳେ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାହକ ଜଣକ ସନ୍ଦେହ କରି ଆପତ୍ତି କରିବା ପରେ ଉପସ୍ଥିତ କର୍ମଚାରୀ ଙ୍କ ସହ ତାଙ୍କର ଯୁକ୍ତିତର୍କ ଓ ବଚସା ହୋଇଥିଲା ।ପାଟପୁର ଥାନା ମାଟିଆବୋରେଇ ଗ୍ରାମର କେଶବ ପାତ୍ର ତାଙ୍କ ବଜାଜ ପଲସର ବାଇକ (ନଂ.ଓଡ଼ି୦୭ଏ ଡବ୍ଲ୍ୟୁ-୦୧୫୦) ରେ ପେଟ୍ରୋଲ ପକାଇବାକୁ ମଙ୍ଗଳବାର ସକାଳେ ଉକ୍ତ ପେଟ୍ରୋଲ ପମ୍ପ କୁ ଯାଇଥିଲେ ।ଉପସ୍ଥିତ ପେଟ୍ରୋଲ ପମ୍ପ କର୍ମଚାରୀ ଙ୍କୁ ତେଲ ଟାଙ୍କି ପୁରା ଭର୍ତ୍ତି କରିବାକୁ କହିଥିଲେ। ଟାଙ୍କି ଭର୍ତ୍ତି ହେବା ପରେ କର୍ମଚାରୀ ଜଣକ ତାଙ୍କୁ ୧୭ ଲିଟର ପେଟ୍ରୋଲ ର ଟଙ୍କା ଦେବାକୁ କହିଥିଲେ। କେଶବ ଟଙ୍କା ଦେଇ ଫେରିଥିଲେ ।ପରେ ସେ ବାଇକ କ୍ରୟ ସମୟର ମାନୁଏଲ୍ ବହି



ଦେଖିବା ପରେ ବାଇକ ଟାଙ୍କି ର ସମୁଦାୟ କ୍ଷମତା (କାପାସିଟି) ୧୫ ଲିଟର ଥିବା ଉଲ୍ଲେଖ ଥିଲା। ଟାଙ୍କି ରେ ପେଟ୍ରୋଲ ଧାରଣ କ୍ଷମତା ୧୫ ଲିଟର ହୋଇଥିବା ବେଳେ ୧୭ ଲିଟର ପେଟ୍ରୋଲ କିଭଳି ରହିଲା ବୋଲି ସେ ସନ୍ଦେହ କରି ପୂର୍ବାହ୍ନ ପ୍ରାୟ ସାଢେ ୧୧ ଟାରେ ସମ୍ପୃକ୍ତ ପେଟ୍ରୋଲ ପମ୍ପ ରେ ପହଞ୍ଚି ଉପସ୍ଥିତ କର୍ମଚାରୀ ଙ୍କୁ ଏନେଇ ପ୍ରଶ୍ନ କରିଥିଲେ ।ପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହେବାରୁ ପେଟ୍ରୋଲ ପମ୍ପ ର ସମସ୍ତ କର୍ମଚାରୀ ସେଠାରେ ପହଞ୍ଚି ଗ୍ରାହକ ଙ୍କୁ ଧମକାଇ ଥିଲେ। ଏନେଇ ଗ୍ରାହକ ଜଣକ ତାଙ୍କ ଗାଁ ସାଙ୍ଗ ସାଥୀ ଙ୍କୁ ଫୋନ କରି ଜଣାଇବାରୁ ଗାଁ ରୁ ପ୍ରାୟ ଶତାଧିକ ଯୁବକ ସେଠାରେ ପହଞ୍ଚିଥିଲେ। ପରେ କେଶବ ରାସ୍ତାରେ ଯାଉଥିବା ଲୋକଙ୍କୁ ଡକାଇ ପ୍ରକୃତ ଘଟଣା କହିବାରୁ ଲୋକେ ଉତ୍ତ ?ଜିତ ହୋଇ ହୋ - ହଲ୍ଲା କରିବା ସହ ଘଟଣାର ପ୍ରତିବାଦ କରିଥିଲେ ଫଳରେ ପ୍ରବଳ ଉତ୍ତ ?ଜନା ପ୍ରକାଶ ପାଇଥିଲା ।ଖବର ପାଇ ଦିଗପହଣ୍ଡି ଥାନା ଏଏସଆଇ ମନୋଜ ସିଂ ଏବଂ ଦିଲ୍ଲୀପ ଗରଡ଼ା ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲେ। ପରେ ପେଟ୍ରୋଲ ପମ୍ପର ସିଲ୍ ଗୁଡିକର ସଠିକତା ଯାଞ୍ଚ କରିବା ପରେ କିଛି ଗ୍ରାହକଙ୍କ ଉପସ୍ଥିତିରେ ଏକ ସ୍ୱଚ୍ଛ ଜାରକୁ ୫ ଲିଟର ପେଟ୍ରୋଲ ବାହାର କରି ମ୍ୟାସିନ ପ୍ରଦର୍ଶିତ ପରିମାଣ ସହ ଜାରର ପରିମାଣ ମଧ୍ୟରେ ସାମଞ୍ଜସ୍ୟ ସମ୍ପର୍କରେ ତନଖି କରାଯାଇଥିଲା ।ତେବେ ସେହି ସମୟରେ ଉଭୟ ମ୍ୟାସିନ ଓ ଜାରର ମାପ ପ୍ରାୟତଃ ଠିକ୍ ଥିବା ଜଣାପଡିଥିଲା ।ସେହିପରି ପୋଲିସ ଉପସ୍ଥିତିରେ ସମ୍ପୃକ୍ତ ଗ୍ରାହକ ଙ୍କ ବାଇକ ତେଲ ଟାଙ୍କିରୁ ସମସ୍ତ ପେଟ୍ରୋଲ ବାହାର କରି ପୁଣି ଥରେ ମାପ କରିବା ପରେ ୧୮ ଲିଟର ହୋଇଥିଲା। ପେଟ୍ରୋଲ ପମ୍ପ କର୍ମଚାରୀ ଗ୍ରାହକ ଙ୍କୁ କୌଣସି ଠକେଇ କରିନଥିବା ସ୍ପଷ୍ଟ ହୋଇଥିଲା। ତଥାପି ଗ୍ରାହକ ଏବଂ ଉପସ୍ଥିତ ଯୁବକ ମାନେ ଏହାକୁ ମାନି ନଥିଲେ। ପୋଲିସ ଅଧିକାରୀ ମାନଙ୍କ ସହ ଯୁକ୍ତିତର୍କ କରିଥିଲେ ।ପୋଲିସ ସେମାନଙ୍କୁ ବୁଝାଇ ସେଠାରୁ ଘୋଡ଼ାଇ ଦେଇଥିବା ଜଣାପଡିଛି। ଏନେଇ କୌଣସି ପକ୍ଷ ସନ୍ଧ୍ୟା ସୁଦ୍ଧା ଥାନାରେ ଏତଲା ଦେଇନାହାନ୍ତି। ପୋଲିସ ଅଧିକାରୀ ମନୋଜ ସିଂ ଙ୍କୁ ପଚାରିବାରୁ ବଜାଜ ପଲସର ବାଇକ କ୍ରୟ ସମୟରେ ଦିଆଯାଇଥିବା ମାନୁଏଲ ବହି ରେ ତେଲ ଟାଙ୍କି ର କ୍ଷମତା ୧୫ ଲିଟର ଉଲ୍ଲେଖ ଥିଲେ ମଧ୍ୟ ରିଜର୍ଭ ରେ ପ୍ରାୟ ଅଧିକା ୩ ଲିଟର ପେଟ୍ରୋଲ ରହିଥାଏ। ତେଣୁ ଗ୍ରାହକ ଜଣକ ପ୍ରକୃତ ତଥ୍ୟ ନଜାଣି ଭ୍ରମରେ ଏଭଳି ଅଭିଯୋଗ କରିଥିଲେ ବୋଲି କହିଛନ୍ତି।

## ହାତରେ ବନ୍ଧୁକ ଧରି ଗାଁରେ

# ଆତଙ୍କରାଜ, ବନ୍ଧୁକ ଜବତ, ଜଣେ ଗିରଫ

ବୁଗୁଡ଼ା, ୧୨।୮ :(ମନ୍ଥନ)ବୁଗୁଡ଼ା ଥାନା ମାଣିତରା ପଞ୍ଚାୟତ ଅନ୍ତର୍ଗତ ତାମ୍ବିରି ଗ୍ରାମରେ ହାତରେ ବନ୍ଧୁକ ଧରି ଆତଙ୍କ ଖେଳାଉଥିବା ବେଳେ ପୋଲିସ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିକୁ ଗିରଫ କରିବା ସହ ଚୋରା ବନ୍ଧୁକ ଜବତ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ତାମ୍ବିରି ଗ୍ରାମର ଜଗନ୍ନାଥ ପ୍ରଧାନ (୪୧) । ଗତକାଲି ରାତ୍ରିରେ



ଜଗନ୍ନାଥ ନିଶାଗ୍ରସ୍ତ ଅବସ୍ଥାରେ ହାତରେ ବନ୍ଧୁକ ଧରି ନାଚିଦେବି ନାଚିଦେବି ବୋଲି ଗୁରାଳି ଛାଡୁଥିବା ବେଳେ ପେଟ୍ରୋଲିଂରେ ଯାଇଥିବା ପୋଲିସ ଟିମ ତାଙ୍କୁ କାବୁ କରି ନେଇଥିଲେ । ଏ ନେଇ କେସ ନଂ ୩୯୩/ ୨୬ରେ ଏକ ମାମଲା ରୁଜୁ କରି ଆଜି ଜଗନ୍ନାଥଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସଆଇ ଅଜୟ କୁମାର ମଲ୍ଲିକଙ୍କଠାରୁ ପ୍ରକାଶ ପାଇଛି ।

# କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ଡାକରାରେ ବଲାଙ୍ଗିର ଏଆଇଟିୟୁସି ତରଫରୁ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ

ବଲାଙ୍ଗିର,୧୨।୮ :(ମନ୍ଥନ)କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କିଶାନ ମୋର୍ଚ୍ଚା ଡାକରାରେ ବଲାଙ୍ଗିର ଏଆଇଟିୟୁସି ଜିଲ୍ଲା କମିଟି ସଭାପତି ତୀର୍ଥ ପଧାନଙ୍କ ନେତୃତ୍ୱରେ ଶ୍ରମିକମାନଙ୍କର ବିଭିନ୍ନ ଦାବି ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଏହି ବିକ୍ଷୋଭ ଦାବି ଗୁଡିକ ମଧ୍ୟରେ ଶ୍ରମିକ ବିରୋଧି ୪ଟି ଶ୍ରମକୋଡ ବାତିଲ କର, ଶ୍ରମିକ ବିରୋଧି ଅଧ୍ୟାଦେଶ ରଦ୍ଦ କର ଓ ଶ୍ରମିକ ସୁରକ୍ଷାକୁ ବୁର୍ନିବାହାଲ କର, ସମସ୍ତ ମହିଳା ସ୍କିମ ଓ୍ୱାର୍କର ଯଥା ଆଶା କର୍ମୀ, ପାଚିକା, ଅଙ୍ଗନୱାଡି କର୍ମୀଙ୍କୁ ଓ୍ୱାର୍କର ମାନ୍ୟତା ପ୍ରଦାନ କର, ମାସିକ ସର୍ବନିମ୍ନ ମଜୁରି ୨୬ହଜାର ଟଙ୍କା ପ୍ରଦାନ , ସାମାଜିକ ସୁରକ୍ଷା ସଂପ୍ରସାରଣ, ସରକାରୀ ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା କୁ ସୁଦୃଢ କର, କଳା ଆଇନ ଗୁଡିକୁ ପ୍ରତ୍ୟାହାର କର ଇତ୍ୟାଦି ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇ ବଲାଙ୍ଗିର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି । ଏହି ବିକ୍ଷୋଭ




ସମାବେଶରେ ଏଆଇଟିୟୁସି ବଲାଙ୍ଗିର ଜିଲ୍ଲା ର ସହ ସଂପାଦକ ସାଏବୁ ନନ୍ଦ, ନିଖିଳ ଓଡିଶା ଆଶା କର୍ମୀ ସଂଘର ବଙ୍ଗୋମୁଣ୍ଡା ବ୍ଲକ କମିଟି ସଭାପତି ଅହଲ୍ୟା ବାଗ, ସଂପାଦିକା ପ୍ରେମ ମଂଜରି ମହାନନ୍ଦ, କଣ୍ଟାବାଞ୍ଜି ସହରଂଚଳର ସଭାପତି ଜୁଲି କେନେଡି, ଗାନ୍ଧାରି ବେହେରା, ଜେମା ସେଠ, ତୁରେକେଲା ବ୍ଲକ କମିଟିର ସଭାପତି ବନୀତା ପୁଟେଲ, ପ୍ରଭାତି ବାରିକ, ତପସ୍ୱିନୀ ଖର୍ସେଲ, ଖପ୍ରାଖୋଲ ବ୍ଲକ କମିଟିର ଉପସଭାପତି ମଂଜୁଲତା ସୁନା, ପଦ୍ମାବତୀ ମେହେର, ବିଜୟା ସାହୁ, ବେଲପଡା ବ୍ଲକ କମିଟିର ସଂଯୋଜିକା ଲତା ପୁଟେଲ, ଭୂମିସୂତା ଭୁଏ, ତୁଳାବତୀ ସାହୁ, ବଲାଙ୍ଗିର ବ୍ଲକ କମିଟି ଉପସଭାପତି ମୀନାକ୍ଷି ଜେନା, ସୁଜାତା ସେଠ, ମାନଷି ଧରୁଆ, ଅମୂଲ୍ୟ ବେହେରା, ପୁଷ୍ପାଞ୍ଜଳି କର୍ତ୍ତ, ଦୁଃଖି ଭୁଲ୍ତା, ପିଙ୍କି ସିଂଦେଓ, ସ୍ୱେତପଦ୍ମା ପଟେଲ, ମୈଥିଲି ମଲ୍ଲିକ, ଦମୟନ୍ତି ସାହୁ, ଯଶୋବନ୍ତି ସରାଫ, ସଇଁନ୍ତଳା ବ୍ଲକ କମିଟି ସଭାପତି ଶୋଭାଗିନି ବାଗ, କୁନି ଛତ୍ରିଆ, ପଦ୍ମିନୀ ସୁନା, ସନ୍ତୋଷିନୀ ରଣା, ଆଗଲପୁର ବ୍ଲକ କମିଟିର ସଂପାଦିକା ହରିପ୍ରୀୟା କୁମ୍ଭାର, ଟିଟିଲାଗଡ ସହରଂଚଳ କମିଟିର ସଭାପତି ଭୂମିସୂତା ବେହେରା, କବିତା ମହାନ୍ତି, ଭାଗ୍ୟବତୀ ଷାଣ୍ଡ, ନିର୍ମାଣ ଶ୍ରମିକ ରୁ କମଳ ଭୁଏ, ଜଗବନ୍ଧୁ ବେହେରା, ପ୍ରବୀର କୁମାର କମ୍ପ, ପାଚିକା ସଂଘରୁ ମାଧବୀ କଳତା, ବଲ୍ଲଭି ସିଂ, ସୁକାନ୍ତି ମେହେର ତଥା ଜିଲ୍ଲାର ବିଭିନ୍ନ ବ୍ଲକରୁ ଶତାଧିକ ମହିଳା ଓ ପୁରୁଷ ଶ୍ରମିକ ଯୋଗ ଦେଇ ମତବ୍ୟକ୍ତ କରିଥିଲେ ।

# ବାରପୁଡୁଗିଆ ଶିବ ମନ୍ଦିର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ

ବଲାଙ୍ଗିର,୧୨।୮ :(ମନ୍ଥନ) ମନ୍ଦିରର ପୁନରୁଦ୍ଧାର ସହ ଶିକ୍ଷା, କ୍ରୀଡା ଓ ଭିତ୍ତିଭୂମିର ବିକାଶ - ବାରପୁଡୁଗିଆର ସାମୁହିକ ଉନ୍ନତିର ନୁଆ ଅଧ୍ୟାୟ । ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ବାରପୁଡୁଗିଆ ଗ୍ରାମ ସ୍ଥିତ ସ୍ଥାନୀୟ ଶିବ ମନ୍ଦିରର ପୁନରୁଦ୍ଧାର କାର୍ଯ୍ୟର ଶିଳାନ୍ୟାସ ମାନ୍ୟବର ମୋହନ ଚରଣ ମାଝିଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ୧୦ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ବିଧାୟକ ସୂଚନା ଦେଇଥିଲେ । ଏହି ଅବସରରେ ବିଧାୟକ କହିଥିଲେ ଯେ, ମନ୍ଦିରର ପୁନରୁଦ୍ଧାର ଏକ ମହତ କାର୍ଯ୍ୟ । ଏହା ଶିଘ୍ର ସମ୍ପୂର୍ଣ୍ଣ ହେଲେ ଅଂଚଳବାସୀ ଦଳମତ ନିର୍ବିଶେଷରେ ଏକତାର ସୁତ୍ରରେ ଆବଦ୍ଧ ହେବା ସହ ସାମୁହିକ ଉନ୍ନତିରେ ଏହା ସହାୟକ ହେବ । ପବିତ୍ର ଶ୍ରାବଣ ମାସରେ ମହାଦେବଙ୍କ ସ୍ୱତନ୍ତ୍ର ପୂଜାପାର୍ବଣ ଅବସରରେ ଏହି ଶୁଭ କାର୍ଯ୍ୟରେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ । ସମସ୍ତଙ୍କ ମଙ୍ଗଳ କାମନା କରିବା ସହ ଏକ ସୁନ୍ଦର ଓ ଭବ୍ୟ ମନ୍ଦିର ନିର୍ମାଣରେ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବାକୁ ବିଧାୟକ ପ୍ରତିଶୃତି ଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗୋଲାପ ବାଗ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂସ୍କୃତ ଗବେଷକ ଡ.



ସୁରେଶ ଚନ୍ଦ୍ର ଷଡଙ୍ଗୀ ମନ୍ଦିର ନିର୍ମାଣ ଦ୍ୱାରା ଅଂଚଳରେ ସୁଖ, ଶାନ୍ତି ଓ ଭାଇଚାରାର ପରିବେଶ ସୃଷ୍ଟି ହୋଇଥିବା କହିବା ସହ ଏହି ଭାଇଚାରା କୁ ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ନିମାଇଁ ଚରଣ ପାଣିଗ୍ରାହୀ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ଜୟକୃଷ୍ଣ ମିଶ୍ର ସଂଯୋଜନା କରିଥିଲେ । ଏହି ଅବସରରେ ବ୍ଲକ ଅଧ୍ୟକ୍ଷା ସରିତା ବାଗ, ସହ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ହୋତା, ସମିତି ସଭ୍ୟ ଶକୁନ୍ତଳା କାଲସାଏ, ପ୍ରଦ୍ୟୁମ୍ନ ହୋତା, ସମିତି ସଭ୍ୟ, କୈଳାସ ମହାନ୍ତି ଓ ନିହାର ରଞ୍ଜନ ସ୍ୱାଇଁ ପ୍ରମୁଖ ମଂଚାସୀନ ଥିଲେ । ସେହିପରି ସଦାନନ୍ଦ ମହଲା, ପରମେଶ୍ୱର ନାଏକ, ସନ୍ତୋଷ ନାରାୟଣ ମିଶ୍ର, ଲବ ବାଗ, ସଂଜୟ ନାଏକ, ବିଶ୍ୱରାଜ ସାଏ, ଚୈତନ୍ୟ ସା, ଘାସିରାମ ଭୋଇ, ଗିରିଧାରୀ କାଲସାଏ, ଗଦନ ସାହୁ, ରମେଶ ମହଲା, ଅନିଲ ସେଠ୍, ରିଙ୍କୁ ନାଏକ, ବଳରାମ ନାହାକ, ଭରତ ବରିହା, ରାଜୀବ ସାହୁ, କୃଷ୍ଣଚନ୍ଦ୍ର ମାହାର ଓ ଶଙ୍କର ଜାଲଙ୍କ ସମେତ ଶତାଧିକ ଅଂଚଳବାସୀ ଉପସ୍ଥିତ ଥିଲେ । ଏହି ଅବସରରେ ଅଂଚଳବାସୀଙ୍କ ପକ୍ଷରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପାଇଁ ମିନି ଷ୍ଟାଡିୟମ, ଲାଇବ୍ରେରୀ ହଲ, କମ୍ପ୍ୟୁଟର ଶିକ୍ଷା ଏବଂ ବେଞ୍ଚ ଡେକ୍ସ ବ୍ୟବସ୍ଥା କରିବା ନିମନ୍ତେ ପଦକ୍ଷେପ ନେବାକୁ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।



# ରାମେଶ୍ୱରରୁ ଲଡୁବାବା ବୋଲ୍ ବମ୍ ଯାତ୍ରା

ଗଞ୍ଜାମ,୧୨।୮ :(ମନ୍ଥନ)ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ଗଞ୍ଜାମ ବ୍ଲକ ଅନ୍ତର୍ଗତ କାଇଁଚପୁର ପଞ୍ଚାୟତ ର କଲ୍ୟାଣପୁର ଗ୍ରାମ ସ୍ଥିତ ରାମେଶ୍ୱର ଶୈବପୀଠରୁ ମାନସିକ ଧାରୀ କାଉଡ଼ିଆ ମାନଙ୍କ ଏକ ଦଳ ସୁଦୂର ଲଡୁବାବା ମହାଦେବ ମନ୍ଦିର ଅଭିମୁଖେ ପ୍ରସ୍ଥାନ କରିଛନ୍ତି। ଚଳିତ ବର୍ଷ ୨୯ ବର୍ଷରେ ପଦାର୍ପଣ କରିଛି ଏହି ପବିତ୍ର ବୋଲ୍ ବମ୍ ଯାତ୍ରା। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ସ୍ଥାନୀୟ ପୁଣ୍ୟତୋୟା ଋଷିକୁଲ୍ୟା ନଦୀରୁ ପବିତ୍ର ଜଳ ନେଇ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା



ପରେ ବୋଲ୍ ବମ୍ ଯାତ୍ରା ଆରମ୍ଭ ହୋଇଛି ହୋଇଛି ।ମହାଦେବଙ୍କ ସମ୍ପର୍କିତ ବିଭିନ୍ନ ନାରାରେ ସ୍ଥାନୀୟ ଅଞ୍ଚଳରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି । ଏହି ଧାର୍ମିକ ଓ ଐତିହାସିକ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦୁର୍ଯ୍ୟୋଧନ, ମୁକୁନ୍ଦ, ଟିକି, ବୁଲୁ ପ୍ରମୁଖଙ୍କ ସମେତ ଶ୍ରଦ୍ଧାଳୁ ମାନେ ଏକଜୁଟ ହୋଇ ସହଯୋଗ କରୁଛନ୍ତି।ଏହି ଯାତ୍ରା କେବଳ ଏକ ଧାର୍ମିକ ଆୟୋଜନ ନୁହେଁ, ବରଂ ଭାଇଚାରା, ଏକତା, ଶ୍ରଦ୍ଧା ଓ ସେବାର ଏକ ଅନନ୍ୟ ଉଦାହରଣ। ପ୍ରତିବର୍ଷ ଏହି ଯାତ୍ରାରେ ଯୁବକମାନଙ୍କ ଉତ୍ସାହ ଓ ଭକ୍ତି ଦେଖିବାକୁ ମିଳୁଛି।ଏହି ଅବସରରେ ସ୍ୱର୍ଗତ ଶ୍ରଦ୍ଧାଳୁ କେ. ରଜନୀକାନ୍ତ ରେଡି ଙ୍କ ଅମର ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ସଭାରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ସମସ୍ତଙ୍କ ସହଯୋଗ ଓ ଆଶୀର୍ବାଦରେ ଏହି ୨୯ତମ ବୋଲ୍ ବମ୍ ଯାତ୍ରା ମଧ ସୁରୁଖୁରୁରେ ସମ୍ପନ୍ନ ହେଉ—ଏହା ହିଁ ମହାଦେବଙ୍କ ନିକଟରେ ପ୍ରାର୍ଥନା କରି ଭକ୍ତ ମାନେ ଲମ୍ବା ରାସ୍ତା ଅତିକ୍ରମ କରିବା ପାଇଁ ଯାତ୍ରା କରିଛନ୍ତି ।

# ବର୍ଷାରେ ମହାନଦୀକୁ ବୋହିଯାଉଛି ବନ୍ୟା ଜଳ

## କୁଆଁରିଆ ନଦୀରେ ବ୍ୟାରେଜ ନିର୍ମାଣ ଦାବି

ଖଣ୍ଡପଡା,୧୨।୮ :(ମନ୍ଥନ)ରାଜ୍ୟର ସବୁଠୁ ବଡନଦୀ ମହାନଦୀ ନୟାଗଡ ଜିଲ୍ଲା ଦେଇ ବହିଯାଇଥିବା ବେଳେଏକାଧିକ ଶାଖା ନଦୀ ଜିଲ୍ଲାର ବିଭିନ୍ନ ବ୍ଲକ ଦେଇ ପ୍ରବାହିତ ହେଉଛି। ଯଦିଓ ଜିଲ୍ଲାରେ ଶିଳ୍ପ ପାଇଁବିଶେଷ ଖଣିଜ ସମ୍ପଦ ନାହିଁ, ଚାଷ କାର୍ଯ୍ୟ ତଥା ଅର୍ଥକାରୀ ଫସଲ ଉତ୍ପାଦନରେ ଏକଦା ରାଜ୍ୟରେ ନାଁକରିଥିଲା ନୟାଗଡ। ଏପରିକି ଆଖୁ, ମୁଗ, ବିରି ରାଜ୍ୟ କାହିଁକି ସାରା ଦେଶରେ ନାଁ ସ୍ୱତନ୍ତ୍ର ଆଦୃତି ଲାଭକରିଥିଲା। ମାତ୍ର ଏବେ କିନ୍ତୁ ସ୍ଥିତି ସମ୍ପୂର୍ଣ ଓଲଟା। ଚାଷ ବାସ ପାଇଁ ମୌସୁମୀ ବର୍ଷାକୁ ଲୋକେଭରସା କରୁଥିବା ବେଳେ ନଦୀ ଜଳ କିନ୍ତୁ କାମରେ ଆସୁନଥିବା ଏବଂ ଅକାରଣରେ ବହିଯାଉଥିବା ଅଭିଯୋଗହୋଇଛି। ଫଳରେ ଚାଷକୁ ନିଜର ସମ୍ପତ୍ତି ଭାବି ଜୀବିକା ଅର୍ଜନ କରିବାକୁ ଅଣ୍ଟା ଭିଡିଥିବା ଅଞ୍ଚଳବାସୀଅଣମ୍ପୌସୁମୀ ଋତୁରେ ଜଳାଭାବ ଭଳି ସାଂଘାତିକ ସ୍ଥିତିର ସାମ୍ନା କରିବାକୁ ଯାଉଛନ୍ତି। ମିଳିଥିବା ସୂଚନାଅନୁସାରେ ଖଣ୍ଡପଡା ବ୍ଲକ ଅଞ୍ଚଳରେ ଦୁଇଟି ପ୍ରମୁଖ ନଦୀ ଯଥା କୁସୁମୀ ଓ କୁଆଁରିଆ ବହିଯାଇଛି।ବ୍ଲକରେ ଶିଳ୍ପ ପାଇଁ କୌଣସି ସାଧନ ନଥିବା ବେଳେ କେବଳ ଚାଷ ହିଁ ଲକ୍ଷ ଲକ୍ଷ ଲୋକଙ୍କ ପ୍ରମୁଖଜୀବିକା। ପ୍ରତିବର୍ଷ ବର୍ଷାଋତୁରେ ଉକ୍ତ ଦୁଇ ନଦୀରେ ପ୍ରଳୟଙ୍କରୀ ବନ୍ୟା ଯୋଗୁଁ ଉପକୂଳବର୍ତ୍ତୀଗ୍ରାମ ଗୁଡିକରେ ବ୍ୟାପକ କ୍ଷୟକ୍ଷତି ସହ ଫସଲହାନୀ ହୋଇଥାଏ। ଏଥିସହ ମହାନଦୀରେ ବନ୍ୟା ହେଲେଉକ୍ତ ଦୁଇ ଶାଖା ନଦୀର ପାଣି ମହାନଦୀକୁ ନିଷ୍କାଷିତ ହୋଇନପାରି ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ବନ୍ୟାଭଳି ସ୍ଥିତି ଉପୁଜିଥାଏ। ସଠିକ ଜଳ ପରିଚାଳନା ହୋଇନପାରିବାରୁ ବର୍ଷାଦିନେ ଲକ୍ଷାଧିକ କ୍ୟୁସେକ ପାଣିମହାନଦୀକୁ ବହିଯାଉଥିବା ବେଳେ ଗ୍ରୀଷ୍ମଋତୁରେ ନଦୀ କୂଳରେ ଘର ଥାଇ ମଧ ଉପକୂଳ ପଞ୍ଚାୟତ ବାସୀପାଣି ଟୋପେ



ପାଇଁ ତହଳବିକଳ ହେଉଛନ୍ତି। ଚଳିତବର୍ଷ କିନ୍ତୁ ସ୍ଥିତି ସଂପୂର୍ଣ୍ଣ ଓଲଟା।ଉଲ୍ଲେଖଯୋଗ୍ୟ ଯେ ଉକ୍ତ ଦୁଇ ନଦୀ କଣ୍ଟିଲୋ ଠାରେ ମହାନଦୀକୁ ସଂଯୋଗ କରିବା ସହିତ ଜଳନିଷ୍କାସିତ ହେଉଅଛି। କୁସୁମୀ ନଦୀରେ ନୟାଗଡ ବ୍ଲକ ଅଧୀନ ସୁନାଲଟି ନିକଟରେ ବ୍ୟାରେଜ ନିର୍ମାଣ ପାଇଁଜଳସଂପଦ ବିଭାଗ ପଦକ୍ଷେପ ଗ୍ରହଣ କରିଥିବା ବେଳେ ଏହାର କାମ ଚାଲୁରହିଛି। ମାତ୍ର ବ୍ଲକର ୯ପଞ୍ଚାୟତ ଅଞ୍ଚଳରେ କୁଆଁରିଆ ନଦୀ ବହି ଯାଉଥିବା ବେଳେ ଏଥିପାଇଁ ଜଳସମ୍ପଦ ବିଭାଗ ଓ ରାଜ୍ୟସରକାର ଏକ ବ୍ୟାରେଜ ନିର୍ମାଣ କରିବା ନେଇ ଦାବି ଜୋର ଧରିଛି। ଜଳସଂପଦ ବିଭାଗ ପକ୍ଷରୁ ବୋଦସାଗ୍ରାମ ପଞ୍ଚାୟତର ପଡିଆଭଙ୍ଗା ଠାରେ କିମ୍ବା କିଆଝର ପଞ୍ଚାୟତର ମଙ୍ଗରାଜପୁର ଠାରେ କୁଆଁରିଆନଦୀରେ ବ୍ୟାରେଜ ନିର୍ମାଣ ହୋଇପାରିଲେ ଖଣ୍ଡପଡା ଓ ଭାପୁର ବ୍ଲକର ପ୍ରାୟ ୧୧ ଗୋଟିଗ୍ରାମପଞ୍ଚାୟତର ଜନସାଧାରଣ ବନ୍ୟା ଭଳି ସ୍ଥିତିରୁ ମୁକୁଳିବା ସହିତ ହଜାର ହଜାର ଏକର ଚାଷ ଜମିଜଳସେଚନର ସୁବିଧା ପାଇପାରିବେ ବୋଲି ସୂଚନା ମିଳିଛି। ଖାଲିସେତିକି ନୁହେଁ ଏହା ନଦୀଗର୍ଭ ଜଳସଂରକ୍ଷଣ କରିବା ସହିତ ଖରାଦିନେ ଏହି ଅଞ୍ଚଳର ପାନୀୟ ଜଳର ଆବଶ୍ୟକତା ପୂରଣ, ମାଛ ଚାଷ ଓ ଭୂତଳଜଳସ୍ତର ବୃଦ୍ଧିରେ ମଧ ବିଶେଷ ସହାୟକ ହେବ ବୋଲି ସୂଚନା ମିଳିଛି। ଖଣ୍ଡପଡା ଅଞ୍ଚଳରେ ମହାନଦୀସହ ୨ଟି ଉପନଦୀ ବହି ଯାଇଥିବା ବେଳେ ଏହାର ଜଳକୁ ସୁବିନିଯୋଗ କରାଯାଇପାରିଲେ ଚାଷୀ ଓଜନସାଧାରଣ ବିଶେଷ ଉପକୃତ ହେବେ ବୋଲି ଜଳସଂପଦ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ବିଶେଷଜ୍ଞଦଳ ମାଧମରେ ରାଜ୍ୟ ସରକାର ଏହାର ଆବଶ୍ୟକୀୟ ସର୍ଭେ କରି ବ୍ୟାରେଜ ନିର୍ମାଣ ନିମନ୍ତେ ଦାବିକରିଛନ୍ତି ଜନପ୍ରତିନିଧି ଓ ଚାଷୀକୁଳ।

# ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ

ବଲାଙ୍ଗିର,୧୨।୮ :(ମନ୍ଥନ) ବଲାଙ୍ଗିର ଜିଲ୍ଲା ବରିଷ୍ଠ ନାଗରିକ ମଂଚର କାର୍ଯ୍ୟକାରିଣୀ ବୈଠକ ଲାଲଟିକ୍ରା ସ୍ଥିତ ଶିଦ୍ଧ ଶଙ୍କର ର ମିଟିଂ ହଲ ଠାରେ ସଭାପତି ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀଙ୍କ ସ୍ୱାଗତ ଭାଷଣ ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ସଭାପତି ଉକ୍ତ ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସହ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ସାଧାରଣ ସଂପାଦକ କପିଳେଶ୍ୱର ଖମାରୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଏବଂ ଆଗାମୀ କାର୍ଯ୍ୟକ୍ରମ ଉପରେ ପ୍ରସ୍ତାବ ରଖିଥିଲେ । ଆସନ୍ତା ଅଗଷ୍ଟ ୧୫ ସୁଚାରୁରୂପେ ପାଳନ କରିବା ନିମନ୍ତେ ଆୟୋଜନ କରିବାକୁ ମୁଖ୍ୟ ଉପଦେଷ୍ଟା ନାରାୟଣ ପାଢୀ, ସଂଗଠନ ସଂପାଦକ ବିନୟ କୁମାର ମିଶ୍ର ଏବଂ କୋଷାଧକ୍ଷ ଚୁଡେନ୍ଦ୍ର କୁମାର ବେହେରାଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। କୋଷାଧକ୍ଷ ଶ୍ରୀ ବେହେରା ଆୟବ୍ୟୟ ର ହିସାବ ଦେଇଥିଲେ। ଉକ୍ତ ବୈଠକର ଆଲୋଚନାରେ ମଥାମଣି ପଣ୍ଡା, ବିପିନ ବିହାରି ପୁରୋହିତ, ଯୁଗ୍ମ ସଂପାଦକ ଗୌର ଚନ୍ଦ୍ର ପୁରୋହିତ ଅଂଶଗ୍ରହଣ କରି ନିଜ ନିଜ ପ୍ରସ୍ତାବ ଉପସ୍ଥାପନା କରିଥିଲେ। ତତ୍ ସଙ୍ଗେ ସଙ୍ଗେ ମଂଚର ଉପସଭାପତି ଇଂ ହରେକୃଷ୍ଣ ମେହେର, ଉପଦେଷ୍ଟା ଧନଞ୍ଜୟ ମିଶ୍ର, କାର୍ଯ୍ୟାଳୟ ସଂପାଦକ ଗଣେଷ ଚନ୍ଦ୍ର ପାଢୀ ତଥା ସଭ୍ୟ ପୂର୍ଣ୍ଣଚନ୍ଦ୍ର ମେହେର, କୃଷ୍ଣଚନ୍ଦ୍ର ନାଥ, ବ୍ରଜ କିଶୋର ପଣ୍ଡା, ନବୀନ କୁମାର ନନ୍ଦ, ପ୍ରମୋଦ କୁମାର ଗୁରୁ, ବିଜୟ କୁମାର ବାଗ, ତ୍ରିଲୋଚନ ଦାଶ, ପ୍ରଦୀପ କୁମାର ଶତପଥି, ଛାୟାକାନ୍ତ ସାହୁ, ଦୟାସାଗର ପଟେଲ ପ୍ରମୁଖ ଉପସ୍ଥିତ ରହି ନିଜର ମନ୍ତବ୍ୟ ପ୍ରକାଶ କରିଥିଲେ । ଶେଷରେ ସହ-ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ଶୋଷଣ ଓ ଡାକ୍ତର ଦଲାଲଗିରି ବିରୁଦ୍ଧରେ କଂଗ୍ରେସର ଅଭିନବ ପ୍ରତିବାଦ

ନୟାଗଡ଼, ୧୨।୮ :(ମନ୍ଥନ)ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଡାକ୍ତର ଙ୍କ ଠାରୁ ସ୍ୱାସ୍ଥ୍ୟକର୍ମୀ ଯାଏଁ ସମସ୍ତେ ରୋଗୀ ମାନଙ୍କ ଠାରୁ ଜବରଦସ୍ତ ଅର୍ଥଲୁଟ କରି ଶୋଷଣ ବିରୁଦ୍ଧରେ କଂଗ୍ରେସ ସିପାହୀଙ୍କ ଅଭିନବ ପ୍ରତିବାଦ ପ୍ରୟାସ କାରାଯାଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ରୋଗୀ ମାନଙ୍କ ଠାରୁ ଟଙ୍କା ମାଗନ୍ତୁ ନାହିଁ ଲେଖାଥିବା ପୋଷ୍ଟର ସିଡିଏମଓଙ୍କ ପ୍ରକୋଷ୍ଠ, ଏଡିଏମଓ ମେଡିକାଲ, ବିଭିନ୍ନ ଅସ୍ତ ?ପ୍ରଚାର ଗୃହ, ଓପିଡି ଜରୁରୀ ଚିକିତ୍ସା ଏବଂ ଡାକ୍ତରଖାନା ପ୍ରମୁଖ ସ୍ଥାନ ମାନଙ୍କରେ ମରାଯାଇଛି । କିଛି ନିର୍ଦ୍ଦିଷ୍ଟ ଘରୋଇ ହସ୍ପିଟାଲ ମାଲିକ ମାନଙ୍କ ଠାରୁ ମୋଟା ଅଙ୍କର ମୁନଫା ଖାଇ ଏଡିଏମଓ ମେଡିକାଲ ଡାକ୍ତର ସୁଶାନ୍ତ ବେହେରା ବିଭିନ୍ନ ବିଭାଗରେ ସ୍ୱାସ୍ଥ୍ୟକର୍ମୀ ମାନଙ୍କୁ ଦାୟିତ୍ୱ ଦେଇ ଜରୁରୀ ରୋଗୀ ମାନଙ୍କୁ ସେହି ଘରୋଇ ହସ୍ପିଟାଲ ମାନଙ୍କୁ ସ୍ଥାନାନ୍ତର କରାଯାଉ ଥିବା ଜିଲ୍ଲା କଂଗ୍ରେସ



ସଭାପତି ଶ୍ରୀ ରଣଜିତ ଦାଶ ଅଭିଯୋଗ କରିଛନ୍ତି । ଡାକ୍ତରଖାନାରେ ପ୍ରଶାସନିକ ଅବ୍ୟବସ୍ଥା ଦେଖା ଦେବା ଫଳରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ମାନେ ପ୍ରଚୁର ଟଙ୍କା ଆଦାୟ କରୁଥିବା ବେଳେ ଧରା ପଡୁଛନ୍ତି ।ଡାକ୍ତର ମାନେ କ୍ଲିନିକ ନର୍ସିଂହୋମ ଖୋଲି ପ୍ରତି ରୋଗୀପିଛା ଡାକ୍ତରୀ ଫିସ ୪୦୦ ଟଙ୍କା ନେଇ ଶୋଷଣ କରି ଚାଲିଛନ୍ତି । ଯାହାକୁ ଜବରଦସ୍ତ ବିରୋଧ କରିବା ପାଇଁ ପ୍ରସ୍ତୁତି ଚାଲିଥିବା କଂଗ୍ରେସ ପକ୍ଷରୁ ପ୍ରେସବାର୍ତ୍ତାରେ କୁହାଯାଇଛି । ଡିସିସି ସାଧାରଣ ସମ୍ପାଦକ ଆଇନଜୀବୀ ପୀତବାସ ଖୁଣ୍ଟିଆ, କୂଳେଶ ମହାନ୍ତି, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ, ଓମପ୍ରକାଶ ପ୍ରଧାନ, ସୋସିଆଲ ମେଡିଆ ସୁରେନ୍ଦ୍ର ନାଏକ ସମେତ ଜେନ-ଜି ଛାତ୍ର ମାନେ ଏହି ଅଭିନବ ପ୍ରତିବାଦ ରେ ସାମିଲ ଥିଲେ ।

# କେନ୍ଦୁଝରରେ 'ହର ଘର ତ୍ରିରଙ୍ଗା' ଅଭିଯାନ: ଜିଲ୍ଲାସ୍ତରୀୟ ସାଇକେଲ ରାଲି ଆୟୋଜିତ

କେନ୍ଦୁଝର,୧୨।୮ :(ମନ୍ଥନ)ଦେଶର ସ୍ୱାଧୀନତା ଦିବସ ପାଳନ ଅବସରରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ 'ହର ଘର ତ୍ରିରଙ୍ଗା' (ଘରେ ଘରେ ତ୍ରିରଙ୍ଗା) ଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶପ୍ରେମ ଓ ଜାତୀୟତାବୋଧ ଜାଗ୍ରତ କରିବା, ଜାତୀୟ ପତାକା 'ତ୍ରିରଙ୍ଗା' ପ୍ରତି ଗଭୀର ସମ୍ମାନ ଓ ଆଦର ସୃଷ୍ଟି କରିବା ଏବଂ ସ୍ୱାଧୀନତାର ଅମୃତ ମହୋତ୍ସବର ବାର୍ତ୍ତାକୁ ଜିଲ୍ଲାର କୋଣ-ଅନୁକୋଣରେ ପହଞ୍ଚାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।ଏହି ଆଭିମୁଖ୍ୟକୁ ନେଇ ଆଜି ପୂର୍ବାହ୍ନ ୯:୩୦ ମିନିଟ୍‌ରେ କେନ୍ଦୁଝର ଷ୍ଟାଡିୟମ୍‌ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଜିଲ୍ଲାସ୍ତରୀୟ ସାଇକେଲ ରାଲି ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ସାଇକେଲ ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି— ଯୁବପିଢ଼ି ଓ ସାଧାରଣ ଜନତାଙ୍କୁ ଜାତୀୟତାବୋଧର ସୂତ୍ରରେ ବାନ୍ଧିବା, ସେମାନଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି କରିବା ଏବଂ ଶାରୀରିକ ସୁସ୍ଥତା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା।



ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ରାଲିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ କୁମାର ନାଗଭୂଷଣ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାୟକ,ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ସରୋଜ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସାର୍ଥକ ଅଭିନନ୍ଦନ ରାୟ, କନିଷ୍ଠ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ଧରି ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।

ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ, ଆସନ୍ତାକାଲି (ଅଗଷ୍ଟ ୧୩ ତାରିଖ) ପୂର୍ବାହ୍ନ ୯:୩୦ ମିନିଟ୍‌ରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଏକ ବିଶାଳ 'ତ୍ରିରଙ୍ଗା ପରେଡ୍' ସହ ସାମୂହିକ ଜାତୀୟ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ରହିଛି।ଏହା ସହିତ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷାନୁଷ୍ଠାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ନିର୍ଦ୍ଧାରିତ ତିଥିରେ 'ବନ୍ଦେ ମାତରମ୍' ର ସାମୂହିକ ଗାନ, ଅନଲାଇନ୍ କୁଇଜ୍ ଏବଂ 'ଜାତୀୟ ପତାକା ବିକାଶ ଯାତ୍ରା' ଶୀର୍ଷକ ପ୍ରଦର୍ଶନୀ ଆୟୋଜନ କରାଯିବ। ସେହିପରି ବ୍ଲକ୍ ଓ ଗ୍ରାମପଞ୍ଚାୟତ ସ୍ତରରେ ମଧ ସ୍ଥାନୀୟ ସାଇକେଲ ରାଲି ଏବଂ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯିବ।

# ବ୍ଲକ ସ୍ତରୀୟ ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ସମ୍ମିଳନୀ

ଗଞ୍ଜାମ,୧୨।୮ :(ମନ୍ଥନ)ଗଞ୍ଜାମ ସହର ସ୍ଥିତ ଭାରତୀ ବିଦ୍ୟାପୀଠ କନଫରେନ୍ସ ହଲ ଠାରେ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏକ ଦିନିକିଆ ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ସମ୍ମିଳନୀ ଓ ନବ ଭାରତ ସାକ୍ଷରତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଶୁଭାରମ୍ଭ କରିବା ସହ ପିଲା ମାନଙ୍କୁ ସଠିକ ମାର୍ଗ ଦର୍ଶନ ସହ ପିଲାମାନଙ୍କ ପାଇଁ ଅଧିକ ସମୟ ଦେବାକୁ ପରାମର୍ଶ



ଦେଇଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ସରୋଜ କୁମାର ସାହୁ,ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂଯୁକ୍ତା ବେହେରା,ବିନିତା କୁମାରୀ ମିଶ୍ର, ଭାରତୀ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମନୋଜ କୁମାର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ । ବିଇଓ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଖଣ୍ଡଦେଉଳି ସିଆରସିସି ସଞ୍ଜୟ କୁମାର ତରାଇ, ଆର ନୁଆଁ ଗାଁ ସିଆରସିସି ରବୀନ୍ଦ୍ର କୁମାର ପଣ୍ଡା, ଆବାସିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ବେହେରା,ଭାଗ୍ୟଲତା ମୁଦୁଲି, ଲକ୍ଷ୍ମଣ ସେଠି, ସୁଶାନ୍ତ କୁମାର ତରାଇଙ୍କ ସମେତ ଅନ୍ୟ ସିଆରସିସି ମାନେ ପରିଚାଳନା କରିଥିଲେ । ବ୍ଲକର ସମସ୍ତ ପ୍ରଧାନ ଶିକ୍ଷୟିତ୍ରୀ/ଶିକ୍ଷକ ଉପସ୍ଥିତ ଥିଲେ ।

# ଗଜେନ୍ଦ୍ର ହାତୀକୁ ସୁରକ୍ଷା ଦେଉଥିବା ବେଳେ ପଥର ମାଡ଼ରେ ହାତୀ ସ୍କୁଆର୍ଡ୍ କର୍ମଚାରୀ ଆହତ

ଛେଣ୍ଡିପଦା,୧୨।୮ :(ମନ୍ଥନ)ଅନୁଗୋଳ ବନଖଣ୍ଡ ତଥା ଛେଣ୍ଡିପଦା ବନାଞ୍ଚଳ ଅନ୍ତର୍ଗତ ଛେଣ୍ଡିପଦା ସେକ୍ସନ ୨ ଅଧୀନ କଣଲୋଇ ବିଟରେ ଗଜେନ୍ଦ୍ର ଓରଫ ରାଜୁ ହାତୀକୁ ସୁରକ୍ଷା ଦେଉଥିବା ହାତୀ ସ୍କୁଆର୍ଡର କର୍ମଚାରୀ ପଥର ମାଡ଼ରେ ଗୁରୁତର ଆହାତ ହୋଇଛନ୍ତି ।ଏନେଇ ବାଗଡିଆ ଥାନାରେ ଅଭିଯୋଗ ପରେ ପୋଲିସ କର୍ଣ୍ଣପାଳ ଗାଁର ଥଡ଼ ମାଝୀଙ୍କୁ ପୋଲିସ ଗିରଫ କରିଛି। ସୂଚନା ଯେ ଗତ ୬ ତାରିଖ ଦିନ ହାତୀ ସ୍କୁଆର୍ଡ କର୍ମଚାରୀ ମାନେ ଗଜେନ୍ଦ୍ର ଓରଫ 'ରାଜୁ'ହାତୀକୁ ଗଡ଼ମଣ୍ଡଳ ରୁ କଣଲୋଇ ଜଙ୍ଗଲ ଆଡକୁ ନେଇ ଯାଉଥିବା ବେଳେ ବେଳେ କର୍ଣ୍ଣପାଳ ଗ୍ରାମର ଥଡମାଝୀ ହଠାତ ଆସି ରାଜୁ ହାତୀକୁ ବିରକ୍ତ କରିଥିଲା । ଏହା ଦେଖି ସ୍କୁଆର୍ଡ କର୍ମଚାରୀ ମାନେ ବାରଣ କରିବାରୁ ସେ ରାସ୍ତା କଡ଼ରେ ପଡ଼ିଥିବା ଏକ ପଥର ଗୋଟାଇ କର୍ମଚାରୀ ମାନଙ୍କୁ ମାରିଥିଲା। ଫଳରେ ପଥର ବାଜି ସ୍କୁଆର୍ଡ କର୍ମଚାରି ସୁଦର୍ଶନ ସାହୁଙ୍କ ମୁଣ୍ଡରେ ବାଜିଥିଲା। ଫଳରେ ସୁଦର୍ଶନ ଘଟଣାସ୍ଥଳରେ ବେହୋଶ ହୋଇଯିବା ସଂଗୀତ ମୁଣ୍ଡ ଫାଟି ଯାଇଥିଲା । ବନ କର୍ମଚାରୀ ମାନେ ସୁଦର୍ଶନଙ୍କୁ ତୁରନ୍ତ ଉଦ୍ଧାର କରି ଛେଣ୍ଡିପଦା ଡାକ୍ତରଖାନାରେ ଚିକିତ୍ସା କରିଥିଲେ. ସେ ସୁସ୍ଥ ହେବା ପରେ ଘଟଣା ସମ୍ପର୍କରେ ବାଗଡିଆ ଥାନାରେ ଲିଖିତ ଅଭିଯୋଗ କରିଥଲେ । ବାଗଡିଆ ପୋଲିସ ଏନେଇ ଥାନା କେସ ନଂ ୨୨୪/୨୬ରେ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଥଡ ଗାଁ ନିକଟସ୍ଥ ଜଙ୍ଗଲରେ ଲୁଚିଥିବା ଖବର ପାଇ ପୋଲିସ ଚଢ଼ାଉ କରି ଥଡ଼କୁ ଗିରଫ କରିଛି ।

# ସେବକ ସଂଗଠନ ଫାଉଣ୍ଡେସନ ପକ୍ଷରୁ, ବାବା ବାଲିକପିଳେଶ୍ୱର ପୀଠରେ ମେଗା ସଫେଇ ଅଭିଯାନ

ଗୋପ,୧୨।୮ :(ମନ୍ଥନ)ରାମଚଣ୍ଡୀ ଥାନା ଅଧୀନ ଗୋପ ବ୍ଲକ ଅନ୍ତର୍ଗତ ପୁରୀ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ବାବା ବାଲିକପିଳେଶ୍ୱର ପୀଠରେ ଆଜି ପୂର୍ବାହ୍ନ ରେ ମନ୍ଦିର ପ୍ରାଙ୍ଗଣ ଓ ଏହାର ଚତୁର୍ପାର୍ଶ୍ୱକୁ ସ୍ୱଚ୍ଛ, ସୁନ୍ଦର ଓ ପରିଷ୍କାର ରଖିବା ଉଦ୍ଦେଶ୍ୟରେ ଗୋପ ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ,ସେବକ ସଂଗଠନ ଫାଉଣ୍ଡେସନ ପକ୍ଷରୁ ଏକ ବିଶାଳ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମେଗା ସଫେଇ ଅଭିଯାନରେ ୧୦୦ରୁ ଉର୍ଦ୍ଧ୍ୱ ସଦସ୍ୟ, ଯୁବପିଢ଼ି ଯୋଗଦେଇ ମନ୍ଦିର ପରିସରକୁ ସଫା କରିବା ସହିତ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ବାର୍ତ୍ତା



ଦେଇଥିଲେ।ଏହି ମହତ୍ କାର୍ଯ୍ୟକ୍ରମରେ ସେବକ ସଂଗଠନ ଫାଉଣ୍ଡେସନର ସଭାପତି ଶ୍ରୀ ଆଲୋକ ଜେନା ନେତୃତ୍ୱ ନେଇ ସମଗ୍ର ସଫେଇ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ସମ୍ପାଦନ କରିଥିଲେ।

ଏହି ସେବା କାର୍ଯ୍ୟରେ ସଂଗଠନର ଜୀବନ, ବିଜୁ, ସୁକା, କିଶନ, ପପୁ, ରଞ୍ଜିତ, ମୋହନ, ଅରୂପ,ଦୋସାଇଙ୍କ ସମେତ ୪ ଜଣ ଭଉଣୀ ଓ ଅନେକ ସେବକ-ସେବିକା ଉପସ୍ଥିତ ରହି ନିଜର ଶ୍ରମଦାନ କରିଥିଲେ। ବିଭିନ୍ନ ମହଲାରେ ସଙ୍ଗଠନ କାର୍ଯ୍ୟକୁ ପ୍ରଶଂସା କରାଯାଇଛି।

# ଛେଣ୍ଡିପଦା ବ୍ଲକ ଅଞ୍ଚଳରେ କଂଗ୍ରେସର ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ

ଛେଣ୍ଡିପଦା, ୧୨।୮ :(ମନ୍ଥନ) ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କୋଇଲା ପରିବହନ ସମସ୍ୟା, କୋଇଲା ଖଣି ଯୋଗୁଁ ପରିବେଶ ପ୍ରଦୂଷଣ ସମସ୍ୟା ସାଙ୍ଗକୁ ପରିବେଶ ସୁରକ୍ଷା ନେଇ କୋଶଳ। ଗ୍ରାମର ୫ ଜଣ ଆନ୍ଦୋଳନ କାରୀ ଙ୍କୁ ଅବିଳମ୍ବେ ଜେଲ ମଧ୍ୟରୁ ନିର୍ଦ୍ଦୋଶରେ ଖଲାସ କରିବା ଆଦି ଦାବି ନେଇ ବୁଧବାର ୧୨ ଘଣ୍ଟିଆ ଅନୁଗୋଳ ବନ୍ଦ ଡାକରା ଦିଆଯାଇଥିଲା । ତେବେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ସସ୍ମିତା ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ନେତୃତ୍ୱରେ ଆୟୋଜିତ ଏହି ବନ୍ଦ ଡାକରା ଛେଣ୍ଡିପଦା , କୋଶଳ। , ବାଗଡିଆ, ଜରପଡା , ନିଶା ଶିଙ୍ଖାଞ୍ଚଳ, ମରାଡିରା, ବାଲିପଙ୍ଗା ,ଦୁର୍ଗାପୁର ଆଦି ସ୍ଥାନରେ ସଫଳ ହୋଇଥିବା ଜଣାପଡିଛି । ବିଶେଷ କରି ଛେଣ୍ଡିପଦା ବ୍ଲକ ସଦର ମହକୁମା ଠାରେ କଂଗ୍ରେସ ଦଳର କର୍ମୀ ମାନେ ବ୍ଲକ ଛକ ଠାରେ ଆନ୍‌ଦୋଳନ କରିଥିଲେ । ଏଥିରେ ଶାସକ ଦଳ ଭାରତୀୟ ଜନତା ପାର୍ଟି ବିରୁଦ୍ଧରେ ବିଭିନ୍ନ ପ୍ରକାର ନାରାବାଜି ଦେଇଥିଲେ । ଶାସକ ଦଳର ଏଭଳି ହୀନ ମାନସିକତା ଓ କମ୍ପାନୀ ପ୍ରୀତି ଯୋଗୁଁ ବିକ୍ଷୋଭକାରୀ ମାନେ କଟୁ ସମାଲୋଚନା କରିଥିଲେ । ଏଥିସହ କଂଗ୍ରେସ ଦଳର ନେତା କର୍ମୀ ମାନେ ଏକଜୁଟ ହୋଇ ପିକେଟିଂଗ କରିବା ସହ ସମସ୍ତ ସରକାରୀ କାର୍ଯ୍ୟାଳୟ , ବେସରକାରୀ ଅଫିସ, ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନ,ଶିକ୍ଷାନୁଷ୍ଠାନ , ଦୋକାନ




ବଜାର ଆଦି ସମ୍ପୂର୍ଣ୍ଣ ବନ୍ଦ ରହିଥିଲା । ଏହି ଆନ୍ଦୋଳନକୁ କେତେକ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ଏପରିକି ଛେଣ୍ଡିପଦା ବ୍ଲକ ଅଧିବାସୀ ମାନେ ନୀରବ ସମର୍ଥନ ଜଣାଇଥିଲେ । ଏଥିଯୋଗୁଁ ଯାନ ବାହନ ଚଳାଚଳ ବନ୍ଦ ରହିଥିବା ଜଣାପଡିଛି । ଏଥିଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ସୂଚନା ଯୋଗ୍ୟ ଯେ, ନୟନି କୋଇଲା ଖଣି ମଧ୍ୟରୁ କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ଜନ ସମସ୍ୟା ସମାଧାନ ସାଙ୍ଗକୁ ପରିବେଶ ସୁରକ୍ଷା ସକାଶେ ଦୀର୍ଘ ୪୦ ଦିନ ଧରି ଚାଲିଥିବା କୋଶଳ। ଗ୍ରାମବାସୀଙ୍କ ଆନ୍ଦୋଳନରେ ସାମିଲ ହୋଇଥିବା ଏବଂ ନେତୃତ୍ୱ ନେଇଥିବା ୫ ଜଣ ଗ୍ରାମବାସୀଙ୍କୁ କମ୍ପାନୀ ପୋଲିସ ପ୍ରଶାସନ ପକ୍ଷରୁ ମିଥ୍ୟା ମାମଲା ରୁଜୁ କରି ଜେଲ ମଧ୍ୟରେ ଆଜକୁ ପ୍ରାୟ ୧୨୦ ଦିନ ହେବ ଭର୍ତ୍ତି କରାଯାଇଛି ।ଉପରୋକ୍ତ ମାମଲା ପ୍ରତ୍ୟାହାର କରିବା ସହ ଅବିଳମ୍ବେ ପୋଲିସ ପ୍ରଶାସନ ପକ୍ଷରୁ ସେମାନଙ୍କୁ ମୁକ୍ତ କରିବା ପାଇଁ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ପ୍ରତି ଦିନ ରାତି ୯ ଟା ଠାରୁ ସକାଳ ୬ ଟା ପର୍ଯ୍ୟନ୍ତ ଛେଣ୍ଡିପଦା - ଅନୁଗୋଳ ୬୩ ନମ୍ବର ରାଜ୍ୟ ରାଜପଥ ଦେଇ ହଜାର ହଜାର ସଂଖ୍ୟାରେ କୋଇଲା ବୋଝେଇ ଟ୍ରକ ଚଳାଚଳ କରୁଛି ଏବଂ ବିଭିନ୍ନ ରାସ୍ତା ମଧ ଦେଇ ଏହି ସବୁ ଭାରି ଯାନ ଚଳାଚଳ କରୁଥିବା ଯୋଗୁଁ କୋଇଲା ଗୁଣ୍ଡ ଏବଂ ଧୂଳି ଧୁଆଁ ଉଡିବା ଫଳରେ ବାୟୁ ପ୍ରଦୂଷଣ ହେଉଛି। ଏଥିସହ ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏ ସମ୍ପର୍କରେ ଅନୁଗୋଳ ଜିଲ୍ଲା ପ୍ରଶାସନ ନିକଟରେ ସ୍ଥାୟୀ ସମାଧାନ ଓ ପ୍ରତିକାର ବ୍ୟବସ୍ଥା ପାଇଁ କଂଗ୍ରେସ ଦଳ ପକ୍ଷରୁ ଦାବି ଆପତ୍ତି କରାଯାଇଥିଲା । ତେଣୁ ଦାବି ପୂରଣ ନ ହେବାରୁ ଆଜି ଅନୁଗୋଳ ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ସଫଳ କରିବା ପାଇଁ କଂଗ୍ରେସ କର୍ମୀ ମାନେ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଏହାକୁ କେନ୍ଦ୍ର କରି ଜିଲ୍ଲାରେ ରାଜନୈତିକ ଉଷ୍ମତା ଦେଖାଦେଇଛି । ଅନ୍ୟ ମାନଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ସଭାପତି ଅଜୟ କୁମାର ବେହେରା ଙ୍କ ନେତୃତ୍ୱରେ ବ୍ଲକ ଛକ ଠାରେ ଆନ୍‌ଦୋଳନ କରିଥିଲେ। ସେହିପରି କୋଶଳ। ଜୋନ କଂଗ୍ରେସ ସଭାପତି ଗୋବିନ୍ଦ ଚନ୍ଦ୍ର ନାଏକ ଙ୍କ ନେତୃତ୍ୱରେ କୋଶଳ। ଠାରେ ଆୟୋଜିତ ଏହି ବନ୍ଦ ପାଳନ ବେଳେ ଗୋବର୍ଦ୍ଧନ ଗୋଛାୟତ , ଲମ୍ବୋଦର ବେହେରା, ସନ୍ତୋଷ କୁମାର ଦେହୁରୀ ପ୍ରମୁଖ ଯୋଗ ଦେଇଥିଲେ । ଏଥିସହ ଜରପଡା ଥାନା ଛକ ୫୫ ନମ୍ବର ଜାତୀୟ ରାଜପଥ ଠାରେ ଯୁବ ନେତା ବିଶ୍ୱଜିତ ପ୍ରଧାନଙ୍କ ନେତୃତ୍ୱରେ ଯୁବ କର୍ମୀ ସୁନୀଲ କୁମାର ସାହୁ, ଟୁନା ସାହୁ ,ତ୍ରିନାଥ ସାହୁଙ୍କ ସମେତ ସମସ୍ତ ଦଳୀୟ କର୍ମୀ ରାସ୍ତା ଅବରୋଧ ଆନ୍‌ଦୋଳନ କରିଥିଲେ । ତେବେ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ ମୁତୟନ କରିବା ସହ ପରିସ୍ଥିତି ପ୍ରତି ନଜର ରଖାଯାଇଥିଲା ।

# ନିଶାମୁକ୍ତ ଓ ତମାଖୁ ବର୍ଜନ କାର୍ଯ୍ୟକ୍ରମ

ଗଞ୍ଜାମ,୧୨।୮ :(ମନ୍ଥନ)ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ ପଞ୍ଚାୟତ ର ପୋଡମପେଟା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ରେ ନିଶାମୁକ୍ତ ଓ ତମାଖୁ ବର୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭିୟୁଷ ଅନୁଷ୍ଠାନ ପକ୍ଷରୁ ସମଝୋତ କାର୍ଯ୍ୟକ୍ରମ ଅଧୀନରେ କମ୍ୟୁଟିନି ର ସହଯୋଗରେ ଦ୍ୱିତୀୟ ମହଲା ସଭାରେ ଫେସିଲିଟର ସି ଏଚ ପଦ୍ମିନୀ ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୋଡିନେଟର ଜେ. ଟିଟୁ ଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ତ ବି. ଯୋଗେନ୍ଦ୍ର ଓ ଅଙ୍ଗନବାଡ଼ି କର୍ମି ଯୋଗଦେଇ ନିଶାମୁକ୍ତ ଓ ତମାଖୁ ବର୍ଜନ ସମ୍ପର୍କରେ ମତ ପ୍ରକାଶ କରିଥିଲେ । ନିଶା ସେବନର ଓ ତମାଖୁ ସେବନର ଅପକାଅରିତା ନେଇ କ୍ଷୁଦ୍ର ନାଟକ ମାଧମରେ ସଚେତନତା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ଓ ଯୁବକ ଯୁବତୀ ମାନଙ୍କୁ ନିଶା ଦ୍ରବ୍ୟ ଓ ତମାଖୁ ବର୍ଜନ ନେଇ ଶପଥ ପାଠ କରାଯାଇଥିଲା କ୍ଷ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ରହିଥିଲେ ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ଇନ୍ଧନ ସଙ୍କଟ

ନିକଟରେ କେନ୍ଦ୍ର କ୍ୟାବିନେଟ ଗୋବର୍ଦ୍ଧନ ନାମରେ ଏକ ନୂତନ ଯୋଜନାକୁ ଅନୁମୋଦନ କରିଛନ୍ତି। ଏହି ଯୋଜନାର ଲକ୍ଷ୍ୟ ହେଲା ଦେଶରେ ବାୟୋଗ୍ୟାସର ଉତ୍ପାଦନ ବୃଦ୍ଧିକୁ ପ୍ରୋତ୍ସାହିତ କରିବା। ଏଲପିଜି ବା ରନ୍ଧନ ଗ୍ୟାସ ଲାଗି ଆମେ ବିଦେଶ ଉପରେ ନିର୍ଭର କରୁଛୁ। ଏହାକୁ ଯଥାସମ୍ଭବ ହ୍ରାସ କରିବାକୁ ହେଲେ ବାୟୋଗ୍ୟାସ ଭଳି ବିକଳ୍ପ ଇନ୍ଧନ ବ୍ୟବହାରକୁ ବ୍ୟାପକ କରିବାକୁ ହେବ। ଯଦି ଗୋବର୍ଦ୍ଧନ ଯୋଜନା ସଫଳ ହେବ ତେବେ ଭାରତରେ ବାର୍ଷିକ ହାରାହାରି ୫ ବିଲିୟନ ଡଲାର ସଂଚିତ ହୋଇପାରିବ। କହିବା ବାହୁଲ୍ୟ ଯେ, ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିଛି। ଏହାର ପ୍ରଭାବରେ ଇନ୍ଧନ ସଙ୍କଟ ଅତି ଜଟିଳ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ହିଁ ତୈଳ ଉତ୍ପାଦନର କେନ୍ଦ୍ରସ୍ଥଳ। ଇରାନ ନିଜେ ଏକ ତୈଳ ସମୃଦ୍ଧ ରାଷ୍ଟ୍ର। ଏହା ଛଡ଼ା ସାଉଦୀ ଆରବ, ୟୁଏଇ, ଓମାନ, ବାହାରିନ,କୁଏଟ, କାଟାର ଇତ୍ୟାଦି ଜିସିସି ସଦସ୍ୟଭୁକ୍ତ ରାଷ୍ଟ୍ର ବିଶ୍ୱର ପ୍ରମୁଖ ତୈଳ ଉତ୍ପାଦନକାରୀ ରାଷ୍ଟ୍ର। ସେଠାରୁ ଉତ୍ପାଦିତ ତୈଳ ବିଶ୍ୱର ଅଧାରୁ ଅଧିକ ଅଞ୍ଚଳକୁ ରପ୍ତାନୀ ହୋଇଥାଏ। ଯୁଦ୍ଧ ଯୋଗୁ କେବଳ ତୈଳ ଉତ୍ପାଦନ ବ୍ୟାହତ ହୋଇନି, ତୈଳ ରପ୍ତାନୀ ମଧ୍ୟ ପ୍ରଭାବିତ ହୋଇଛି। କାରଣ ମଧ୍ୟପ୍ରାଚ୍ୟ ତଥା ପଶ୍ଚିମ ଏସିଆରୁ ଯେଉଁ ରୁଟ ଦେଇ ତୈଳ ସମୁଦ୍ର ପଥରେ ପରିବହନ ହୋଇଥାଏ ସେହି ରାସ୍ତାରେ ଇରାନ ଆକ୍ରମଣ କରୁଛି। ବିଶେଷ କରି ହରମୁଜ ପ୍ରଣାଳୀ ଦେଇ ପଶ୍ଚିମ ଏସିଆରୁ ଅଧିକାଂଶ ତୈଳବାହୀ ଜାହାଜ ଯାଇଥାଏ। ଯୁଦ୍ଧ ପୂର୍ବରୁ ଇରାନ ଧମକ ଦେଇଥିଲା ଯେ ଏହି ରୁଟକୁ ଅବରୋଧ କରିବ। ଏବେ ତାହା ହିଁ ହୋଇଛି। ହରମୁଜ ପ୍ରଣାଳୀ ଦେଇ ଯାଉଥିବା ପଣ୍ୟବାହୀ ଜାହାଜ ଉପରେ ଇରାନ ଆକ୍ରମଣ କରିବା ଫଳରେ ଏହି ପଥରେ ଜାହାଜ ଚଳାଚଳ ଏକରକମ ବନ୍ଦ ହୋଇଯାଇଛି। ଏହା ହିଁ ତୈଳ ସଙ୍କଟର ପ୍ରମୁଖ କାରଣ। ଏଥିରେ ଭାରତ ମଧ୍ୟ ଗୁରୁତର ପ୍ରଭାବିତ ହୋଇଛି। ଭାରତରେ ଏବେ ସୁଦ୍ଧା ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ପାଇନି କିମ୍ବା ଏହାର ଅଭାବ ଅନୁଭବ କରାଯାଉନି। କାରଣ ଭାରତରେ ପ୍ରଚୁର ପରିମାଣର ଅଶୋଧିତ ତୈଳ ମହଜୁଦ ରହିଛି। ଆଗକୁ କ'ଣ ହେବ ତାହା ଭିନ୍ନ କଥା। କିନ୍ତୁ ଏବେ ପେଟ୍ରୋଲ ଏବଂ ଡିଜେଲ ଅଭାବ ନାହିଁ। ବିଦେଶରୁ ଏଲପିଜି ବା ଗ୍ୟାସ ଟ୍ୟାଙ୍କର ଆସିବା ବନ୍ଦ ହୋଇଯିବାରୁ ଭାରତରେ ଏହାର ସଙ୍କଟ ଦେଖାଦେଇଛି। ଏଥିପାଇଁ ସରକାରଙ୍କୁ ଦୋଷ ଦେବା ଅନୁଚିତ। ଲୋକେ ଯେପରି ଆତଙ୍କିତ ହେଉଛନ୍ତି ସେଥିରେ ସଙ୍କଟ ଅଧିକ ଘନୀଭୂତ ହେବା ସ୍ୱାଭାବିକ। କିନ୍ତୁ ଲୋକେ ଅଯଥା ଛାନିଆ ହୋଇ ଗ୍ୟାସ ପାଇଁ ଡହଳ ବିକଳ ହେବା ଅନୁଚିତ। ଏବେ ବିକଳ୍ପ ଇନ୍ଧନ ଚିନ୍ତା କରିବାର ସମୟ ଆସିଛି। ପେଟ୍ରୋଲ ଏବଂ ଡିଜେଲ ବଦଳରେ ଅଧିକ ସଂଖ୍ୟାରେ ବିଦ୍ୟୁତ ଚାଳିତ ଗାଡ଼ି ବା ଇଭି ବ୍ୟବହାରକୁ ପ୍ରୋତ୍ସାହିତ କରାଯିବା ଉଚିତ। ସେହିପରି ଏଲପିଜି ପରିବର୍ତ୍ତେ ଲୋକେ ଇଣ୍ଡକସନ ବ୍ୟବହାରକୁ ଆପଣାଇବା ଉଚିତ। ଏଲପିଜି ବ୍ୟବହାରକୁ ବନ୍ଦ କରାଯାଇପାରିବନି। କିନ୍ତୁ ଏହାକୁ ହ୍ରାସ କରାଯାଇପାରିବ। କିନ୍ତୁ କାଠଚୁଲା, କୋଇଲା ଏହାର ବିକଳ୍ପ ନୁହେଁ। ଏଲପିଜିର ଆଉ ଏକ ଭଲ ବିକଳ୍ପ ହେଲା ଗୋବର ଗ୍ୟାସ ବା ବାୟୋଗ୍ୟାସ। ବହୁ ବର୍ଷ ହେବ ଏହା ଉଦ୍ଭାବିତ ହେଲାଣି। କିନ୍ତୁ ବ୍ୟାପକ ପ୍ରଚାର ପ୍ରସାର ନଥିବାରୁ ଏହାକୁ ଲୋକେ କାର୍ଯ୍ୟକାରୀ କରୁ ନାହାଁନ୍ତି। କେବଳ ଗ୍ରାମାଞ୍ଚଳରେ ଏହାର ବ୍ୟବହାର ସୀମିତ ରହିଛି। ସହରାଞ୍ଚଳରେ ଗାଈ ଗୋରୁଙ୍କ ସଂଖ୍ୟା ଖୁବ କମ ଥିବାରୁ ଏଭଳି ହୋଇଛି। ଏବେ ସମୟ ଆସିଛି ଲୋକେ ପୁଣି ଗୋ ସମ୍ପଦକୁ ଆପଣାଇବା ଉଚିତ। ସେହିପରି ସୋଲାର ପାୱାରକୁ ମଧ୍ୟ ସର୍ବାଧିକ ଗୁରୁତ୍ୱ ଦିଆଯିବା ଉଚିତ। ଘରେ ଘରେ ସୋଲାର ପାୱାର ଉତ୍ପାଦନ କରାଯାଇ ଏହା ମାଧ୍ୟମରେ ଇନ୍ଧନ ସଙ୍କଟକୁ ଦୂର କରାଯାଇପାରିବ। ଭାରତ ଭଳି ଏକ ଗ୍ରୀଷ୍ମପ୍ରଧାନ ଦେଶରେ ସୋଲାର ପାୱାର ଉତ୍ପାଦନ ବୃଦ୍ଧିର ବ୍ୟାପକ ସମ୍ଭାବନା ରହିଛି। ଏହା ଦ୍ୱାରା ଏଲପିଜି ଉପରେ ନିର୍ଭରଶୀଳତା ୫୦% ହ୍ରାସ ପାଇପାରିବ। ବିଦେଶରୁ ଏଲପିଜି କିଣିବାକୁ ଆଉ ବାଧ୍ୟବାଧକତା ପଡ଼ିବନି। ଆମ ଦେଶରେ ବି ଗ୍ୟାସ ଉତ୍ପାଦିତ ହେଉଛି। ବିଦେଶରୁ ଆଉ ଅଳ୍ପ କିଛି ଗ୍ୟାସ ଆମଦାନୀ କରିଲେ କାମ ଚଳିଯିବ। ଏ ସମ୍ପର୍କରେ କେବଳ ସରକାର ନୁହଁନ୍ତି, ଦେଶର ପ୍ରତ୍ୟେକ ନାଗରିକ ଚିନ୍ତା କରିବାର ସମୟ ଆସିଛି। ସବୁ ଆବଶ୍ୟକତାର, ସବୁ ସମସ୍ୟାର ବିକଳ୍ପ ରହିଛି। ଏହାକୁ ସମୀକ୍ଷା କରାଯାଇ ଏହା ଉପରେ ପଦକ୍ଷେପ ନିଆଯିବା ଉଚିତ।

# ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା

**କବୀର କୁମାର ଜେନା ■**

ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ପର୍ବ ପାଳନର ଏକ ବୈଶିଷ୍ଟ୍ୟ ରହିଛି। ଏହି ଦିନ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଚିତାଲାଗି ବେଶ ହୋଇଥାଏ। ସ୍ନାନଯାତ୍ରା ପରଠାରୁ ଠାକୁରମାନେ ସ୍ନାନ ମଣ୍ଡପରୁ ଅଣସର ଘରକୁ ବିଜେ କରିବା ପରେ ଶ୍ରୀବିଗ୍ରହ ମାନଙ୍କ ମସ୍ତକରେ ଲାଗିଥିବା ହୀରା, ନୀଳା, ମାଣିକ୍ୟ ଖଚିତ ସୁବର୍ଣ୍ଣ ଚିତାକୁ କାଢ଼ି ଦିଆଯାଇ ଯଥା ସ୍ଥାନରେ ରଖାଯାଇଥାଏ। ଚିତାଲାଗି ଅମାବାସ୍ୟା ଦିନ ଏହି ରତ୍ନ ଖଚିତ ସୁବର୍ଣ୍ଣ ଚିତାକୁ ପୁନର୍ବାର ଶ୍ରୀବିଗ୍ରହ ମାନଙ୍କ ମସ୍ତକରେ ଲାଗି କରାଯାଏ। ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଧଳା ରଙ୍ଗର ହୀରକ ଶୋଭିତ ଚିତା, ଦେବୀ ସୁଭଦ୍ରାଙ୍କ ମସ୍ତକରେ ନାଲି ରଙ୍ଗର ମାଣିକ୍ୟ ଶୋଭିତ ଚିତା ଏବଂ ଶ୍ରୀବଳଭଦ୍ରଙ୍କ ମସ୍ତକରେ ନୀଳ ରଙ୍ଗର ନୀଳା ଖଚିତ ଚିତା ଦଇତାପତି ମାନେ ଲାଗି କରିଥାନ୍ତି। ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ଆସନ୍ତା ସ୍ନାନପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ। ପ୍ରତିବର୍ଷ ସ୍ନାନପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହଙ୍କ ମହାସ୍ନାନ ସମୟରେ ସବୁର୍ଣ୍ଣ ଚିତା ମସ୍ତକରୁ କଢ଼ାଯାଇଥାଏ ଏବଂ ରଥଯାତ୍ରା ସାରି ମହାପ୍ରଭୁ ଶ୍ରୀମନ୍ଦିରକୁ ବିଜେ କରିବା ପରେ ଶ୍ରାବଣ ଅମାବାସ୍ୟା ଦିନ ପୁନଃ ଚିତା ଲାଗି କରାଯାଏ।



ଚିତାଲାଗି ଅମାବାସ୍ୟା ଦିନ ଶ୍ରୀବିଗ୍ରହମାନଙ୍କ ସକାଳ ଧୂପ ପରେ ମଇଲମ ହୁଏ ଓ ପରେ ଜଗନ୍ନାଥଙ୍କ ଅଙ୍ଗରୁ ଝୋବାକଣ୍ଠମାଳ ବାହାର କରାଯାଇ ଭଣ୍ଡାର ଘରେ ରଖାଯାଏ। ଏହାପରେ ଦଇତା ଓ ବିଦ୍ୟାପତିମାନେ ତିନିଠାକୁରଙ୍କ ଲଲାଟରେ ତିନୋଟି ଚିତା ଲାଗି କରନ୍ତି। ଚିତାଲାଗି ନୀତି ସମ୍ପନ୍ନ ହେବାପରେ ସିଂହାସନ ଓ ତଳ ଧୁଆଯାଏ। ଏହାପରେ ପ୍ରଭୁଙ୍କର ମହାସ୍ନାନ, କର୍ପୂର ଆଳତି, ମଙ୍ଗଳ ଆଳତି ଏବଂ ବନ୍ଦାପନା ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ। ଏହି ବିଧି ସମାପନ ପରେ ପଞ୍ଚାମୃତ ମହାସ୍ନାନ ହୁଏ। ମଇଲମ ପରେ ଖଟଶେଯ ଗୃହରୁ ଶ୍ରୀଦେବୀ ଓ ଭୂଦେବୀ ସିଂହାସନରେ ବିଜେ କରନ୍ତି। ମଇଲମ ଲାଗି, ମାଳ ଲାଗି ଓ ବେଶ ଲାଗି ପରେ ଛଅ ମୂର୍ତ୍ତିଙ୍କ ତଡ଼ାଉ ଲାଗି କରାଯାଏ। ପରେ ପରେ ମଧ୍ୟାହ୍ନ ଧୂପ ହୁଏ ଯେଉଁଥିରେ କି ଚିତଉ ପିଠା ସହିତ ନାନା ପ୍ରକାର ପିଠା, ପଣା, କ୍ଷୀରି, ଖେଚୁଡ଼ି ଆଦି ଭୋଗ ଶ୍ରୀବିଗ୍ରହଙ୍କୁ ସମର୍ପଣ କରଯାଏ। ଏହା ପରେ ତିନି ଠାକୁରଙ୍କ ବନ୍ଦାପନା କରାଯାଏ। ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ପର୍ବ ତ୍ରୟୋଦଶ ଶତାବ୍ଦୀରୁ ପାଳିତ ହୋଇ ଆସୁଛି। ଆଉ ଏକ ଲୋକ କାହାଣୀରୁ ଜଣାଯାଏ ଯେ ଶଙ୍କରାଚାର୍ଯ୍ୟଙ୍କ ସମୟରେ ରକ୍ତବାହୁ ଶ୍ରୀଜଗନ୍ନାଥଙ୍କୁ ସୋନପୁର ଠାରେ ପାତାଳି କରି ରଖିଥିଲେ। ସେହି ସମୟରେ ଯଯାତି କେଶରୀ ଶ୍ରୀଜଗନ୍ନାଥଙ୍କୁ ଉଦ୍ଧାର କରି ଶ୍ରାବଣ ମାସର ଅମାବାସ୍ୟା ତିଥିରେ ମହାପ୍ରଭୁଙ୍କୁ ପଟ୍ଟାଭିଷେକ କରି ହୀରାର ଚିତାଲାଗି କରାଇଥିଲେ। ସେହିଦିନ ଠାରୁ ଏହା ଓଡ଼ିଶାରେ ପ୍ରତିବର୍ଷ ପାଳିତ ହୋଇ ଆସୁଛି ବୋଲି ବିଶ୍ୱାସ। ପଣ୍ଡିତ ନୀଳମଣି ମିଶ୍ରଙ୍କ ମତରେ ଲାଙ୍ଗୁଳା ନରସିଂହ ଦେବ ଗୌଡ଼ ସାମ୍ରାଜ୍ୟର ରାଜଧାନୀ ଲକ୍ଷଣାବତୀକୁ ଜୟ କରିବା ପରେ ବୋଧହୁଏ ନିଜର ମାନସିକ ପୂରଣ ନିମିତ୍ତ ଠାକୁରଙ୍କ ଲଲାଟରେ ମୂଲ୍ୟବାନ ଚିତାଲାଗି କରାଇଥିଲେ। ସେବେ ଠାରୁ ଏହି ପରମ୍ପରାଟି ଓଡ଼ିଶାରେ ଓ ଶ୍ରୀମନ୍ଦିରରେ ପାଳିତ ହୋଇ ଆସୁଛି ବୋଲି ବିଶ୍ୱାସ କରାଯାଏ।

ପୁରାଣରୁ ଜଣାଯାଏ ଯେ ଦେବତା ଓ ଅସୁରମାନେ ସମୁଦ୍ର ମନ୍ଥନ ସମୟରେ ବିଭିନ୍ନ ରତ୍ନ, ଅଶ୍ୱ, ଐରାବତ ହସ୍ତୀ, ଅମୃତ, ବିଷାଦି ବାହାରିଥିଲା। ଶ୍ରାବଣ ଅମାବାସ୍ୟା ଦିନ ଦେବତାମାନେ ବିଭିନ୍ନ ରତ୍ନ ଗ୍ରହଣ କରିଥିଲେ। ସେହି ଦିନଠାରୁ ଶ୍ରାବଣ ଅମାବାସ୍ୟାକୁ ରତ୍ନ ଗ୍ରହଣର ଦିନ ଭାବେ ପାଳିତ କରାଯାଉଛି। ସ୍କନ୍ଦ ପୁରାଣରେ ଉଲ୍ଲେଖ ଅଛି ଯେ ଯେଉଁ ବ୍ୟକ୍ତି ଶ୍ରାବଣ ମାସରେ ଭକ୍ତିପୂର୍ବକ ପୂଜା କରି ଖଇରେ ଘୃତ ମିଶାଇ ପ୍ରଭୁଙ୍କୁ ଅର୍ପଣ କରେ ତାର ସମସ୍ତ ପାପ କ୍ଷୟ ହୁଏ ଏବଂ ତା ପରିବାର ଓ ଗୃହକୁ ବିପତ୍ତି ପଡ଼େ ନାହିଁ। ଯେଉଁ ବ୍ୟକ୍ତି ଏହି ମାସରେ ବିଷ୍ଣୁଙ୍କୁ ମୁଗ ପୁରଦିଆ ପିଠା ଅର୍ପଣ କରନ୍ତି ତାଙ୍କ ଗୃହରେ ମହାଲକ୍ଷ୍ମୀ ବାସ କରନ୍ତି। ସ୍କନ୍ଦ ପୁରାଣ ଅନୁସାରେ ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀଜୀଉଙ୍କ ଲଲାଟ ଭୂଷଣ ଚିତାଲାଗି ପର୍ବ ପାଳନ କରାନଗଲେ ବର୍ଷକ ମଧ୍ୟରେ ଅନୁଷ୍ଠିତ ଜଗନ୍ନାଥଙ୍କ ସବୁଯାତ୍ରା ପାଳନରୁ ଅର୍ଜିତ ପୂଣ୍ୟ କ୍ଷୟ ହୋଇଯାଏ।

ଅଣିକଣା, ବରୀ, ଯାଜପୁର, ଦୂରଭାଷ : ୮୯୧୭୩୭୭୯୮୭

# ଶକ୍ତି

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଶକ୍ତି ଖୋଜରେ ଚାଲିଲେ ପଥରେ ଯାହା ଦେଖିବେ ତାହା ମଧରେ ଶକ୍ତି ଊଣାଅଧିକେ ରହିଛି। ଔଷଧରେ ଭିଟାମିନ। ଭିଟା ମାନେ ହିଁ ଶକ୍ତି, ଦୁର୍ବଳ ସ୍ୱାସ୍ଥ୍ୟର ବ୍ୟକ୍ତିକୁ ଡାକ୍ତର ବାବୁମାନେ ଭିଟାମିନର ବଟିକା ଟନିକ ବା ଜରୁରୀ ମନେକଲେ ଇଞ୍ଜେକ୍ସନ ଦେଇଥାନ୍ତି। ଶକ୍ତି ପାଉନାହିଁ ମାନେ, ବଳ ପାଉ ନାହିଁ। ବଳ ଅନ୍ୟ ନାମ ଶକ୍ତି। ବାଳାନାଂ ରୋଦନ ବଳମ୍। ଶିଶୁ ମାନଙ୍କର ରୋଦନ, କାନ୍ଦ ବଳ, ସେହିପରି ଦୁର୍ବଳ ଅପାରଗର ବଳ ଖୋଜରେ ଦୁର୍ବଳସ୍ୟ ବଳମ୍ ରାମା ଦୁର୍ବଳକୁ ଦଳିତ କରି କଷ୍ଟ ଦେଇ ଅତ୍ୟାଚାର କରି ଦୁର୍ଦ୍ଦାନ୍ତ ମାନେ ଅନଧିକାରୀ ଥାଇବି ଜୁଲମକରି ତାର ସମ୍ମୁଖରେ ସମ୍ପତ୍ତି, ଧନ, ଯୌବନ ଯୁବତୀ ଝିଅ, ଲୁଣ୍ଠନ କରିବା ଭୋଗ କରିବା ଯେତେବେଳେ ଅତ୍ୟାଚାରିତ ନିଜର ଦୈହିକ ବଳରେ ସେତେବେଳେ ସେ ରାଜଶକ୍ତିର ଆଶ୍ରୟ ଲୋଡ଼େ। ପୂର୍ବେ ଜାତିପାଟକର ବ୍ୟବସ୍ଥା କଡ଼ାକଡ଼ି ଥିଲା। ଏକ ଜାତିର ବ୍ୟକ୍ତି ଅନ୍ୟ ଜାତିର କୌଣସି ବ୍ୟକ୍ତିକୁ ତାପିତ କଲେ ଏକ ଗୋଷ୍ଠୀ ଆକ୍ରମଣକାରୀର ଜାତି ସଭା ଦରବାରରେ ଫେରାଦ ହୋଇ ତାକୁ ଦଣ୍ଡିତ କରାଉଥିଲେ। କୁହାଯାଏ ଜାତି ଆଗରେ ହାତୀ ସରି ନୁହେଁ। ହାତୀର ଶକ୍ତି କେତେ ସେ ଏକ ଗୋଷ୍ଠୀ ଜନବଳ ଶକ୍ତିରେ ହାରମାନେ। ଯୋଡ଼ାକୁ ଘୋଡ଼ା ସରିନୁହେଁ। ଘୋଡ଼ାକୁ ଅଶ୍ୱ କୁହାଯାଏ, ଅଶ୍ୱଶକ୍ତି ହର୍ସ ପାୱାର ସଂକ୍ଷିପ୍ତରେ ଏଚ.ପି. ଯାହା ଦ୍ୱାରା ବିଦ୍ୟୁତ ମୋଟର, ଅନ୍ୟ ଯାନ୍ତ୍ରିକ ଯାନର ଶକ୍ତି ନିର୍ଦ୍ଧାରଣ କରାଯାଉଛି। ଏକ ଏଚ.ପି.-୭୪୬ ୱାଟ, ବିଦ୍ୟୁତ ଶକ୍ତି ଚାଲିଲେ ଖର୍ଚ୍ଚ ହୁଏ। ଏହିପରି ଏକ ଉଦଣ୍ଡା ଅଶ୍ୱକୁ ଦୁଇ ବ୍ୟକ୍ତି ମିଶିଗଲେ ଆୟତ ପାରନ୍ତି। ପୁରୁଷର ଯୌନଶକ୍ତିକୁ ଯୌବନ କାଳରେ ଦୀର୍ଘସ୍ଥାୟୀ ରଖିବା ପାଇଁ ଚିକିତ୍ସା ଶାସ୍ତ୍ରରେ ଏକ ସ୍ୱତନ୍ତ୍ର ବିଧାନ ଅଛି, ତାର ନାମ ବାଜୀ କାରଣ, ଘୋଡ଼ାର ଅନ୍ୟ ଏକ ଅର୍ଥରେ ବାଜୀ ଗ୍ରହଣ ହୁଏ।

ବାଜୀ ବାଜୀ ବା ଘୋଡ଼ାପରି ତାକତଦାର ରମଣ ଶକ୍ତି ପାଇଁ ବ୍ୟବହୃତ ରସାୟନ ବା ଔଷଧ। ରାମାୟଣରେ ଅଛି ବାନର ଯୋଦ୍ଧା ବାଳୀଙ୍କର ଥିଲା ଲକ୍ଷେ ସିଂହଙ୍କବଳ। ସିଂହ ସହ ମନୁଷ୍ୟକୁ ବିନା ଆୟୁଧରେ ଲଢ଼େଇ କରିବାକୁ ଦେଇ ଅନେକ ରାଜା ଏକ ରାକ୍ଷସୀ ଆନନ୍ଦ ଉପଭୋଗ କରୁଥିଲେ। ଏହାର ଜ୍ୱଳନ୍ତ ପ୍ରମାଣ ଯୋଗୀର ଆତ୍ମକଥା ପୁସ୍ତକରେ ଅଛି। ଆମ ରାଜ୍ୟର ଜଣେ ବ୍ରିଟିଶକାଳର ରାଜା ଆଳିର ରାଜା ବ୍ରଜ ସୁନ୍ଦର ଦେବ ଏକ ସର୍କସ ସଂସ୍ଥା କରି କଲିକତାରେ ପ୍ରଦର୍ଶନ ବେଳେ ବଙ୍ଗାଳି ଦର୍ଶକମାନେ କହିଥିଲେ ଏ ରଜା ତାଙ୍କ ଏହି ସର୍କସର ବାଘକୁ ଅଫିମ ଖାଇବାକୁ ଦେଇ ପୋଷା ମନାଇ ଖେଳ କରୁଛନ୍ତି ସିନା କଲିକତାରେ ଥିବା ଚିଡ଼ିଆଖାନାର ବାଘ ସହ କଣ ଏପରି ଖେଳ କରିପାରିବେ? ପରଦିନ ବଙ୍ଗାଳି ଲୋକେ ଦେଖିଲେ ସମ୍ପୃକ୍ତ ଚିଡ଼ିଆଖାନା ଏକ ରୟାଲ ବେଙ୍ଗଲ ବାଘ ଉପରେ ବସି ରାସ୍ତାରେ ବୁଲିଥିଲେ। ସେ କେତେ ଶକ୍ତିଶାଳୀ ରାଜପଥରେ ଲୋକେ ଦେଖିଲେ। ରାଜା ବ୍ରଜସୁନ୍ଦର ଦେବ ରିଙ୍ଗ ଲିଡ଼ର ହୋଇ ମେଲା ଫାଙ୍କାରେ ସାଂଘାତିକ ହିଂସ୍ର ବାଘକୁ ନେଇ ସର୍କସରେ ଖେଳ ଦେଖାଉଥିଲେ।

ସାରା ଭାରତ, ବର୍ମା. ସେ ୧୯୩୦ରୁ ୧୯୪୦ ମସିହା ଯାଏ ତାଙ୍କ ସର୍କସ ସଂସ୍ଥା ଚାଲିଥିଲା। ବାଘ ଶବ୍ଦରେ ମହାବଳ ସଂଯୋଗ ଅଛି। ବାଘଙ୍କ ଶକ୍ତି ଅପ୍ରମିତ। ମା ଅମ୍ବିକା ବାହାନ ବାଘ। କୁହାଯାଏ ବାଘ ଠାରୁ ସିଂହ ଆହୁରି ବଳବାନ, ଦୁର୍ଗାଙ୍କ ବାହାନ ଦୁର୍ଗା। ଏବେ ସହର ମାନଙ୍କରେ ବହୁଳ ଜନ ପଦରେ ଦୁର୍ଗା ପୂଜା। କିନ୍ତୁ ପ୍ରକୃତରେ ସେ ବନରେ ପ୍ରପୂଜିତା ବନଦୁର୍ଗା। ସୁରଥ ରାଜା ମେଧାସ ଋଷିଙ୍କ ଶକ୍ତ ଦୀକ୍ଷା ଉପଦେଶରୁ ହୃତ ରାଜ୍ୟ ଫେରି ପାଇବା ପରେ ତାଙ୍କ ରାଜଧାନୀରେ ସିଂହ ବାହିନୀ ଦୁର୍ଗା ଆରମ୍ଭ କରିଥିଲେ। ଅଭଙ୍ଗ ବଙ୍ଗ ରାଜ୍ୟରେ ପ୍ରଖ୍ୟାତ ଜମିଦାର ସାବର୍ଣ୍ଣ ଚୌଧୁରୀ ମହୋଦୟ ବଙ୍ଗ ରାଜ୍ୟର ମୃଣ୍ମୟୀମୂର୍ତ୍ତିର ଦୁର୍ଗାପୂଜା ଉତ୍ତମ କୁମ୍ଭାର ମୂର୍ତ୍ତି କାରିଗରଙ୍କ ଦ୍ୱାରା ତୟାର କରିଥିଲେ। ଏହା ଶକ୍ତି ଉପାସନାରେ ଏକ ମୂର୍ତ୍ତି ଆଧାରର ଏକାଂଶ। ଆମ ଜଗନ୍ନାଥ ମନ୍ଦିର ସହ ଗଜପତି ପୁରୁଷୋତ୍ତମ ଦେବଙ୍କ କାଞ୍ଚି ବିଜୟ ଇତିହାସ ଜଡ଼ିତ। ଭକ୍ତ ପାଇଁ ଭଗବାନ ଯୁଦ୍ଧ ଯାତ୍ରାରେ ଦୈବୀ ଶକ୍ତି ଅର୍ପଣ କରନ୍ତି ତାର ପ୍ରମାଣ ରହିଯାଇଛି। ମାଣିକ ଗୋପାଲୁଣୀ ପ୍ରଭୁଙ୍କ ରତ୍ନ ମୁଦି ଦଧି ପାତ୍ରରେ ପଡ଼ିଥିବା ସେ ରତ୍ନମୁଦିରେ ପ୍ରଭୁଙ୍କର ରୂପାଙ୍କିତ ସେ ମୁଦିର ସ୍ମୃତି ପରକାଳରେ ଭକ୍ତର ରକ୍ଷକ ଦଧି ବାମନ ରୂପେ ଭକ୍ତଙ୍କ ଘରେ ଘରେ ଉପାସନା।

ଜଣେ ଗୋପାଲୁଣୀର ସେବା ମୁଗ୍ଧରେ ତାର ଦରିଦ୍ରତାକୁ ଲୋପକରି ତାକୁ ଏକ ପାଟଣାର ଜମିଦାରୀ ପ୍ରଦାନ କେମିତି ପ୍ରଭୁ କରିପାରନ୍ତି ତାହା ନିଷ୍ଠା ସେବା ଭକ୍ତି ସମ୍ଭବ ହୋଇପାରେ ତାର ନଜିର ରଖିଛନ୍ତି। ରାଜା ଜିତିଛନ୍ତି, ମାନ, ସଂକଳ୍ପ ରକ୍ଷା ପ୍ରଭୁଙ୍କ ଶକ୍ତିରେ ହୋଇଛି ତାର ଉଦାହରଣ ରହିଯାଇଛି। ଗଜପତି ପ୍ରତାପରୁଦ୍ର ଦେବଙ୍କ ସମୟରେ ନାମଶକ୍ତି ଲୋକେ ଜାଣିଲେ ସେତେବେଳେ ପଞ୍ଚ ଶଖାଙ୍କ ପ୍ରକଟ କାଳ ଭକ୍ତିରେ କେମିତି ଭଗବାନ ବଶ ହୋଇପାନ୍ତି ଶାସ୍ତ୍ର ଗୁଡ଼ିକୁ କ୍ଲିଷ୍ଟରୁ ସରଳରେ ଲୋକଙ୍କୁ ବୁଝାଇ ଧର୍ମ ମାର୍ଗରେ ଜୀବନ ନିର୍ବାହ କରିହେବ ଏସବୁ ରାଜାଙ୍କ ଆନୁଗତ୍ୟ ପୃଷ୍ଠ ପୋଷକରୁ ପ୍ରସ୍ତୁତ ବହୁତ ଗ୍ରନ୍ଥ ଏବେ ବି ଉପଲବ୍ଧ। ଗ୍ରନ୍ଥ ଏକ ବିଶେଷ ଶକ୍ତି ଯେ ଅଜ୍ଞାନ ତିମିର ପାଠକଙ୍କର ଅପସାରଣ କରାଏ। କାହିଁ କାଳରୁ ଆଦିଗ୍ରନ୍ଥ ବେଦ ସନାତନ ଆର୍ଯ୍ୟ ଜାତିର ଶକ୍ତି ସମ୍ବିଧାନ। ଚୈତନ୍ୟଙ୍କ ମାର୍ଗରେ ପରେ ପରେ , ଦିବ୍ୟଗୁରୁ ରାଧାରମଣ ଦେବ ତାଙ୍କ ପରେ ନାମାଚାର୍ଯ୍ୟ ବାୟାବାବା ନାମଶକ୍ତି କଣ ଜନ ସମୂହରେ ପ୍ରଚାର କରି ଆଜି ଚିର ସ୍ମରଣୀୟ। ଏ ଯୁଗର ନାମ କଳି, କଥାକଥାକେ କଳି ଘରେ ଘରେ କଳି ସବୁ ସ୍ତରରେ କଳିଏହାର ପ୍ରତିକାରର ଏକବାଟ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ନାମ ଜପ ନିତ୍ୟର ଏକ ବାଟ ଗୁରୁଙ୍କ ଠାରୁ ଦୀକ୍ଷା ନେଇ ନାମ ଜପ ନିତ୍ୟ ସଂସାର କର୍ମ ସହିତ ଜଡ଼ିତ ରଖବାକୁ ପଡ଼ିବ। ସର୍ବାଧାର ସୂର୍ଯ୍ୟ, ଶାସ୍ତ୍ରରେ ଅଛି ସର୍ଯ୍ୟଙ୍କ ଜନ୍ମ କଳିଙ୍ଗଦେଶ, ଅତ୍ୟନ୍ତ ବିଚାର ବିଷୟ ସେ ଜଣେ ଓଡ଼ିଶାବାସୀ ଓଡ଼ିଆ,ହେଲେ ଅନେକ ବଡ଼, ତାଙ୍କର ବିନା ପୃଥିବୀ କଣ ଅନ୍ୟ ଗ୍ରହ ମାନେ ବି ଅଥର୍ବ। ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ପୁତ୍ରଙ୍କୁ କୁଷ୍ଠ ରୋଗ ଧରିଲା ସେ ବହୁତ ଜ୍ଞାନୀ ପରାମର୍ଶ କରି ସିଦ୍ଧାନ୍ତରେ ପହଞ୍ଚି ମଗ ବ୍ରହ୍ମାଣ ମାନଙ୍କୁ ସୂର୍ଯ୍ୟ ଆରାଧନା ପାଇଁ ଅର୍କ କ୍ଷେତ୍ରର ମୈତ୍ରେୟ ବନକୁ ପଠାଇ ଥିଲେ ଉପାସନା ସଫଳ ହୋଇଥିଲା ଶାମ୍ବ ସୁସ୍ଥ ହୋଇ ଦ୍ୱାରିକା ଫେରିଥିଲେ।

ଏବେ ବି ଓଡ଼ିଶାରେ ଶାମ୍ବ ଦଶମୀ ପୂଜା ମାଆ ମାନେ ତାଙ୍କ ପିଲାଙ୍କ ଆରୋଗ୍ୟ କାମନା କରି ବାଇଗଣ ପତ୍ରରେ ସକାର ସହ ପିଠା ଅନ୍ନ ସୂର୍ଯ୍ୟଙ୍କୁ ଅର୍ପଣ କରୁଛନ୍ତି। ସୂର୍ଯ୍ୟ ବଡ଼ ଜମିଦାର ତାଙ୍କ ଜମିଦାରୀରେ ପୃଥିବୀରେ ସର୍ବେ ବାସିନ୍ଦା ତାଙ୍କର ପ୍ରଭାତ ଗସ୍ତ ଆରମ୍ଭ କାଳରେ ସମସ୍ତଙ୍କୁ ଜାଗ୍ରତ ସେ ସଂଦର୍ଶନ କରିବାକୁ ଚାହାଁନ୍ତି। ଯେ ଜାଗ୍ରତ ହୋଇ ତାଙ୍କୁ ଦୃଷ୍ଟି ଶକ୍ତିରେ ନ ଦେଖେ ଶରୀର ସକାଳ କିରଣରେ ସୂର୍ଯ୍ୟ ସ୍ନାନ ନକରେ, ଜମିଦାରୀ କୋପ ଆରମ୍ଭ କାହୁଁ ରୋଗ ବ୍ୟକ୍ତିଶରୀରରେ ଆକ୍ରମଣ କରେ। ଏପରି ମାଗଣା ରୋଗ ଅରୋଗ୍ୟକାର ବୈଦ୍ୟ କାହୁଁ ମିଳିବେ, ସମସ୍ତ ଖାଇବା ପିଇବା ଠାରୁ ଜୀବଜଗତର ସମସ୍ତ ମଙ୍ଗଳ କରବା ତାଙ୍କର କାମ। ଆଜି ମନୁଷ୍ୟ ସୋଲାର ବିଦ୍ୟୁତ ପାଇଁ ପୁଣି ତାଙ୍କ ଦାନ ପାଇଁ ପାର୍ଥି ହେଲେଣି। ସାମ୍ୟବାଦୀ ନୀତି ସଂସାରରେ ସମସ୍ତଙ୍କ ପାଇଁ ଏକ ପ୍ରକାର କରୁଣା ହିଁ ଦେଉଛନ୍ତି। ସେ ମହାଶକ୍ତି। ତାଙ୍କର ଶିଷ୍ୟ ମହାବଳୀ ହନୁମାନ ଯେ ଚାରିଯୁଗରେ ପ୍ରତାପୀ ସେ ତାଙ୍କ ସତ୍ୟ ଉପାସକଙ୍କୁ କେବେ ହତାଶ କରନ୍ତି ନାହିଁ। ଆହୁରି ଅନେକ ଶକ୍ତି ଅଗ୍ନି ବାୟୁ ଜଳ ଆକାଶ ପୃଥିବୀ ଏ ମହାଭୂତମାନେ ଆଦିଶକ୍ତି। ନିଜର ବାପା ମା ଏମାନେ ଶକ୍ତି ପ୍ରତ୍ୟେକଙ୍କ ଗୁରୁଶକ୍ତି, ପ୍ରତ୍ୟକଙ୍କ ପୁରୁଷୀ ଶକ୍ତି ଅଛି। ଯାହା ଶକ୍ତି ରେସେମାନେ ଶକ୍ତିବନ୍ତ ପୌରୁଷ ପ୍ରକାଶକାରୀ ହେଉଛନ୍ତି। ବିଷ୍ଣୁଙ୍କ ବୈଷ୍ଣବୀ ଶକ୍ତି, ମହେଶ୍ୱରଙ୍କ ମାହେଶ୍ୱରୀ, କୁମାରଙ୍କ କୌମାରୀ, ବରାହଙ୍କ ବାରାହୀ, ନୃସିଂହଙ୍କ ନାରସିଂହୀ , ବ୍ରହ୍ମାଙ୍କ ବ୍ରାହ୍ମଣୀ, ଇନ୍ଦ୍ରଙ୍କ ଐନ୍ଦ୍ରୀ ଶକ୍ତି।

ଆମ ମାନଙ୍କ ଗ୍ରାମ ମାନଙ୍କରେ ସର୍ବତ୍ର ଶକ୍ତି ପୀଠ ଗ୍ରାମଦେବତୀ ଅସ୍ଥାନ ଏହାଙ୍କ ମାର୍ଜନା ଆଜ୍ଞାମାଳ ବିନା ଗୃହାରମ୍ଭ ଗୃହ ପ୍ରତିଷ୍ଠା, ବ୍ରତ ବିବାହ ମଙ୍ଗଳକୃତ୍ୟ କେବେ ହେଉନାହିଁ। ଏହାକୁ କେହି ଅଣଦେଖା କରିବା ଉଚିତ ନୁହେଁ। ଗୋମାତା ଏକ ଶକ୍ତି, ସେ କାମଧେନୁଙ୍କ ନନ୍ଦିନୀ ଗୋପାଳକ ଘରେ ଅଭାବ ନଥାଏ। ଗୋପଗୋପୀ ଗୋପାଳ ଗୋବିନ୍ଦ ଗୋବର୍ଦ୍ଧନ ଏସବୁ ଶବ୍ଦରେ ପ୍ରଥମେ ଗୋ ଶବ୍ଦ ଉଚ୍ଚାରିତ ଏ ପାଇଁ ଏମାନେ ଶକ୍ତିମାନ। ଏ ନାମ ଧରିଲେ ଅନେକ ପୁଣ୍ୟ ହୁଏ। ଗାଈର ପୁଅ କ୍ଳୀବ ହୋଇ ହଉ, ବଳଦ ଯେ କୃଷି କାର୍ଯ୍ୟରେ କୃଷକଙ୍କୁ ବଳଦ ଦିଅନ୍ତି। କୃଷକ ଘରେ କେତେ ହଳ ବଳଦରେ ତାଙ୍କ ଅଭିଜାତ୍ୟ ପ୍ରକାଶ ବେଳେ ରାଜଘରେ କେତେ ହାତୀ ସେଥିରେ ତାଙ୍କ ଆଭିଜାତ୍ୟ ପ୍ରକାଶ ହେଉଥିଲା। ପଶୁମାନେ ବି ମାନବର ଏକ ବିଶେଷ ଶକ୍ତି।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# ଚିତାଲାଗି ଅମାବାସ୍ୟା

**ଜ୍ୟୋତ୍ସ୍ନା ମହାପାତ୍ର ■**

ଘରେ ଘରେ ପିଠାପଣା, ବିଭିନ୍ନ ପ୍ରକାର ପିଠଉ ଓ ମିଠାର ବାସ୍ନା ଯେଉଁଦିନଟି ଘରୁ ଆସିଥାଏ ସେହି ଦିନଟି ହେଉଛି ଚିତାଲାଗି ଅମାବାସ୍ୟା। ମୋର ଭଲଭାବେ ମନେଅଛି ମୋ ମାଆ ଆମକୁ ପିଲାଦିନେ 'ଚିତଉ ପିଠା' କରି ଭୋଗ ଲଗାଇବା ପରେ ଆମମାନଙ୍କୁ ଦେଇଥାନ୍ତି। ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ। ଏହା ଶ୍ରାବଣ ମାସର ଅମାବାସ୍ୟା ତିଥିରେ ପାଳିତ ହୋଇଥାଏ। ଏହି ଦିନ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଚିତାଲାଗି ହୋଇଥାଏ। ଜଗନ୍ନାଥଙ୍କ ନିତିଦିନିଆ ପୂଜା ଓ ଧୂପ ଶେଷ ହେବା ପରେ ଦଇତାପତିମାନେ ତିନି ଠାକୁରଙ୍କ ଲଲାଟରେ ଚିତା ଲାଗି କରନ୍ତି। ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଁଠା ଆଦି ପିଠା ଅର୍ପଣ କରାଯାଇଥାଏ। ଏହି ପ୍ରଥା ଶବର ପରମ୍ପରାରୁ ଆନୀତ ବୋଲି ବିଦିତ। ଏଥିରେ ଚିତଉ ପିଠା କରି ଜୀବଜନ୍ତୁମାନଙ୍କୁ ଖୁଆଇ ସନ୍ତୁଷ୍ଟ କରିବାର ପ୍ରଥା ରହିଛି। ସେଥିପାଇଁ 'ଗେଣ୍ଡଇକଟା ଓଷା' ନାମରେ ମଧ ଜଣା। ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଅଞ୍ଚଳରେ ଏହି ପର୍ବକୁ 'ଗେଣ୍ଡାକଟା ଅମାବାସ୍ୟା' କୁହାଯାଏ। ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀ ମାନଙ୍କ ମଧ୍ୟରେ ଜନ୍ତୁଆଦିଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପାଳିତ ପର୍ବ ମାନଙ୍କ ମଧ୍ୟରେ ଗୋଟିଏ। ଗେଣ୍ଡା ସାଧାରଣତଃ ଫସଲ କାଟି କ୍ଷତି କରୁଥିବାରୁ ସେ ସମ୍ଭାବନାକୁ ଏଡ଼େଇବା



ନିମନ୍ତେ ଏହି ଖାଦ୍ୟ ଅର୍ପଣ କରାଯାଇଥାଏ। ଖାଦ୍ୟ ଖାଇ ଗେଣ୍ଡା ଆଉ କେଉଁଠାକୁ ଚାଲିଯାଇଥାଏ।

ଏହି ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀମନ୍ଦିର ତିନିଠାକୁରଙ୍କ ଲଲାଟରେ ଦଇତାପତିମାନେ ଚିତା ଲାଗି କରୁଥିବାରୁ ଏହାର ନାମ ଚିତାଲାଗି ଅମାବାସ୍ୟା। ସ୍ନାନ ପୂର୍ଣ୍ଣିମା ଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରୁ ଯେଉଁ ଚିତା ଉଲାଗି କରାଯାଇଥାଏ ତାହା ପୁଣି ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ। ଶ୍ରୀଜଗନ୍ନାଥଙ୍କ ମସ୍ତକରେ ହୀରା ଖଚିତ ଧଳା ଚିତା ଓ ଶ୍ରୀବଳଭଦ୍ରଙ୍କ ମସ୍ତକରେ ନୀଳା ଖଚିତ ନୀଳ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ୍ୟ ଖଚିତ ନାଲି ଚିତା ଲାଗି କରାଯାଏ। ପରମ୍ପରା ଏବଂ ବିଧି ମୁତାବକ ପତିମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ ଶ୍ରୀବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି। ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ପରିଧାନ କରାଇଥାନ୍ତି। ଏହି ଚିତା ଶ୍ରୀବିଗ୍ରହମାନଙ୍କ ମସ୍ତକରେ ପରବର୍ତ୍ତୀ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ। ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା ୧୩ଶ ଶତାବ୍ଦୀରୁ ପାଳିତ ହୋଇଆସୁଛି ବୋଲି ଜଣାଯାଏ। ଚିତଉ ଅମାବାସ୍ୟାଟି ପ୍ରାୟତଃ କୃଷି ବ୍ୟବସ୍ଥା ସହିତ ଜଡ଼ିତ ଥିବା ପରିବାରରେ ଅଧିକ ଆନନ୍ଦମୟ ଭାବରେ ପାଳିତ ହୋଇଥାଏ।

ଚଣ୍ଡୀମନ୍ଦିର ମାର୍ଗ, କଟକ-୧, ଦୂରଭାଷ : ୯୪୩୭୦୨୧୬୧୫



# ମଧ୍ୟପ୍ରଦେଶରେ ବ୍ୟାନ ହେଲା 'ଏନାଲଗ୍ ପନୀର'

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଏବଂ ପ୍ରାକୃତିକ କ୍ଷୀର ଜାତ ଦ୍ରବ୍ୟର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ମଧ୍ୟପ୍ରଦେଶ ସରକାର 'ଏନାଲଗ୍ ପନୀର' ର ଉତ୍ପାଦନ, ବିକ୍ରି ଏବଂ ବ୍ୟବହାର ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇଛନ୍ତି। ଖାଦ୍ୟ ଓ ବେସାମରିକ ଯୋଗାଣ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିଛନ୍ତି।ମହାରାଷ୍ଟ୍ର, ଗୁଜରାଟ ଏବଂ ଛତିଶଗଡ଼ ପରେ ମଧ୍ୟପ୍ରଦେଶ ଚତୁର୍ଥ ରାଜ୍ୟ ଭାବରେ ଏହି ନକଲି କିମ୍ବା କୃତ୍ରିମ ପନୀରକୁ ନିଷିଦ୍ଧ କରିଛି। ଏନାଲଗ୍ ପନୀର ହେଉଛି ପ୍ରାକୃତିକ କ୍ଷୀର ପନୀରର ଏକ ଶସ୍ତା ବିକଳ୍ପ। ଏହାକୁ ପ୍ରସ୍ତୁତ କରିବା ପାଇଁ ଶୁଦ୍ଧ କ୍ଷୀର ବଦଳରେ କିମ୍ବା କ୍ଷୀର ସହିତ ପନିପରିବା ତେଲ ଏବଂ ଷ୍ଟାର୍ଚ୍ଚର ମିଶ୍ରଣ କରାଯାଇଥାଏ। ଏହାର ଦାମ୍ କମ୍ ଥିବାରୁ ବଜାରରେ, ବିଶେଷ କରି ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡ଼ିକରେ ଏହାର ଚାହିଦା ବୃଦ୍ଧି ପାଇବାରେ ଲାଗିଛି।ଖାଦ୍ୟ ସୁରକ୍ଷା ବିଭାଗର ଅଧିକାରୀଙ୍କ ସୂଚନା ଅନୁଯାୟୀ, ମଧ୍ୟପ୍ରଦେଶର ବିଭିନ୍ନ ରେଷ୍ଟୁରାଣ୍ଟ ଓ ଭୋଜିରେ ପ୍ରତିମାସରେ ପ୍ରାୟ ୯,୦୦୦ ରୁ ୧୨,୦୦୦ କ୍ୱିଣ୍ଟାଲ ଏନାଲଗ୍ ପନୀର ବ୍ୟବହୃତ ହେଉଥିଲା। ଜାତୀୟ ମାନବାଧିକାର କମିଶନ (NHRC) ଏହି କୃତ୍ରିମ ପନୀର ବିକ୍ରିକୁ ନେଇ ଚିନ୍ତାପ୍ରକଟ କରିଥିଲେ। କମିଶନର ସଦସ୍ୟ ପ୍ରିୟଙ୍କ କାନୁନ୍‌ଗୋ ଗତମାସରେ ସବୁ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଏହାକୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଦର୍ଶାଇ ବ୍ୟାନ କରିବାକୁ ଅନୁରୋଧ କରିଥିଲେ।ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, 'ଅନ୍ୟ ରାଜ୍ୟ ଭଳି ଆମେ ମଧ୍ୟପ୍ରଦେଶରେ ଏନାଲଗ୍ ପନୀରକୁ ବ୍ୟାନ୍ କରୁଛୁ। ଆମେ ରାଜ୍ୟରେ ପ୍ରାକୃତିକ କ୍ଷୀର ଉତ୍ପାଦନ ବୃଦ୍ଧି କରିବୁ ଏବଂ କ୍ଷୀରରୁ ପ୍ରାକୃତିକ ଉପାୟରେ ଶୁଦ୍ଧ ପନୀର ତିଆରି କରିବାକୁ ପ୍ରୋତ୍ସାହିତ କରିବୁ।'ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଖାଦ୍ୟ ସୁରକ୍ଷା ବିଭାଗ ସଜାଗ ହୋଇପଡ଼ିଛି। ରାଜ୍ୟର ବିଭିନ୍ନ ଡାଏରୀଗୁଡ଼ିକରେ ପ୍ରସ୍ତୁତ ହେଉଥିବା ପନୀରର ଗୁଣବତ୍ତା ଯାଞ୍ଚ କରିବା ସହ ଏନାଲଗ୍ ପନୀରକୁ ତୁରନ୍ତ ଜବତ କରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।ଏହି ନିର୍ଦ୍ଦେଶକ୍ରମେ ଇନ୍‌ଦୋରଠାରେ ଏକ ଡାଏରୀ କାରଖାନା ଉପରେ ଚଢ଼ାଉ କରାଯାଇ ୪୫୦ କିଲୋଗ୍ରାମ ଏନାଲଗ୍ ପନୀର ଜବତ କରାଯାଇଛି।



# ଆମେରିକା-ଇରାନ ବିବାଦରେ ମଧ୍ୟସ୍ଥତା ପ୍ରୟାସ ପୁନର୍ଜୀବିତ କରିବା ପାଇଁ ଇରାନର ଶୀର୍ଷ ନେତାଙ୍କୁ ଭେଟିଲେ ନକ୍‌ଭୀ

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ହର୍ମୁଜ ପ୍ରଣାଳୀକୁ ନେଇ ପରସ୍ପର ଉପରେ ଆକ୍ରମଣ ପରେ ଆମେରିକା-ଇରାନ ଶାନ୍ତି ଆଲୋଚନା ବନ୍ଦ ରହିଛି। ତେବେ ଆମେରିକା-ଇରାନ ମଧ୍ୟରେ ଶାନ୍ତି ଆଲୋଚନା ପୁଣି ଥରେ ଆରମ୍ଭ କରିବାକୁ ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭି,ତେହେରାନରେ ଇରାନର ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ଓ ବିଦେଶ ମନ୍ତ୍ରୀ ଆବାସ ଆରାଘଚିଙ୍କ ସହ ଆଲୋଚନା କରିଛନ୍ତି। ଗତ ମାସରେ ଆମେରିକା ଓ ଇରାନ ପୁଣି ଥରେ ପରସ୍ପର ଉପରେ ସାମରିକ ଆକ୍ରମଣ ଆରମ୍ଭ କରିବା ସହିତ ପଶ୍ଚିମ ଏସିଆରେ ଉତ୍ତ?ଜନା ବୃଦ୍ଧି ପାଇଛି। ଏହି ଆକ୍ରମଣ ପରେ ପାକିସ୍ତାନ ଗ୍ୟାରେଣ୍ଟର ଭାବରେ ସ୍ୱାକ୍ଷର କରିଥିବା ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା ଭାଙ୍ଗି ଯାଇଥିଲା। ଆମେରିକା-ଇରାନ ସଂଘର୍ଷ ସମାପ୍ତ କରିବା ପାଇଁ ପାକିସ୍ତାନ ଏହାର ମଧ୍ୟସ୍ଥତା ପ୍ରୟାସକୁ ପୁନର୍ଜୀବିତ କରିବା ପାଇଁ ସକ୍ରିୟ ଭାବରେ ଚାପ ପକାଉଛି।

ଇରାନର ସରକାରୀ ସମ୍ବାଦ ସଂସ୍ଥା, ଆଇଆର୍‌ଏନ୍‌ଏ ଦ୍ୱାରା ଉଦ୍ଧୃତ କୂଟନୈତିକ ସୂତ୍ର ଅନୁଯାୟୀ, ନକଭୀ ମଙ୍ଗଳବାର ଦ୍ୱିପାକ୍ଷିକ ସମ୍ପର୍କ ଓ ପାରସ୍ପରିକ ସ୍ୱାର୍ଥ ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ଇରାନର ରାଜଧାନୀ ଅଭିମୁଖେ ଯାତ୍ରା କରିଥିଲେ। ତାଙ୍କୁ ବିମାନବନ୍ଦରରେ ତାଙ୍କର ଇରାନୀ ପ୍ରତିପକ୍ଷ ଏସ୍କାନ୍ଦର ମୋମେନି ସ୍ୱାଗତ କରିଥିଲେ। ପରେ ସେ ଆରାଘଚିଙ୍କ ସହ ଆଲୋଚନା କରିଥିଲେ। ନକଭୀ ଆରାଘଚିଙ୍କ ସହ ସାକ୍ଷାତର ଫଟୋଗ୍ରାଫ୍ ଆଇଆର୍‌ଏନ୍‌ଏ 'ଏକ୍ସ'ରେ ପୋଷ୍ଟ କରିଥିଲା।ଏକ କୂଟନୈତିକ ସୂତ୍ର ଅନୁଯାୟୀ, ଏହି ଗସ୍ତ ସମୟରେ ନକ୍?ଭୀ ଓ ଆରାଘଚି ବିସ୍ତୃତ ଦ୍ୱିପାକ୍ଷିକ ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଇରାନ ରାଷ୍ଟ୍ରପତିଙ୍କ ସହ ତାଙ୍କ ସାକ୍ଷାତରେ ନକଭୀ ପଡ଼ୋଶୀମାନଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ, ଦୀର୍ଘସ୍ଥାୟୀ ଓ ଅତୁଟ ବୋଲି ବର୍ଣ୍ଣନା କରିଥିଲେ ଓ ତେହେରାନ ସହିତ ସମ୍ପର୍କର ବ୍ୟାପକ ବିକାଶକୁ ଅନୁସରଣ କରିବା ପାଇଁ ଇସଲାମାବାଦର ଗମ୍ଭୀର ସଂକଳ୍ପ ଓ ଇଚ୍ଛା ପ୍ରକାଶ କରିଥିଲେ। ପେଜେସ୍କିଆନ୍ କହିଥିଲେ, ଇରାନ-ପାକିସ୍ତାନ ସମ୍ପର୍କ ଦୁଇ ଦେଶର ଜାତୀୟ ସ୍ୱାର୍ଥ ପୂରଣ କରିବା ସହିତ ଆଞ୍ଚଳିକ ସ୍ଥିରତା ଓ ସୁରକ୍ଷାରେ ମଧ୍ୟ ଯୋଗଦାନ କରିବ। ପାକିସ୍ତାନ ମନ୍ତ୍ରୀ ଇରାନ ରାଷ୍ଟ୍ରପତିଙ୍କୁ ଆଉ ଥରେ ସାକ୍ଷାତ କରିପାରନ୍ତି। ଅନ୍ୟ ଏକ କୂଟନୈତିକ ସୂତ୍ର 'ଡନ୍' ଖବରକାଗଜକୁ କହିଛି ଯେ, ନକଭୀଙ୍କ ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଜୁନ୍ ମାସରେ ଆମେରିକା ଓ ଇରାନ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଅଟକି ରହିଥିବା ବୁଝାମଣାପତ୍ର (ଏମ୍‌ଓୟୁ) ଉପରେ ଅନୁସରଣ କରିବା, ଯାହାର ଲକ୍ଷ୍ୟ ଶାନ୍ତି ପୁନଃସ୍ଥାପନ କରିବା ପାଇଁ ଉଚ୍ଚସ୍ତରୀୟ ଆଲୋଚନା ପାଇଁ ୬୦ ଦିନିଆ ୱିଣ୍ଡୋ ଖୋଲିବା। ଆଲୋଚନାକୁ ପୁନର୍ଜୀବିତ କରିବା ପାଇଁ ପାକିସ୍ତାନର ପ୍ରୟାସ ଏପର୍ଯ୍ୟନ୍ତ ଫଳପ୍ରଦ ହୋଇନାହିଁ। କୂଟନୈତିକ ସୂତ୍ର କହିଛି ଯେ, ଓମାନ-ଇରାନ ଆଲୋଚନାରେ ହୋଇଥିବା ଅଗ୍ରଗତି ଇସଲାମାବାଦ ପାଇଁ ଜୁନ୍ ଚୁକ୍ତିନାମାରୁ ବାହାରିଥିବା ବ୍ୟାପକ ପ୍ରକ୍ରିୟାକୁ ପୁନର୍ଜୀବିତ କରିବା ପାଇଁ ଏକ ସୁଯୋଗ ସୃଷ୍ଟି କରିଛି।



# 'ଗଟର ଜେନେରେସନ' ମନ୍ତବ୍ୟ କଙ୍ଗନାଙ୍କୁ ପଡିଲା ମହଙ୍ଗା, ଆଗ୍ରାରେ ମାମଲା ରୁଜୁ

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ଜନ୍ତର-ମନ୍ତରରେ ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କୁ 'ଗଟର ଜେନେରେସନ' ବୋଲି ସମ୍ବୋଧନ କରିବା ଅଭିଯୋଗରେ ଅଭିନେତ୍ରୀ ତଥା ବିଜେପି ସାଂସଦ କଙ୍ଗନା ରାଣାୱତଙ୍କ ବିରୋଧରେ ଆଗ୍ରାରେ ମାମଲା ରୁଜୁ ହୋଇଛି । ରାଜୀବ ଗାନ୍ଧୀ ବାର ଆସୋସିଏସନର ସଭାପତି ଆଡଭୋକେଟ୍ ରାମଶଙ୍କର ଶର୍ମା ଏହି ମାମଲା ଦାୟର କରିଥିବା କହିଛନ୍ତି । ସାଂସଦ ଓ ବିଧାୟକଙ୍କ ପାଇଁ ଥିବା ସ୍ୱତନ୍ତ୍ର କୋର୍ଟରେ ଏହି ମାମଲା ଦାୟର ହୋଇଛି । ଆସନ୍ତା ଅଗଷ୍ଟ ୨୧ ତାରିଖରେ ମାମଲାର ଶୁଣାଣି ହେବ । ଆବେଦନକାରୀଙ୍କ ଅଭିଯୋଗ ଅନୁସାରେ, ନିଟ୍ ପେପର ଲିକ୍‌କୁ ନେଇ ଜନ୍ତର-ମନ୍ତରରେ ଆନ୍‌ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କୁ କଙ୍ଗନା ଅପମାନଜନକ ମନ୍ତବ୍ୟ ଦେଇଥିଲେ । ଏଭଳି ମନ୍ତବ୍ୟ ଛାତ୍ରଛାତ୍ରୀଙ୍କ ମର୍ଯ୍ୟାଦା ଓ ଭବିଷ୍ୟତକୁ ପ୍ରଭାବିତ କରୁଥିବା ଆବେଦନକାରୀ ଦାବି କରିଛନ୍ତି ।ଆଡଭୋକେଟ୍ ରାମଶଙ୍କର ଶର୍ମା ଅଭିଯୋଗ କରିଛନ୍ତି ଯେ, କଙ୍ଗନା ପୂର୍ବରୁ ମଧ୍ୟ ଏଭଳି ବିବାଦୀୟ ମନ୍ତବ୍ୟ ଦେଇଛନ୍ତି । ତେବେ ଏହି ମାମଲାରେ କୋର୍ଟଙ୍କ ଶୁଣାଣି ପରେ ହିଁ ପରବର୍ତ୍ତୀ ଆଇନଗତ ପଦକ୍ଷେପ ସ୍ପଷ୍ଟ ହେବ ।

# ଜିମ୍ବାୱେ କାରିବା ହ୍ରଦରେ ଭୟଙ୍କର ଡଙ୍ଗା ଦୁର୍ଘଟଣା, ୧୫ ମୃତ ୨୭ ନିଖୋଜ

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ଜିମ୍ବାୱେରେ ବଡ ଅଘଟଣ । କାରିବା ହ୍ରଦରେ ନୌକା ବୁଡି ୧୫ ଜଣଙ୍କ ମୃତ୍ୟୁ ଅନେକ ନିଖୋଜ । କାରିବା ହ୍ରଦରେ ଏକ ଯାତ୍ରୀବାହୀ ନୌକା ବୁଡ଼ିଯିବା ଯୋଗୁଁ ବଡ଼ ଧରଣର ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଅତି କମରେ ୧୫ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୭ ଜଣ ଏବେ ବି ନିଖୋଜ ଅଛନ୍ତି । ମଙ୍ଗଳବାର ଦିନ ଫେରିଟି ଓଲଟି ପଡ଼ିଥିଲା । ପ୍ରାଥମିକ ସୂଚନାରେ ନୌକାରେ ୯୫ ଜଣ ଯାତ୍ରୀ ଥିବା କୁହାଯାଇଥିଲେ ହେଁ, ପରବର୍ତ୍ତୀ ତଦନ୍ତରୁ ଜଣାପଡିଛି ଯେ, ଫେରିରେ ପ୍ରାୟ ୧୧୯ ଜଣ ଲୋକ ଥିଲେ । ଡଙ୍ଗାର ସର୍ବାଧିକ କ୍ଷମତା ମାତ୍ର ୯୦ ଜଣ ଥିଲା।କ୍ଷମତାଠାରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିବାବେଳେ ଡଙ୍ଗାଟି ଓଲଟି ପଡିଥିବା କୁହାଯାଉଛି। ପରେ ୭୭ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିକଟସ୍ଥ ଏକ ଦ୍ୱୀପକୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ପ୍ରଶାସନ, ସେନା, ଏବଂ ପୋଲିସର 'ସବ୍-ଆକ୍ୱା' ୟୁନିଟ୍ ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି । କୁହାଯାଉଛି ଯେ ହ୍ରଦରେ ଅତ୍ୟଧିକ ପବନ ଓ ପ୍ରବଳ ଢେଉ ଯୋଗୁଁ ଫେରିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା ।

# ଗୃହମନ୍ତ୍ରୀ ଜବାବ ରଖନ୍ତୁ, ବୟାନ ନୁହେଁ

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ସଂସଦରେ ଜାରି ରହିଥିବା ଗତିରୋଧକୁ ନେଇ ବୟାନ ଦେଇଛନ୍ତି ଉତ୍ତରପ୍ରଦେଶ କଂଗ୍ରେସ କମିଟିର ପ୍ରଦେଶ ଅଧ୍ୟକ୍ଷ ଅଜୟ ରାୟ । ବିରୋଧୀଙ୍କ ସ୍ୱରକୁ ଦବାଇବାକୁ ଉଦ୍ୟମ ହେଉଥିବା ଅଭିଯୋଗ କରି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସାମ୍ପ୍ରତିକ ବୟାନକୁ ନେଇ ଜୋରଦାର ଟାର୍ଗେଟ୍ କରିଛନ୍ତି ଅଜୟ ରାୟ। ଜନସ୍ୱାର୍ଥ ସମ୍ପର୍କିତ ପ୍ରସଙ୍ଗରେ କଂଗ୍ରେସ ଦଳ କୌଣସି ପରିସ୍ଥିତିରେ ମୁଣ୍ଡ ନୁଆଁଇବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।ଅଜୟ ରାୟ କହିଛନ୍ତି, "ଅମିତ ଶାହ ଜବାବ ଦିଅନ୍ତୁ, ବୟାନ ନୁହେଁ । ସେତେବେଳେ ହିଁ ସଂସଦ ଚାଲିବ।" ସଂସଦରେ ଗତିରୋଧକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଉପରେ ସିଧାସଳଖ ଆକ୍ରମଣ କରି ଅଜୟ ରାୟ କହିଛନ୍ତି ଯେ, ଅମିତ ଶାହ ନିଜେ ସଂସଦ ଏବଂ ଜନତାଙ୍କ ସାମ୍ନାରେ ସତ କହିବାକୁ ଏଡ଼ାଇ ଯାଉଛନ୍ତି।ବିରୋଧୀଙ୍କ ତୀବ୍ର ପ୍ରଶ୍ନର ସାମ୍ନା କରିବାକୁ ସରକାର ଚାହୁଁନାହିଁ ବୋଲି ମଧ୍ୟ ଅଜୟ ରାୟ ଅଭିଯୋଗ କରିଛନ୍ତି। ସଂସଦ ଚଳାଇବାର ଦାୟିତ୍ୱ ତୁଲାଇବା ପରିବର୍ତ୍ତେ ସରକାର ଲଗାତାର ଗତିରୋଧ ସୃଷ୍ଟି କରୁଛି ଏବଂ ଦେଶର ଧ୍ୟାନକୁ ଅନ୍ୟଆଡ଼େ ଭଟକାଇବାରେ ଲାଗିଛି ବୋଲି ସେ କହିଛନ୍ତି।ସଂସଦର ମୌସୁମୀ ଅଧିବେଶନ ଶେଷ ହେବାର ଠିକ୍ ଗୋଟିଏ ଦିନ ପୂର୍ବରୁ ବଡ଼ ପଦକ୍ଷେପ ନେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ନିଟ୍ ପରୀକ୍ଷା ଓ ଛାତ୍ର ଆନ୍‌ଦୋଳନ ପ୍ରସଙ୍ଗରେ ଜବାବ ଦେବାକୁ ସେ ପ୍ରସ୍ତୁତ ବୋଲି କହିଛନ୍ତି। ବିରୋଧୀଙ୍କ ହଙ୍ଗାମା ମଧ୍ୟରେ ଲୋକସଭା ବାଚସ୍ପତିଙ୍କୁ ଚିଠି ଲେଖି ନିଟ ପରୀକ୍ଷା ଓ ଛାତ୍ର ଆନ୍ଦୋଳନ ଉପରେ ସଂସଦରେ ଆଲୋଚନା କରିବାକୁ ଦାବି କରିଛନ୍ତି ଅମିତ ଶାହ।ଚଳିତ ଅଧିବେଶନରେ ବିରୋଧୀ ଦଳ ଦିଲ୍ଲୀରେ ଛାତ୍ରମାନଙ୍କ ଉପରେ ହୋଇଥିବା ଲାଠିଚାର୍ଜ ପ୍ରସଙ୍ଗରେ ଅମିତ ଶାହଙ୍କ ବୟାନ ସହ ରାମ ମନ୍ଦିର ଚାନ୍ଦା ଚୋରି ଅଭିଯୋଗ ଉପରେ ଆଲୋଚନା ଦାବି କରି ହଙ୍ଗାମା କରିଆସୁଥିଲେ। ଫଳରେ ସଂସଦର କାର୍ଯ୍ୟ ଠିକ୍ ଭାବେ ଚାଲିପାରିନଥିଲା।ଏହାରି ମଧ୍ୟରେ ସୋମବାର ସରକାର କହିଥିଲା ଯେ, ଅମିତ ଶାହ ଆଲୋଚନା ପାଇଁ ପ୍ରସ୍ତୁତ, କିନ୍ତୁ ବିରୋଧୀ ଆଲୋଚନାରୁ ପଳାଉଛନ୍ତି। ଏହାର ଜବାବରେ ବିରୋଧୀ କହିଥିଲେ ଯେ, ଆମେ ଆମ ପ୍ରସଙ୍ଗରୁ ପଳାଉନାହୁଁ। ରାମ ମନ୍ଦିର ଚାନ୍ଦା ଚୋରି ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବା ଦରକାର। ତେବେ ଏହାପରେ ମଧ୍ୟ ସଂସଦରେ ଗତିରୋଧ ଶେଷ ହୋଇନଥିଲା। ଏବେ ନିଜେ ଅମିତ ଶାହ ଚିଠି ଲେଖି ଆଲୋଚନା ପାଇଁ ଦାବି କରିଛନ୍ତି।



# ବଢ଼ିପାରେ ଏଲପିଜି ଦର !

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ଦେଶରେ ସରକାରୀ ତେଲ ଓ ଗ୍ୟାସ୍ ବିତରଣ କମ୍ପାନିଙ୍କ କ୍ଷତି ଲଗାତାର ବଢିବାରେ ଲାଗିଛି । ୨୦୨୬ ଜୁଲାଇ ସୁଦ୍ଧା ଏହି କମ୍ପାନିଗୁଡିକର କ୍ଷତି ପ୍ରାୟ ୫୯ ହଜାର କୋଟି ଟଙ୍କାରେ ପହଞ୍ଚିଯାଇଛି । ସରକାର କମ୍ପାନିଗୁଡିକୁ ୫୨ ହଜାର କୋଟି ଟଙ୍କାର ସହାୟତା ଦେବା ପରେ ମଧ୍ୟ ସେମାନଙ୍କ କ୍ଷତି ବଢିଛି । ତେଣୁ ଆଗାମୀ ଦିନରେ ଘରୋଇ ଏଲ୍‌ପିଜି ଦାମ୍ ବଢିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ସରକାରୀ ତେଲ କମ୍ପାନିଗୁଡିକ ଗ୍ରାହକଙ୍କୁ କ୍ରୟମୂଲ୍ୟଠାରୁ କମ୍‌ରେ ଏଲ୍‌ପିଜି ବିକ୍ରି କରୁଛନ୍ତି । ଅନ୍ତର୍ଜାତୀୟ ବଜାରରେ ଏଲ୍‌ପିଜି ମହଙ୍ଗା ହେବା କାରଣରୁ ସେମାନଙ୍କ କ୍ରୟ ବାବଦ ଖର୍ଚ୍ଚ ଲଗାତାର ବ?ିଚାଲିଛି ।କିନ୍ତୁ ଗ୍ରାହକଙ୍କ ଉପରେ ସେମାନେ ଏହି ବୋଝକୁ ତୁରନ୍ତ ଲଦିପାରୁ ନାହାନ୍ତି । କ୍ରୟମୂଲ୍ୟ ଏବଂ ବିକ୍ରି ମୂଲ୍ୟରେ ପାର୍ଥକ୍ୟ ବଢିବା ଫଳରେ ସେମାନଙ୍କ କ୍ଷତି ବଢିବାରେ ଲାଗିଛି । ଘରୋଇ ଏଲ୍‌ପିଜି ବାବଦରେ ହେଉଥିବା କ୍ଷତି ଭରଣା ପାଇଁ ସରକାର କମ୍ପାନିଗୁଡିକୁ ସହାୟତା ପ୍ରଦାନ କରୁଛନ୍ତି । ୫୨ ହଜାର କୋଟି ଟଙ୍କାର ଯେଉଁ ସହାୟତା ଦିଆଯାଇଛି ସେଥିରୁ ୨୦୨୨-୨୩ରେ ୨୨ ହଜାର କୋଟି ଟଙ୍କା ଏବଂ ୨୦୨୫-୨୬ ଓ ୨୦୨୬-୨୭ରେ ୩୦ ହଜାର କୋଟି ଟଙ୍କା ଦିଆଯାଇଛି ।ଏହା ସତ୍ତ୍ୱେ କମ୍ପାନିଗୁଡିକର କ୍ଷତି କମିବା ପରିବର୍ତ୍ତେ ବଢିଚାଲିଛି । ଜୁନ୍ ମାସରେ ଘରାଇ ଏଲ୍‌ପିଜି ବାବଦରେ ସିଲିଣ୍ଡର ପିଛା କମ୍ପାନିଗୁଡିକର କ୍ଷତି ୭୦୦ ଟଙ୍କା ହେଉଥିଲା । କିନ୍ତୁ ଜୁଲାଇ ମାସରେ ଏହା ୫୦୦ ଟଙ୍କାକୁ ଏବଂ ଅଗଷ୍ଟ ମାସରେ ୧୮୮ ଟଙ୍କାକୁ ହ୍ରାସ ପାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଓ ଗ୍ୟାସ ମୂଲ୍ୟର ହ୍ରାସବୃଦ୍ଧିର ପ୍ରଭାବ ସିଧାସଳଖ ଦେଶର କମ୍ପାନିଙ୍କ ଉପରେ ପଡୁଛି ।

# ସିଜେପି ମୁଖ୍ୟଙ୍କ ଘୋଷଣା
## ଖୁବ୍‌ଶୀଘ୍ର ଆରମ୍ଭ ହେବ 'ଜନ୍ତର-ମନ୍ତର ସିଜିନ ୨'

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକ୍ ବୁଧବାର (୧୨ ଅଗଷ୍ଟ, ୨୦୨୬) ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଇନ୍‌ଷ୍ଟାଗ୍ରାମରେ ଅନେକ ଲୋକ କମେଣ୍ଟ କରି ପଚାରୁଥିଲେ ଯେ 'ଜନ୍ତର ମନ୍ତର'ର ସିଜନ୍-୨ କେବେ ଆରମ୍ଭ ହେବ ତେଣୁ ସେମାନଙ୍କୁ ଜଣାଇ ଦେଉଛି ଯେ, 'ଜନ୍ତର ମନ୍ତର'ର ସିଜନ୍-୨ ଖୁବଶୀଘ୍ର ଆରମ୍ଭ ହେବାକୁ ଯାଉଛି। ସିଜେପିର ସଂସ୍ଥାପକ ଅଭିଜିତ୍ ଦୀପକେ ଦିଲ୍ଲୀରେ ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ ଭେଟିବାକୁ ଚେଷ୍ଟା କରୁଥିବା ବେଳେ ବିଜେପି ଓ ଗମ୍ଭୀର ଅଭିଯୋଗ କରିଛନ୍ତି । ସେ କହିଛନ୍ତି କି, ପାର୍ଟିର ବୈଠକ ବନ୍ଦ କରିବାକୁ ଚାପ ପଡୁଛି, ଯେଉଁଠି ଘର ଭଡାରେ ନେଇ ବୈଠକ କରିବାକୁ ଚେଷ୍ଟା କରାଯାଉଛି, ସେ ଘର ମାଲିକଙ୍କୁ ବିଜେପି ନେତାମାନେ ଧମକ ଦେଉଛନ୍ତି । ଦୀପକେ କହିଛନ୍ତି, ଏଥିରୁ ସ୍ପଷ୍ଟ ଯେ, ବିଜେପି ଦେଶର ଯୁବବର୍ଗଙ୍କୁ ଭୟ କରୁଛି, ଯଦି ବିଜେପିକୁ ଲାଗୁଛି କି, ଏଭଳି ଛୋଟ ଛୋଟ ପ୍ରତିବନ୍ଧକ ଲଗାଇବା ଦ୍ୱାରା ଦେଶର ଯୁବକ ଭୟ କରିବେ ତେବେ ତାହା ବିଜେପିର ଭୁଲ ଚିନ୍ତାଧାରା । ଅଭିଜିତ୍ ଦୀପକେଙ୍କ ଏଭଳି ବୟାନକୁ ନେଇ ବିଜେପି ତରଫରୁ କୌଣସି ପ୍ରତିକ୍ରିୟା ଆସିନାହିଁ ।



# ମୁମ୍ବାଇର କୁର୍ଲାରେ ଭୂସ୍ଖଳନ: ୬ ମୃତ

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ଲଗାଣ ବର୍ଷା ଯୋଗୁଁ ଦେଶର ବିଭିନ୍ନ ଅଞ୍ଚଳରେ ସ୍ଥିତି ସଙ୍କଟ ଜନକ ରହିଛି। ମୁମ୍ବାଇର କୁର୍ଲାରେ ପ୍ରବଳ ବର୍ଷା ଯୋଗୁଁ ଏକ ବଡ଼ ବିପର୍ଯ୍ୟୟ ଘଟିଛି। ବୁଧବାର ଭୋର ସମୟରେ କୁର୍ଲାର ଚିରାଗ ନଗର ଅଞ୍ଚଳରେ ଭୂସ୍ଖଳନ ଘଟିଛି। ମାଟି ତଳେ ବହୁ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ୬ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବିଏମସି ମେୟର ଋତୁ ତାୱଡେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଏହି ଘଟଣା ରାଠୋଡ ମେଡିକାଲର ଗୌସିୟା ଚାଲ ନିକଟରେ ଘଟିଛି। ସୂଚନା ମିଳିବା ମାତ୍ରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି। ଗତକାଲି ରାତିରେ ମୁମ୍ବାଇରେ ପ୍ରବଳ ବର୍ଷା ହୋଇଥିଲା, ଯାହା ଫଳରେ କୁର୍ଲାର ଗେସିଆ ଚାଲରେ ପାହାଡର ଏକ ଅଂଶ ଭୁଶୁଡ଼ି ପଡ଼ିଥିଲା। ବୃହତ୍ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ(ବିଏମସି) ଅନୁଯାୟୀ, ଭୋର ପ୍ରାୟ ୩ଟା ୪୮ ସମୟରେ ଭୂସ୍ଖଳନ ହୋଇଥିବା ସୂଚନା ମିଳିଛି। ବିଏମସି ଅଗ୍ନିଶମ ବାହିନୀ, ପୁଲିସ, ବିଦ୍ୟୁତ ବିତରଣ କମ୍ପାନି, ୧୦୮ ଆମ୍ବୁଲାନ୍ସ ଏବଂ ବିଏମସି ୱାର୍ଡ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ କରିଛନ୍ତି। ଭଗ୍ନାବଶେଷକୁ ଦ୍ରୁତ ଗତିରେ ସଫା କରାଯାଉଛି। ଆହତମାନଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି।ଡିସିପି ଗଣେଶ ସିନ୍ଦେ ସୂଚନା ଦେଇଛନ୍ତି, ବର୍ଷା ଯୋଗୁଁ ଘାଟକୋପର ପୁଲିସ ଥାନା ଅଧୀନରେ ଆସୁଥିବା ଅଶୋକ ନଗର ଅଞ୍ଚଳରେ ଭୂସ୍ଖଳନ ଘଟିଛି। ଉଦ୍ଧାର କାର୍ଯ୍ୟ ପାଇଁ ସମସ୍ତ ଆବଶ୍ୟକୀୟ ଦଳ ସହିତ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଏନଡିଆରଏଫ ଏବଂ ପ୍ରଶାସନ ପୂର୍ବରୁ ଏପରି ଅଞ୍ଚଳଗୁଡ଼ିକୁ ପରିଦର୍ଶନ କରି ଲୋକଙ୍କୁ ସତର୍କ କରୁଛନ୍ତି। ଲୋକଙ୍କୁ ସତର୍କ ରହିବାକୁ ଏବଂ ଏପରି ଘରେ ନରହିବାକୁ ମଧ୍ୟ ଅନୁରୋଧ କରାଯାଇଛି, କିନ୍ତୁ ଲୋକମାନେ ବେଆଇନ ଭାବରେ ନିର୍ମିତ ଝୁମ୍ପୁଡି ଘରେ ରହୁଛନ୍ତି।ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ,ମୁମ୍ବାଇରେ ମୌସୁମୀ ବର୍ଷା ଜାରି ରହିବ। ମୁମ୍ବାଇ, ଥାଣେ, ପାଲଘର ଏବଂ ରାୟଗଡ଼ ଅଞ୍ଚଳରେ ପ୍ରବଳ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମଙ୍ଗଳବାର ସକାଳେ ମୁମ୍ବାଇର ଉପକଣ୍ଠରେ ୨,୦୦୦ ମିଲିମିଟରୁ ଅଧିକ ବର୍ଷା ହୋଇଥିବା ରେକର୍ଡ କରାଯାଇଛି।



# ଯୁଦ୍ଧ ଅଭ୍ୟାସ ପୂର୍ବରୁ କିମ୍‌ଙ୍କ ମିସାଇଲ୍ ଚେତାବନୀ !

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ଆମେରିକା ଓ ଦକ୍ଷିଣ କୋରିଆର ବଡ଼ ସାମରିକ ଅଭ୍ୟାସ ଆରମ୍ଭ ହେବାକୁ ଥିବାବେଳେ ପୁଣିଥରେ ବାଲିଷ୍ଟିକ୍ ମିସାଇଲ୍ ପରୀକ୍ଷଣ କରିଛି ଉତ୍ତର କୋରିଆ। ବୁଧବାର ସକାଳେ ଉତ୍ତର କୋରିଆର ୱନସାନ ଅଞ୍ଚଳରୁ ସି ଅଫ୍ ଜାପାନ ଦିଗକୁ ଏହି ମିସାଇଲ୍ ଉତକ୍ଷେପଣ କରାଯାଇଥିବା ଦକ୍ଷିଣ କୋରିଆ ଓ ଜାପାନ ପକ୍ଷରୁ ସୂଚନା ମିଳିଛି।ଦକ୍ଷିଣ କୋରିଆର ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫଙ୍କ ଅନୁସାରେ, ସ୍ଥାନୀୟ ସମୟ ପ୍ରାୟ ସକାଳ ୬ଟାରେ ମିସାଇଲ୍ ଲଞ୍ଚ କରାଯାଇଥିଲା। ଏହା ୭୦୦ କିଲୋମିଟରରୁ ଅଧିକ ଦୂର ଅତିକ୍ରମ କରି ସମୁଦ୍ରରେ ପଡ଼ିଥିଲା। ମିସାଇଲ୍ଟି ଜାପାନର ଏକ୍ସକ୍ଲୁସିଭ୍ ଇକୋନୋମିକ୍ ଜୋନ୍ ବାହାରେ ପଡ଼ିଥିବା ଜାପାନ ପକ୍ଷରୁ କୁହାଯାଇଛି।ଏହି ଘଟଣା ପରେ ଦକ୍ଷିଣ କୋରିଆ ନିଜର ନଜରଦାରୀ ବ୍ୟବସ୍ଥାକୁ ଆହୁରି ମଜବୁତ କରିଛି। ଆମେରିକା ଓ ଜାପାନ ସହ ଲଗାତାର ଗୁଇନ୍ଦା ତଥ୍ୟ ଆଦାନପ୍ରଦାନ କରାଯାଉଛି। ଗତ ଏକ ସପ୍ତାହରୁ କମ୍ ସମୟ ମଧ୍ୟରେ ଉତ୍ତର କୋରିଆର ଏହା ଦ୍ୱିତୀୟ ବାଲିଷ୍ଟିକ୍ ମିସାଇଲ୍ ପରୀକ୍ଷଣ।ଆମେରିକା ଓ ଦକ୍ଷିଣ କୋରିଆ ଆସନ୍ତା ୧୭ ଅଗଷ୍ଟରୁ 'ଉଲଚି ଫ୍ରିଡମ୍ ଶିଲ୍ଡ' ସାମରିକ ଅଭ୍ୟାସ ଆରମ୍ଭ କରିବେ। ଏହି ଅଭ୍ୟାସ ୨୭ ଅଗଷ୍ଟ ପର୍ଯ୍ୟନ୍ତ ଚାଲିବ। ଏଥିରେ ପ୍ରାୟ ୧୮ ହଜାର ଦକ୍ଷିଣ କୋରିଆ ସୈନିକ ଅଂଶଗ୍ରହଣ କରିବେ।ଚଳିତ ବର୍ଷର ସାମରିକ ଅଭ୍ୟାସରେ ଡ୍ରୋନ୍, GPS ଜାମିଂ ଏବଂ ସାଇବର ଆକ୍ରମଣ ଭଳି ଆଧୁନିକ ଯୁଦ୍ଧର ଚ୍ୟାଲେଞ୍ଜର ମୁକାବିଲା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଆମେରିକା ଓ ଦକ୍ଷିଣ କୋରିଆ ଏହାକୁ ଏକ ପ୍ରତିରକ୍ଷାତ୍ମକ ଅଭ୍ୟାସ ବୋଲି କହୁଥିବାବେଳେ ଉତ୍ତର କୋରିଆ ଦୀର୍ଘଦିନ ଧରି ଏହାକୁ ନିଜ ବିରୋଧରେ ସମ୍ଭାବ୍ୟ ଆକ୍ରମଣର ପ୍ରସ୍ତୁତି ବୋଲି ଅଭିଯୋଗ କରିଆସୁଛି।ଏହା ପୂର୍ବରୁ ଅଗଷ୍ଟ ୬ ତାରିଖରେ ମଧ୍ୟ ଉତ୍ତର କୋରିଆ ଏକ ସ୍ୱଳ୍ପ ଦୂରଗାମୀ ବାଲିଷ୍ଟିକ୍ ମିସାଇଲ୍ ପରୀକ୍ଷଣ କରିଥିଲା। ଏବେ ପୁଣି ମିସାଇଲ୍ ପରୀକ୍ଷଣ କରି ପେୟାଙ୍ଗୟାଙ୍ଗ ଆମେରିକା-ଦକ୍ଷିଣ କୋରିଆର ସାମରିକ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଥିବାର ସଙ୍କେତ ଦେଇଛି।



# ପଶ୍ଚିମବଙ୍ଗରୁ ଧରା ପଡିଲା ପାକିସ୍ତାନୀ ଆତଙ୍କୀ !

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ପଶ୍ଚିମବଙ୍ଗରୁ ପାକିସ୍ତାନୀର ଆଇଏସ୍‌ଆଇ ଏଜେଣ୍ଟ ଗିରଫ। ସେ ନେପାଳ ଦେଇ ଭାରତରେ ପ୍ରବେଶ କରିଥିଲା। ଆଉ ପଶ୍ଚିମବଙ୍ଗରେ ନକଲି ପ୍ରମାଣପତ୍ରରେ ରହୁଥିଲା। ଏପରିକି ଭାରତର ଗୁପ୍ତ ତଥ୍ୟ ପାକିସ୍ତାନକୁ ପଠାଉଥିଲା। ଆଜି ପଶ୍ଚିମବଙ୍ଗ ପୋଲିସର ସ୍ପେସିଆଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ) ଏପରି ଏକ ନେଟୱାର୍କର ପର୍ଦ୍ଦାଫାସ କରିବା ସହିତ ଜଣେ ଆତଙ୍କୀଙ୍କୁ ଗିରଫ କରିଛି।ଅଭିଯୁକ୍ତ ହେଉଛି ପାକିସ୍ତାନର ଫୈସଲାବାଦ ନିବାସୀ ୱାହାବ ଆଲମ୍ ଓରଫ ରାଣା ରଉଫ୍। ଏସ୍‌ଟିଏଫ୍ ତାଙ୍କୁ ଉତ୍ତର ୨୪ ପରଗଣା ଜିଲ୍ଲାର ହାବ୍ରା ଅଞ୍ଚଳରୁ ଧରିଛି। ଆଜି ତାଙ୍କୁ ବାରାସାତ କୋର୍ଟରେ ହାଜର କରାଯାଇଛି।ପାକିସ୍ତାନର ଗୁଇନ୍ଦା ଏଜେନ୍ସି (ଆଇଏସ୍‌ଆଇ) ପାଇଁ କାମ କରୁଥିଲେ ରାଣା ରଉଫ। ଅଭିଯୋଗ ଅନୁସାରେ, ସେ ନେପାଳ ଦେଇ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିଲେ। କୋଲକାତାରେ ସ୍ଥାୟୀ ଭାବେ ରହିବା ପାଇଁ ଜାଲ ପରିଚୟ ବ୍ୟବହାର କରିଥିଲେ। ସେ ନିଜର ନାଁ 'ୱାହାବ' ରଖିଥିଲେ। ସେ କୋଲକାତାର ଟପସିଆକୁ ନିଜ ଠିକଣା ଭାବେ ବ୍ୟବହାର କରୁଥିଲେ। ତଦନ୍ତକାରୀ ଏଜେନ୍ସିଗୁଡ଼ିକ ତାଙ୍କ ପାଖରୁ ଜାଲି ପରିଚୟପତ୍ର ଓ ଅନ୍ୟାନ୍ୟ ଦସ୍ତାବିଜ ଜବତ କରିଛି।

## ଦିଲ୍ଲୀ ଛାତ୍ର ଆନ୍ଦୋଳନ ପ୍ରସଙ୍ଗ
# ସଂସଦରେ ବିତର୍କ ପାଇଁ ଗୃହମନ୍ତ୍ରୀ ଅମିତ ଶାହଙ୍କ ଆହ୍ୱାନ, ପ୍ରସ୍ତାବକୁ ଖାରଜ କଲେ ରାହୁଲ ଗାନ୍ଧୀ

**ନୂଆଦିଲ୍ଲୀ,୧୨।୮(ଏଜେନ୍ସି):** ଦିଲ୍ଲୀରେ ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିରୋଧୀଙ୍କ ନିଶାଣରେ ଥିବା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ସଂସଦରେ ଏହି ବିଷୟରେ ଖୋଲା ବିତର୍କ ପାଇଁ ପ୍ରସ୍ତାବ ଦେଇଛନ୍ତି। ବିତର୍କ ପରେ ସେ ସଂସଦରେ ଏକ ସବିଶେଷ ବିବୃତି ରଖିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଗୃହମନ୍ତ୍ରୀଙ୍କ ଏହି ପ୍ରସ୍ତାବକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସାଙ୍ଗେ ସାଙ୍ଗେ ପ୍ରତ୍ୟାଖ୍ୟାନ କରିବା ସହ ଶାହଙ୍କ ଇସ୍ତଫା ଦାବି କରିଛନ୍ତି।ଛାତ୍ର ଆନ୍ଦୋଳନ ବିବାଦ ଉପରେ ପ୍ରଥମ ଥର ପାଇଁ ନିଜର ପକ୍ଷ ରଖି ଗୃହମନ୍ତ୍ରୀ ଅମିତ ଶାହ ବିରୋଧୀ ଦଳକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ବିରୋଧୀମାନେ ଛାତ୍ର ସମସ୍ୟା ଉପରେ ଆଲୋଚନା କରିବାକୁ ଚାହୁଁନାହାଁନ୍ତି ଏବଂ ଗୃହ କାର୍ଯ୍ୟକୁ ଅଚଳ କରି ପଳାୟନବାଦୀ ମନୋଭାବ ଦେଖାଉଛନ୍ତି। ସଂସଦରେ ଆଲୋଚନାର ନିୟମ ରହିଛି ଏବଂ ସେହି ନିୟମାନୁସାରେ ବିତର୍କ ଆରମ୍ଭ ହେଲେ ସେ ଗୃହରେ ଉପସ୍ଥିତ ରହି ସମସ୍ତ ପ୍ରଶ୍ନର ପୂର୍ଣ୍ଣାଙ୍ଗ ଉତ୍ତର ଦେବେ। ସେ ନିୟମିତ ସଂସଦକୁ ଆସୁଥିଲେ ବି ବିରୋଧୀଙ୍କ ହଙ୍ଗାମା ଯୋଗୁଁ ଗୃହ ଚାଲିପାରୁନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।ଅନ୍ୟପଟେ, ଗୃହମନ୍ତ୍ରୀଙ୍କ ଆହ୍ୱାନର କିଛି ସମୟ ମଧ୍ୟରେ ରାହୁଲ ଗାନ୍ଧୀ ଏହାକୁ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ଦେଶର ଯୁବବର୍ଗ ଗୃହମନ୍ତ୍ରୀଙ୍କ ଭାଷଣ ଶୁଣିବାକୁ ଚାହୁଁନାହାଁନ୍ତି, ସେମାନେ କେବଳ ତାଙ୍କର ଇସ୍ତଫା ଚାହୁଁଛନ୍ତି। ଜୁଲାଇ ୨୦ ରେ ଦିଲ୍ଲୀରେ ପ୍ରଦର୍ଶନକାରୀ ଛାତ୍ରଙ୍କ ଉପରେ ଲାଠିଚାର୍ଜ ଏବଂ ପେଲେଟ୍ ଗନ୍ ବ୍ୟବହାର କରିବାକୁ କିଏ ନିର୍ଦ୍ଦେଶ ଦେଇଥିଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ପୋଲିସ ଓ ଆରଏଏଫ୍ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ ଆସୁଥିବାରୁ, ଯଦି ଅମିତ ଶାହ ଏହି ନିର୍ଦ୍ଦେଶ ଦେଇଛନ୍ତି ତେବେ ସେ ଦୋଷୀ ଏବଂ ଯଦି ସେ ନିର୍ଦ୍ଦେଶ ଦେଇନାହାଁନ୍ତି ତେବେ ସେ ନିଜ ଦାୟିତ୍ୱ ତୁଲାଇବାରେ ଅକ୍ଷମ, ତେଣୁ ଉଭୟ ପରିସ୍ଥିତିରେ ତାଙ୍କର ଇସ୍ତଫା ଦେବା ଉଚିତ୍ ବୋଲି ରାହୁଲ ଗାନ୍ଧୀ ଦାବି କରିଛନ୍ତି।





# ଆଇଟିସି ଆଶୀର୍ବାଦ ସଲ୍ଟ ୬ ଲକ୍ଷ ପିଲାଙ୍କ ଭୋଜନକୁ ଆୟୋଡିନ ପୋଷଣ ଯୋଗାଉଛି

**ପୁରୀ, ୧୨।୮ (ନି.ପ୍ର) :** ଚଳିତ ବର୍ଷ ରଥ ଯାତ୍ରାରେ ଯାହା ଏକ ପାର୍ବଣକାଳୀନ ସଚେତନତା ପ୍ରୟାସ ଭାବରେ ଆରମ୍ଭ ହୋଇଥିଲା ତାହା ସମ୍ପ୍ରତି ପିଲାମାନଙ୍କର ପୋଷଣ ପ୍ରତି ସ୍ଥାୟୀ ପ୍ରତିବଦ୍ଧତାରେ ପରିଣତ ହୋଇଛି। ଏହାର 'ଆୟୋଡିନ କା ତିଲକ୍' ଅଭିଯାନର ସଫଳତା ଆଧାରରେ ଆଇଟିସିର ଆଶୀର୍ବାଦ ସଲ୍ଟ ୬ ଲକ୍ଷରୁ ଅଧିକ ପିଲାଙ୍କ ଭୋଜନ ନିମନ୍ତେ ଆୟୋଡିନଯୁକ୍ତ ଲୁଣ ଯୋଗାଇଦେବାକୁ ଆଶା କିରଣ, ଜୀବନ ଜ୍ୟୋତି, ଶ୍ରୀ ଶ୍ରୀ ମା ଆନନ୍ଦା, ରାମ କୃଷ୍ଣ ବାଲାଶ୍ରମ, ପ୍ରତିଭା ଓ ମଧୁମୟୀ ଆଦର୍ଶ ଶିକ୍ଷା ନିକେତନ ଆଦି ୭ଟି ଶିଶୁ ସଂସ୍ଥାନ (ଚିଲ୍ଡ୍ରେନ୍ସ ଫାଉଣ୍ଡେସନ) ସହିତ ସହଭାଗୀତା କରିଛି, ଏବଂ ଏହାଦ୍ୱାରା ପାର୍ବଣ ଉର୍ଦ୍ଧ୍ୱରେ ନିଜର ସେବା ସ୍ତମ୍ଭକୁ ସମ୍ପ୍ରସାରିତ କରିଛି। 'ଆୟୋଡିନ କା ତିଲକ୍' ପ୍ରୟାସ ୩ ଲକ୍ଷରୁ ଅଧିକ ଭକ୍ତଙ୍କ ସହିତ ଭାବ ବିନିମୟ କରିବାକୁ ସମର୍ଥ କରିବା ସହିତ ଦୈନନ୍ଦିନ ପୋଷଣରେ ଆୟୋଡିନର ଭୂମିକାକୁ ନେଇ ଅର୍ଥପୂର୍ଣ୍ଣ ଆଲୋଚନା ଆଗେଇ ନେଇଥିଲା। ୧.୫ ଲକ୍ଷ ଗ୍ଲାସ ଲେମ୍ବୁ ସରବତ ଏବଂ ପଖାଳ ତୋରାଣୀ ଓ ଟିମ୍ପୁଟାଏ ଆଶୀର୍ବାଦ ଆୟୋଡିନଯୁକ୍ତ ଲୁଣର ମିଶ୍ରଣରେ ପ୍ରସ୍ତୁତ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରିୟ ପାନୀୟ ଟଙ୍କ ତୋରାଣୀ ବଣ୍ଟନ କରାଯାଇଥିଲା, ଯାହା ଓଡ଼ିଶାର ସମୃଦ୍ଧ ବ୍ୟନ ପ୍ରସ୍ତୁତି ଐତିହ୍ୟକୁ ପାଳନ କରିବା ସହିତ ଦୈନନ୍ଦିନ ଭୋଜନଗୁଡ଼ିକରେ ଆୟୋଡିନଯୁକ୍ତ ଲୁଣର ଭୂମିକାକୁ ପୁନଃ ସୁଦୃଢ଼ୀକରଣ କରିଥିଲା। ଆଶୀର୍ବାଦ ସଲ୍ଟ ନିମନ୍ତେ ଏହି ପାର୍ବଣ କେବେହେଲେ ଶେଷ ବିନ୍ଦୁ ଭାବରେ ଉଦ୍ଦିଷ୍ଟ ନଥିଲା। ସେହି ସଦିଚ୍ଛାକୁ ଏକ ସୁସଂହତ ପୋଷଣ ସହଭାଗୀତାରେ ପରିଣତ କରି ଏହି ବ୍ରାଣ୍ଡ ସାମୂହିକ ଭକ୍ତିଭାବକୁ ଏକ ପ୍ରଚଳିତ ସେବା ଧାରାରେ ପରିଣତ କରିଛି, ଯାହା ସୁନିଶ୍ଚିତ କରୁଛି ଯେ ରଥ ଯାତ୍ରାରେ ଆରମ୍ଭ ହୋଇଥିବା ଆଲୋଚନା ଦୀର୍ଘକାଳ ପରେ ମଧ୍ୟ ପିଲାମାନଙ୍କର ପୋଷଣ ନିମନ୍ତେ ବାସ୍ତବ ସମର୍ଥନରେ ରୂପାନ୍ତରିତ ହେବା ପ୍ରୟାସ ଜାରି ରହିବ। ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଶ୍ରୀ ଅନୁଜ ରୁସ୍ତଗୀ, ବିଜିନେସ୍ ୟୁନିଟ ଚିଫ୍ ଏକ୍ଜିକ୍ୟୁଟିଭ, ଷ୍ଟାପଲସ୍, ଆଇଟିସି ଲିମିଟେଡ କହିଥିଲେ, 'ରଥ ଯାତ୍ରା ହେଉଛି ବିଶ୍ୱାସ, ଗୋଷ୍ଠୀ ଓ ସେବାର ଏକ ଉତ୍ସବ ପାଳନ। ଆଶୀର୍ବାଦ ସଲ୍ଟ ଜରିଆରେ ଆମେ ଉଭୟ ସାଂସ୍କୃତିକ ଦୃଷ୍ଟିରୁ ଅର୍ଥପୂର୍ଣ୍ଣ ଓ ସାମାଜିକ ଦୃଷ୍ଟିରୁ ପ୍ରାସଙ୍ଗିକ ଉପାୟ ଜରିଆରେ ସେହି ଯାତ୍ରାରେ ଅଂଶଗ୍ରହଣ କରିବାକୁ ଚାହିଁଥିଲୁ। ପାର୍ବଣ ପରେ ମଧ୍ୟ ଆମର ସେବା ସମ୍ପ୍ରସାରିତ କରି ଆମେ ଆଶା କରୁଛୁ ଯେ, ରଥ ଯାତ୍ରାରେ ଆରମ୍ଭ ହୋଇଥିବା ଆଲୋଚନା ପିଲାମାନଙ୍କର ପୋଷଣକୁ ସ୍ଥାନୀୟ ସମର୍ଥନ ନିମନ୍ତେ ନିରନ୍ତର ଅର୍ଥପୂର୍ଣ୍ଣ ହୋଇ ରହିବ।' ଦର୍ଶନ, ଅନ୍ନ ଓ ସେବା ଆଦି ତିନି ସ୍ତମ୍ଭକୁ ଏକତ୍ରିତ କରି ଆଶୀର୍ବାଦ ସଲ୍ଟ ଏକ ପାର୍ବଣକାଳୀନ ସକ୍ରିୟକରଣ କିଭଳି ଏକ ଦୀର୍ଘସୂତ୍ରୀ ସାମାଜିକ ପ୍ରଭାବକାରୀ ପ୍ରୟାସରେ ପରିବର୍ତ୍ତିତ ହୋଇପାରିବ, ତାହା ପ୍ରଦର୍ଶିତ କରିଛି। ରଥ ଯାତ୍ରା ସମୟରେ ଆୟୋଡିନକୁ ନେଇ ସଚେତନତା ପ୍ରସାର କରିବାର ପ୍ରୟାସ ଭାବରେ ଯାହା ଆରମ୍ଭ ହୋଇଥିଲା, ତାହା ଏବେ ପାର୍ବଣ ପରେ ମଧ୍ୟ ପିଲାମାନଙ୍କର ପୋଷଣଗତ ଦିଗ ପ୍ରତି ସ୍ଥାୟୀ ଅବଦାନ ରଖୁଥିବା ଦୀର୍ଘସ୍ଥାୟୀ ପ୍ରୟାସ ହୋଇଛି।

# ଚାନ୍ଦି ଭଣ୍ଡାର ପକ୍ଷରୁ ରକ୍ଷା ବନ୍ଧନ ସମ୍ଭାର : ପ୍ରତ୍ୟେକ ବନ୍ଧନ ପାଇଁ ପ୍ରସ୍ତୁତ ଏ କଲେକ୍ସନ

**ଭୁବନେଶ୍ୱର, ୧୨।୮ (ନି.ପ୍ର) :** ରକ୍ଷା ବନ୍ଧନ ଜୀବନର ସବୁଠାରୁ ପ୍ରିୟ ବନ୍ଧନକୁ ପାଳନ କରିବାର ଉତ୍ସବ। ଏହା ପ୍ରିୟଜନଙ୍କ ମଧ୍ୟରେ ପ୍ରେମ ଏବଂ ରକ୍ଷା ପାଇଁ ଏକ ପ୍ରତିଶ୍ରୁତି। ରାକ୍ଷୀ ଏକ ପ୍ରଥାଠାରୁ ଅଧିକ କିଛି। ଏହା ସ୍ମୃତି, ହସ ଏବଂ ଅକୁହା ପ୍ରତିଶ୍ରୁତିର ସ୍ମାରକ, ଯାହା ବର୍ଷ ପରେ ବର୍ଷ ପ୍ରିୟଜନଙ୍କୁ ନିକଟତର କରିଆସୁଛି। ଏହି ରକ୍ଷା ବନ୍ଧନରେ ଚାନ୍ଦି ଭଣ୍ଡାର ୯୨.୫ ଷ୍ଟର୍ଲିଂ ରୁପାରେ ଚିନ୍ତନଶୀଳ ଭାବେ ପ୍ରସ୍ତୁତ ରୁପା ରାକ୍ଷୀ ଏବଂ ବ୍ରେସ୍‌ଲେଟ୍‌ର ବ୍ୟାପକ ସମ୍ଭାର ଆଣିଛି। ଭାଇଭଉଣୀ ଏବଂ ପ୍ରିୟଜନଙ୍କ ପାଇଁ ଉପହାରର ବ୍ୟାପକ ବିକଳ୍ପ ରହିଛି। ଷ୍ଟେଟ୍‌ମେଣ୍ଟ ଡିଜାଇନ୍‌ଠାରୁ ଆରମ୍ଭ କରି ସର୍ବନିମ୍ନ ଷ୍ଟାଇଲ୍ ପର୍ଯ୍ୟନ୍ତ ବିଭିନ୍ନ ରେଞ୍ଜର ରାକ୍ଷୀ ରହିଛି। ରୁପା ବ୍ରେସ୍‌ଲେଟ୍‌କୁ ଉତ୍ସବ ବାଦ ବି ଦୀର୍ଘଦିନ ପାଇଁ ପସନ୍ଦ କରାଯାଇପାରିବ। ପ୍ରଭୁ ଜଗନ୍ନାଥଙ୍କଠାରୁ ପ୍ରେରିତ ରାକ୍ଷୀ ସହିତ ଏକ ସାଂସ୍କୃତିକ ସ୍ପର୍ଶ ମଧ୍ୟ ଆଣିଛି ଏ ସମ୍ଭାର। ପିଲାଙ୍କ ପାଇଁ ସ୍ୱତନ୍ତ୍ର କୌତୁକିଆ ଡିଜାଇନ ରହିଛି, ଯାହା ସମସ୍ତ ବୟସର ପ୍ରିୟଜନଙ୍କ ପାଇଁ ଉତ୍ସବକୁ ସ୍ୱତନ୍ତ୍ର କରିଥାଏ। ରାକ୍ଷୀ ସମ୍ଭାର ସହିତ ପୁରୁଷମାନେ ଚାନ୍ଦି ଭଣ୍ଡାରର ଆମୋଘ କଲେକ୍ସନକୁ ଦେଖିପାରିବେ, ଯେଉଁଥିରେ ବ୍ୟାପକ ରେଞ୍ଜ୍ ରୁପା ଆସେସରିଜ୍ ଯଥା ଚେନ୍, ପେଣ୍ଡେଣ୍ଟ, ମୁଦି ଏବଂ ବ୍ରେସ୍‌ଲେଟ୍ ଆଦି ରହିଛି, ଯାହାକି ଭାଇ ତଥା ପ୍ରିୟଜନଙ୍କ ପାଇଁ ରକ୍ଷା ବନ୍ଧନ ଉପହାର ପ୍ରଦାନକୁ ସ୍ୱତନ୍ତ୍ର କରୁଛି। ବ୍ରାଣ୍ଡ ମଧ୍ୟ ୯୨.୫ ଷ୍ଟର୍ଲିଂ ରୁପା ଗହଣା ଯେପରି କାନଫୁଲ, ଚୁଡ଼ି, ମୁଦି, ବ୍ରେସ୍‌ଲେଟ୍ ଏବଂ ଆଙ୍କଲେଟ୍‌ର ବ୍ୟାପକ ରେଞ୍ଜ ଉପଲବ୍ଧ କରୁଛି, ଯାହାକି ସଭିଙ୍କ ପାଇଁ ରକ୍ଷା ବନ୍ଧନ ଉପହାର ପ୍ରଦାନକୁ ସ୍ୱତନ୍ତ୍ର କରୁଛି। ପିଲାଙ୍କ ପାଇଁ ଏକ୍ସକ୍ଲୁସିଭ୍ 'ଟ୍ରେଜର୍ସ' ସମ୍ଭାର ରହିଛି, ଯେଉଁଥିରେ ଚିନ୍ତନଶୀଳ ଭାବେ ପ୍ରସ୍ତୁତ ଗହଣା ପିସ୍ ରହିଛି। ଗହଣା ଏବଂ ପାରମ୍ପରିକ ରୁପାସାମଗ୍ରୀ ସହିତ ଆହୁରି ଅଧିକ କିଛି ପ୍ରଦାନ କରୁଛି ଚାନ୍ଦି ଭଣ୍ଡାର। ପାରମ୍ପରିକ ରୁପା ଆଇଟମ୍ ସହିତ ଏଠାରେ ପରିବର୍ଦ୍ଧିତ ଲାଇଫଷ୍ଟାଇଲ୍ ସେକ୍ସନ ରହିଛି। ରୁପାରେ ପ୍ରସ୍ତୁତ




ୱାଇନ୍ ଗ୍ଲାସ, ବଟଲ ଏବଂ ଅତି ସୁନ୍ଦର ଟା' ସେଟ୍ ଦୈନନ୍ଦିନ ବ୍ୟବହାରରେ କେବଳ ରୁପାର ୱେଲ୍‌ନେସ୍ ଫାଇଦା ପ୍ରଦାନ କରି ନ ଥାଏ, ଚିନ୍ତନଶୀଳ ଉପହାର ଭାବେ କାର୍ଯ୍ୟରେ ଆସିଥାଏ। ଏ କଲେକ୍ସନରେ ମଧ୍ୟ ରହିଛି ଉଡେନ ସିଲ୍‌ଭର-ୱାର୍କ ଟ୍ରେ ଏବଂ ସୁନ୍ଦର ଲାଇଫଷ୍ଟାଇଲ୍ ପିସ୍। ପ୍ରତ୍ୟେକ ଲିଭିଂ ସ୍ପେସ୍‌ରେ ଏହା ଆନନ୍ଦ ଯୋଡ଼ିଥାଏ ଏବଂ ପ୍ରତ୍ୟେକ ଅବସର ପାଇଁ ଉପଯୁକ୍ତ ଉପହାର ବିକଳ୍ପ ଭାବେ କାର୍ଯ୍ୟ କରେ। ଏ ଅବସରରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କୁହନ୍ତି, ଆମେ ବାଣ୍ଟୁଥିବା ପ୍ରତ୍ୟେକ ବନ୍ଧନ ପାଳନଯୋଗ୍ୟ ଏବଂ ରକ୍ଷା ବନ୍ଧନ ସେହି ବନ୍ଧନକୁ ଆହୁରି ଟିକିଏ ଆଦର କରିବା ପାଇଁ ଏକ ସୁନ୍ଦର ସ୍ମରଣକାରୀ। ଆମ ରାକ୍ଷୀ ସମ୍ଭାର ମାଧ୍ୟମରେ ଆମେ ଉକ୍ତ ସେଲିବ୍ରେଶନକୁ ଅଧିକ ସ୍ୱତନ୍ତ୍ର କରିବାକୁ ଚାହୁଁ। ଏହି ରକ୍ଷାବନ୍ଧନରେ ପ୍ରତିଶ୍ରୁତିକୁ ପାଳନ ସ୍ଥାୟୀ ଉପହାର ଦେଇ ଉକ୍ତ ବନ୍ଧନକୁ ଭଲପାଇ ପାରିବେ। ୧୪ ଅଗଷ୍ଟରୁ ୩୦ ଅଗଷ୍ଟ ଯାଏ ଗଢ଼ା ମଜୁରିରେ ଫ୍ଲାଟ୍ ୨୦ଧ ରିହାତି ଉପଲବ୍ଧ। ସୂଚନାଯୋଗ୍ୟ, ଚାନ୍ଦି ଭଣ୍ଡାର ରାଜ୍ୟର ସର୍ବବୃହତ୍ ରୁପା ଗହଣା ଚେନ୍ ଷ୍ଟୋର। ୨୦୧୩ରେ ଏକ ସ୍ୱତନ୍ତ୍ର ସିଲ୍‌ଭର ଷ୍ଟୋର ଭାବେ ଏହା ଓଡ଼ିଶାରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଏହାର ଷ୍ଟୋର ସଂଖ୍ୟା ପୂର୍ବ ଭାରତରେ ୩୩ରେ ପହଞ୍ଚିଛି। ଭୁବନେଶ୍ୱରର ରଘୁନାଥପୁର, ସହଦି ନଗର, ପଟିଆ।, ରସୁଲଗଡ, ଜନପଥ,ସୌଭାଗ୍ୟନଗର,ନୟାପଲ୍ଲୀ, ଲୁଇସ୍ ରୋଡ୍, ଚନ୍ଦ୍ରଶେଖରପୁର ଏବଂ ଖଣ୍ଡଗିରି, ଖୋର୍ଦ୍ଧା, କଟକର କ୍ୟାଣ୍ଟନ୍‌ମେଣ୍ଟ ରୋଡ୍, ସିଡିଏ ଏବଂ ଲିଙ୍କ୍ ରୋଡ୍, ରାଉରକେଲାର ଉଦିତ ନଗର ଓ ରାଉରକେଲା ଟାଉନ, ଅନୁଗୁଳର ଅମଲାପଡ଼ା ଏବଂ ଗାନ୍ଧି ମାର୍ଗ ଛକ, ଯାଜପୁର, ବ୍ରହ୍ମପୁର, ବାଲେଶ୍ୱର, ଢେଙ୍କାନାଳ, ତାଳଚେର, ବାରପି ଦା, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୟାଗଡ଼, ବଲାଙ୍ଗୀର, ଭଦ୍ରକ, ପୁରୀ ଏବଂ ରାୟପୁରର ଭିଆଇପି ରୋଡ୍ ଓ ପଣ୍ଡ୍ରିରେ ଏହାର ଷ୍ଟୋର ରହିଛି। ଗ୍ରାହକଙ୍କୁ ବ୍ୟାପକ ରେଞ୍ଜ୍ ରୁପା ଉତ୍ପାଦ ଯୋଗାଇବା, ଜୀବନକାଳ ମାଗଣା କ୍ଲିନିଂ, ସର୍ବୋତ୍ତମ ବଦଳ ନୀତି, କଷ୍ଟମାଇଜେସନ୍, କ୍ରୟ ପୂର୍ବରୁ ପରଖିବା, ଭାଲ୍ୟୁ ଫର୍ ମନି ଏବଂ ହଲ୍‌ମାର୍କଯୁକ୍ତ ଓ କ୍ୱାଲିଟି ଉତ୍ପାଦ ଚାନ୍ଦି ଭଣ୍ଡାରର ପ୍ରତିଶ୍ରୁତି।

# ମଣିପାଲ ହସ୍ପିଟାଲ ପକ୍ଷରୁ 'ଜଏଣ୍ଟ ରିପ୍ଲେସମେଣ୍ଟ ଦିବସ' ପାଳିତ

**ଭୁବନେଶ୍ୱର, ୧୨।୮ (ନି.ପ୍ର):** ସାଧାରଣ ଲୋକଙ୍କୁ ଗଣ୍ଠି ସ୍ୱାସ୍ଥ୍ୟ, ଗଣ୍ଠି ନଷ୍ଟ ହେବାର ସାଧାରଣ କାରଣ ଏବଂ କ୍ରମାଗତ ଗଣ୍ଠି ଯନ୍ତ୍ରଣା ଓ ଚଳପ୍ରଚଳରେ ସମସ୍ୟା ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ସଠିକ୍ ସମୟରେ ପରୀକ୍ଷା ଓ ଚିକିତ୍ସାର ଗୁରୁତ୍ୱ ବିଷୟରେ ଶିକ୍ଷା ଦେବା ଉଦ୍ଦେଶ୍ୟରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ସଚେତନତା ବୈଠକ ସହ 'ଜଏଣ୍ଟ ରିପ୍ଲେସମେଣ୍ଟ ଡେ' ପାଳିତ ହୋଇଯାଇଛି। ମଣିପାଲ ହସ୍ପିଟାଲ୍‌ର ଅର୍ଥୋପେଡିକ୍ସ ଡାଇରେକ୍ଟର ଓ (ସିନିଅର କନସଲଟାଣ୍ଟ– ଅର୍ଥୋପେଡିକସ୍) ଡାକ୍ତର ସୁନୀଲ କୁମାର ଦାଶ ନେତୃତ୍ୱରେ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ ଉତ୍ସବ ସହିତ ଏହି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା।। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୦୦ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ, ଯେଉଁମାନେ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଗଣ୍ଠି ପ୍ରତିରୋପଣ (ଜଏଣ୍ଟ ରିପ୍ଲେସମେଣ୍ଟ) ପ୍ରକ୍ରିୟା, ଅସ୍ଥିଶଲ୍ୟ (ଅର୍ଥୋପେଡିକ୍) ଚିକିତ୍ସାରେ ଅଗ୍ରଗତି, ଥଇଥାନ ଏବଂ ଚଳପ୍ରଚଳ ତଥା ଜୀବନଶୈଳୀରେ ସୁଧାର ଆଣିବାରେ ସଠିକ୍ ସମୟରେ ଚିକିତ୍ସାର ଗୁରୁତ୍ୱ ବିଷୟରେ ଜ୍ଞାନ ଆହରଣ କରିଥିଲେ। ଏହି ସଚେତନତା ବୈଠକରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ଅର୍ଥୋପେଡିକ୍ସ କନସଲଟାଣ୍ଟ ଡାକ୍ତର ସୁନୀଲ କୁମାର ଦାଶ, ଅର୍ଥୋପେଡିକ୍ସ ଆଣ୍ଡ ସ୍ପାଇନ୍ ସର୍ଜରୀ କନସଲଟାଣ୍ଟ ଡାକ୍ତର ହରେକୃଷ୍ଣ ସାହୁ କନସଲଟାଣ୍ଟ ଏବଂ ଅର୍ଥୋପେଡିକ୍ସ ଆଣ୍ଡ ସ୍ପାଇନ୍ ସର୍ଜରୀ ଡାକ୍ତର କାଶୀନାଥ ସ୍ୱାଇଁ ଗଣ୍ଠି ସ୍ୱାସ୍ଥ୍ୟ ଏବଂ ଗଣ୍ଠି ପ୍ରତିରୋପଣର ବିଭିନ୍ନ ଦିଗ ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। କ୍ରମାଗତ ଗଣ୍ଠି ଯନ୍ତ୍ରଣାକୁ କେତେବେଳେ ଅଣଦେଖା କରାଯିବା ଉଚିତ ନୁହେଁ ଏବଂ କିଭଳି ଉପଯୁକ୍ତ ରୋଗ ନିରୂପଣ ଓ ଚିକିତ୍ସା ଦ୍ୱାରା ରୋଗୀମାନେ ପୁଣି ଚଳପ୍ରଚଳ କରିପାରିବେ ଓ ନିଜର ଦୈନନ୍ଦିନ କାର୍ଯ୍ୟସୂଚୀକୁ ଫେରିପାରିବେ, ସେ




ବିଷୟରେ ଲୋକଙ୍କୁ ବୁଝାଇବା ଉପରେ ଏହି ଆଲୋଚନା କେନ୍ଦ୍ରୀଭୂତ ହୋଇଥିଲା। ଏହି ଅବସରରେ ଡାକ୍ତର ସୁନୀଲ କୁମାର ଦାଶ କହିଛନ୍ତି, 'କ୍ରମାଗତ ଗଣ୍ଠି ଯନ୍ତ୍ରଣା ଏବଂ କଠିନତା (ଷ୍ଟିଫନେସ୍) କୁ ବାର୍ଦ୍ଧକ୍ୟର ଏକ ସାଧାରଣ ଅଂଶ ଭାବେ ଗ୍ରହଣ କରାଯିବା ଉଚିତ ନୁହେଁ। ରୋବୋଟିକ୍-ଆସିଷ୍ଟେଡ୍ ଜଏଣ୍ଟ ରିପ୍ଲେସମେଣ୍ଟ ହେଉଛି ଏକ ଉନ୍ନତ ଚିକିତ୍ସା ଯାହା ସର୍ଜିକାଲ୍ ପ୍ଲାନିଂ ଏବଂ ଇମ୍ପ୍ଲାଣ୍ଟ ସ୍ଥାପନରେ ଅଧିକ ସଠିକତା ପ୍ରଦାନ କରିଥାଏ, ଯାହା ରୋଗୀଙ୍କୁ ଉନ୍ନତ ଚଳପ୍ରଚଳ ଏବଂ ଶୀଘ୍ର ଆରୋଗ୍ୟ ଲାଭ କରିବାରେ ସାହାଯ୍ୟ କରିଥାଏ। ସଠିକ୍ ସମୟରେ ପରାମର୍ଶ କରିବା ହିଁ ଉପଯୁକ୍ତ ଚିକିତ୍ସା ବାଛିବା ଏବଂ ଜୀବନଶୈଳୀକୁ ସ୍ୱାଭାବିକ କରିବାର ଚାବିକାଠି।' ଏହା ସହ ଡାକ୍ତର ଶକ୍ତିମୟ ମହାପାତ୍ର ,ମଣିପାଲ ହସ୍ପିଟାଲ୍ କ୍ଲଷ୍ଟର ଡାଇରେକ୍ଟର (ଦକ୍ଷିଣ-ପୂର୍ବ)କହିଛନ୍ତି, 'ମଣିପାଲ ହସ୍ପିଟାଲ ଭୁବନେଶ୍ୱରରେ ଆମେ ଏଭଳି ସମସ୍ୟା ଗୁଡ଼ିକ ବିଷୟରେ ଅଧିକ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବଦ୍ଧ, ଯାହା ଜଣେ ବ୍ୟକ୍ତିର ଚଳପ୍ରଚଳ ଏବଂ ସ୍ୱାଧୀନତାକୁ ବହୁଳ ଭାବରେ ପ୍ରଭାବିତ କରିଥାଏ। ଜଏଣ୍ଟ ରିପ୍ଲେସମେଣ୍ଟ କେବଳ ଚଳପ୍ରଚଳ ଫେରାଇ ଆଣିବା ନୁହେଁ, ବରଂ ରୋଗୀଙ୍କୁ ଆତ୍ମବିଶ୍ୱାସ ଫେରାଇ ପାଇବାରେ ଏବଂ ଏକ ସକ୍ରିୟ ତଥା ସନ୍ତୋଷଜନକ ଜୀବନକୁ ଫେରିବାରେ ସାହାଯ୍ୟ କରିଥାଏ। 'ଜଏଣ୍ଟ ରିପ୍ଲେସମେଣ୍ଟ ଡେ' ଭଳି ପଦକ୍ଷେପ ମାଧ୍ୟମରେ ଆମର ଲକ୍ଷ୍ୟ ହେଉଛି ଲୋକଙ୍କୁ ପ୍ରାରମ୍ଭିକ ଅବସ୍ଥାରେ ଲକ୍ଷଣଗୁଡ଼ିକୁ ଚିହ୍ନିବା, ବିଶେଷଜ୍ଞଙ୍କ ମାର୍ଗଦର୍ଶନ ଲୋଡ଼ିବା ଏବଂ ସେମାନଙ୍କ ଗଣ୍ଠି ସ୍ୱାସ୍ଥ୍ୟ ବିଷୟରେ ସଠିକ୍ ନିଷ୍ପତ୍ତି ନେବା ପାଇଁ ଉତ୍ସାହିତ କରିବା।' ଉପଯୁକ୍ତ ଶାରୀରିକ କାର୍ଯ୍ୟକଳାପ, ଓଜନ ନିୟନ୍ତ୍ରଣ, କ୍ରମାଗତ ଯନ୍ତ୍ରଣାର ପ୍ରାରମ୍ଭିକ ମୂଲ୍ୟାଙ୍କନ ଏବଂ ଡାକ୍ତରୀ ପରାମର୍ଶ ପାଳନ କରିବା ଦ୍ୱାରା କିଭଳି ଗଣ୍ଠିକୁ ସୁସ୍ଥ ରଖାଯାଇପାରିବ, ସେହି ଗୁରୁତ୍ୱକୁ ଏହି କାର୍ଯ୍ୟକ୍ରମରେ ଅଧିକ ଆଲୋକପାତ କରାଯାଇଥିଲା। ଏହି ପଦକ୍ଷେପ ପ୍ରତିଷେଧକ ସ୍ୱାସ୍ଥ୍ୟସେବା, ରୋଗୀ ଶିକ୍ଷା ଏବଂ ଉନ୍ନତ ଅସ୍ଥିଶଲ୍ୟ (ଅର୍ଥୋପେଡିକ୍) ଚିକିତ୍ସା ଯୋଗାଇବା ଦିଗରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱରର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଛି।

# ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓକୁ ସୁଦୃଢ଼ କରିଛି ଇଂଟେକ୍ସ

**ଭୁବନେଶ୍ୱର, ୧୨।୭ (ନି.ପ୍ର) :** ଭାରତର ଅନ୍ୟତମ ଅଗ୍ରଣୀ ଘରୋଇ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ବ୍ରାଣ୍ଡ ଇଂଟେକ୍ସ ଟେକ୍ନୋଲୋଜିସ୍ ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ମାର୍କେଟରେ ନିଜର ଉପସ୍ଥିତି ମଜବୁତ କରିବା ପାଇଁ ଏହାର ବିସ୍ତୃତ ରଣନୀତିର ଅଂଶ ଭାବେ ନିଜର ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓର ସମ୍ପ୍ରସାରଣ ଘୋଷଣା କରିଛି। ଇଂଟେକ୍ସ ପକ୍ଷରୁ ଡେକୋରେଟିଭ, ଶକ୍ତି-ଦକ୍ଷ ବିଏଲଡିସି, ଏକ୍‌ଜଷ୍ଟ ଓ ଟିପିଡବ୍ଲ୍ୟୁ(ଟେବୁଲ, ପେଡେଷ୍ଟାଲ ଓ ୱାଲ) ମଡେଲଗୁଡ଼ିକ ସମେତ ଫ୍ୟାନଗୁଡ଼ିକର ଏକ ବିସ୍ତୃତ ରେଞ୍ଜ ସହ ହୋମ୍ ଆପ୍ଲାଏନସ୍ସେ ପୋର୍ଟଫୋଲିଓକୁ ସମ୍ପ୍ରସାରଣ କରାଯାଇଛି। ଏଥିସହିତ କମ୍ପାନୀ ବିବିଧ ଘରୋଇ ଆବଶ୍ୟକତାକୁ ପୂରଣ କରିବା ପାଇଁ ବିଭିନ୍ନ କ୍ଷମତାରେ ଷ୍ଟୋରେଜ ଓ ଇନ୍‌ଷ୍ଟାଂଟ ଗିଜର୍ ସହ ୱାଟର ହିଟର ବର୍ଗରେ ମଧ୍ୟ ପ୍ରବେଶ କରିଛି। କିଚେନ ଓ ଦୈନନ୍ଦିନ ଆପ୍ଲାଏନ୍ସ ସେଗ୍ମେଣ୍ଟରେ ନିଜର ଉପସ୍ଥିତି ମଜବୁତ କରି, ଆଇରନ, ମକ୍ସଚର ଗ୍ରାଇଣ୍ଡର, ଜୁସର ମକ୍ସଚର ଗ୍ରାଇଣ୍ଡର, ଏୟାର ଫ୍ରାୟର, ଇଲେକ୍ଟ୍ରିକ କେଟିଲ ଓ କୁକଟପ ଭଳି ଉତ୍ପାଦଗୁଡ଼ିକ ସହ ଇଂଟେକ୍ସ ନିଜର କ୍ଷୁଦ୍ର ଘରୋଇ ଆପ୍ଲାଏନ୍ସ ପୋର୍ଟଫୋଲିଓକୁ ମଧ୍ୟ ବିସ୍ତାର



କରିଛି। ଏହି ସମ୍ପ୍ରସାରଣ ଏକ ସୁବ୍ୟବସ୍ଥିତ ହୋମ୍ ଆପ୍ଲାଏନ୍ସ ବ୍ୟବସାୟ ନିର୍ମାଣ କରିବାର ଇଂଟେକ୍ସର ରଣନୀତିକୁ ପ୍ରତିଫଳନ କରୁଛି। କମ୍ପାନୀ ଉପଭୋକ୍ତାଙ୍କୁ ଗୋଟିଏ ବିଶ୍ୱସନୀୟ ବ୍ରାଣ୍ଡ ଅଧୀନରେ ନିର୍ଭରଯୋଗ୍ୟ ଓ ମୂଲ୍ୟ-ପରିଚାଳିତ ସମାଧାନଗୁଡ଼ିକର ଏକ ବିସ୍ତୃତ ଶୃଙ୍ଖଳା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି ପଦକ୍ଷେପ ଇଂଟେକ୍ସର କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ବିଜନେସ୍ର ମଜବୁତ ସଫଳତା ଉପରେ ଆଧାରିତ, ଯାହା ୨୦୨୫-୨୬ ଆର୍ଥିକ ବର୍ଷରେ ୮୦%ର ବାର୍ଷିକ ଅଭିବୃଦ୍ଧି ହାସଲ କରିଥିଲା, ଏହା ମୁଖ୍ୟତଃ ସ୍ମାର୍ଟ ଟିଭି, ଏୟାର କଣ୍ଡିସ୍ନର ଓ ୱାଶିଂ ମେଶିନ ବର୍ଗରେ ଦୃଢ଼ ଚାହିଦା ଦ୍ୱାରା ପରିଚାଳିତ ହୋଇଥିଲା। ଟିୟର ୨ ଓ ଟିୟର ୩ ବଜାରଗୁଡ଼ିକରେ ଚାହିଦା ବୃଦ୍ଧି ପାଉଥିବାରୁ ଇଂଟେକ୍ସ ଏହାର ଜାତୀୟସ୍ତରୀୟ ବିତରଣ ନେଟ୍‌ୱର୍କ, ମଜବୁତ ରିଟେଲ ସହଭାଗିତା ଓ ବିକ୍ରି ପରବର୍ତ୍ତୀ ସେବା କ୍ଷମତାର ଉପଯୋଗ କରି ଏହାର ଉପସ୍ଥିତି ବିସ୍ତାର କରିବା ପାଇଁ ଏକ ବଡ ସୁଯୋଗ ପରିଲକ୍ଷିତ କରୁଛି। ଏହି ସମ୍ପ୍ରସାରଣ ସମ୍ପର୍କରେ ଇଂଟେକ୍ସ ଟେକ୍ନୋଲୋଜିସ୍ର ନିର୍ଦ୍ଦେଶକ କେଶବ ବଂଶଲ କହିଛନ୍ତି, "କଞ୍ଜ୍ୟୁମର ଡ୍ୟୁରାବୁଲ୍ସ ବ୍ୟବସାୟରେ ଦୃଢ଼ ସଫଳତା ଇଂଟେକ୍ସ ବ୍ରାଣ୍ଡ ଉପରେ ଉପଭୋକ୍ତାଙ୍କ ବର୍ଦ୍ଧିତ ବିଶ୍ୱାସକୁ ପ୍ରତିଫଳନ କରୁଛି।

# ରିଅଲ୍ମି ୧୬ଏକ୍ସ ୫ଜିର ବଜାର ପ୍ରବେଶ

**ଭୁବନେଶ୍ୱର, ୧୨।୮ (ନି.ପ୍ର) :** ଭାରତୀୟ ଯୁବପିଢ଼ିଙ୍କ ମଧ୍ୟରେ ସବୁଠାରୁ ଲୋକପ୍ରିୟ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍ମି ପକ୍ଷରୁ ଏହାର ନମ୍ବର ସିରିଜରେ ନୂତନ ସ୍ମାର୍ଟଫୋନ ରିଅଲ୍ମି ୧୬ଏକ୍ସ ୫ଜିର ଲଂଚ ଘୋଷଣା କରାଯାଇଛି। ସେଗମେଂଟରେ 'ବେଷ୍ଟ ଅଲ୍-ରାଉଣ୍ଡର ସ୍ମାର୍ଟଫୋନ' ଭାବେ ଅବସ୍ଥାପିତ ରିଅଲ୍ମି ୧୬ଏକ୍ସ ୫ଜିକୁ ଆଜିର ଜୀବନଶୈଳୀ ସହ ତାଳ ଦେବା ପାଇଁ ଡିଜାଇନ କରାଯାଇଛି, ଏହି ଡିଭାଇସ ଏକ ସେଗ୍ମେଂଟ-ଲିଡିଂ ୭୦୦୦ ଏମଏଏଚ ଟାଇଟନ ବ୍ୟାଟେରୀ, ୪୫ୱାଟ ସୁପରଭିଓଓସି ଫାଷ୍ଟ ଚାର୍ଜ, ୧୪୪ଏଚଜେଡ ଅଲ୍ଟ୍ରା ବ୍ରାଇଟ ଡିସ୍ପ୍ଲେ ଓ ୫ ବର୍ଷର ସୁଗମ କାର୍ଯ୍ୟଦକ୍ଷତାକୁ ଏକାଠି କରିଛି। ଏହି ସ୍ମାର୍ଟଫୋନ ଆକର୍ଷଣୀୟ ଗ୍ଲୋରୀ ହ୍ୱାଇଟ ଓ ଏଣ୍ଡୁରାନ୍ସ ବ୍ରାଉନ ରଙ୍ଗରେ ଉପଲବ୍ଧ ହେଉଛି। ଏହି ସ୍ମାର୍ଟଫୋନ ଗ୍ଲୋରୀ ହ୍ୱାଇଟ ଓ ଏଣ୍ଡୁରାନ୍ସ ବ୍ରାଉନ କଲରରେ, ୪ଜିବି+୧୨୮ଜିବି ଭାରିଆଂଟ ପାଇଁ ୨୩,୯୯୯ ଟଙ୍କା (ଅଫର ମୂଲ୍ୟ), ୬ଜିବି+୧୨୮ଜିବି ପାଇଁ ୨୫,୯୯୯ ଟଙ୍କା (ଅଫର ମୂଲ୍ୟ) ଏବଂ ୬ଜିବି+୨୫୬ଜିବି ଭାରିଆଂଟ ପାଇଁ ୨୮,୯୯୯ ଟଙ୍କା(ଅଫର ମୂଲ୍ୟ)ରେ ଉପଲବ୍ଧ ହେଉଛି। ରିଅଲମି ୧୬ଏକ୍ସ ୫ଜିର ସେଲ ଅଗଷ୍ଟ ୧୩ ତାରିଖ, ଦିନ ୧୨ଟାରୁ Flipkart, realme.com ଓ ମେନଲାଇନ ଷ୍ଟୋର ମାଧ୍ୟମରେ ଆରମ୍ଭ ହୋଇଛି। ରିଅଲମି ୧୬ଏକ୍ସ ୫ଜି ପ୍ରତିକ୍ରିୟାଶୀଳ ମଲ୍ଟିଟାସ୍କିଙ୍ଗ ଓ ଦକ୍ଷ ପ୍ରଦର୍ଶନ ପାଇଁ ୧୮ଜିବି ପର୍ଯ୍ୟନ୍ତ ଡାଇନାମିକ ରାମ ଓ ୨୫୬ ଜିବି ପର୍ଯ୍ୟନ୍ତ ଷ୍ଟୋରେଜ ସହିତ ଏକ ୬ଏନଏମ ପ୍ରୋସେସ ଉପରେ ନିର୍ମିତ ମିଡିଆଟେକ ଡାଇମେନ୍ସିଟି ୬୩୦୦ ୫ଜି ଚିପ୍ସେଟ ଦ୍ୱାରା ପରିଚାଳିତ। ଏହି ସ୍ମାର୍ଟଫୋନ ଆଣ୍ଡ୍ରଏଡ ୧୬ ଉପରେ ଆଧାରିତ ରିଅଲ୍ମି ୟୁଆଇ ୭.୦ ଉପରେ ପରିଚାଳିତ।




# ଡେଲି ଆରଡ଼ି ଓ ଫିକ୍ସଡ ଡିପୋଜିଟ ଡିଷ୍ଟ୍ରିବ୍ୟୁଶନ ଲଂଚ କରିଛି ଫୋନପେ

**ଭୁବନେଶ୍ୱର, ୧୨।୮ (ନି.ପ୍ର) :** ଫୋନପେ ପକ୍ଷରୁ ଆଜି ପ୍ରମୁଖ ବ୍ୟାଙ୍କ ଓ ଏନବିଏଫସିଗୁଡ଼ିକ ସହ ସହଭାଗିତାରେ ଏହାର ପ୍ଲାଟଫର୍ମରେ ଫିକ୍ସଡ ଡିପୋଜିଟ (ଏଫଡି) ଡିଷ୍ଟ୍ରିବ୍ୟୁଶନର ଆନୁଷ୍ଠାନିକ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହାର ବିସ୍ତୃତ ଆର୍ଥିକ ସେବା ଶୃଙ୍ଖଳାର ବିସ୍ତାର କରି ଫୋନ୍‌ପେ, ଶିବାଲିକ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ସହଭାଗିତାରେ ଏକ ଅଭିନବ, ପ୍ରଥମ ଧରଣର ଡିଜିଟାଲ ମାଇକ୍ରୋ-ସେଭିଙ୍ଗସ ପ୍ରଡକ୍ଟ -ଡେଲି ରିକରିଂ ଡିପୋଜିଟ (ଏସଆଇପି)ର ମଧ୍ୟ ଶୁଭାରମ୍ଭ କରିଛି। ଏହି ଉତ୍ପାଦ ଉପଭୋକ୍ତାଙ୍କୁ ଦୈନିକ ୧୦୦ ଟଙ୍କାରୁ ଆରମ୍ଭ ହେଉଥିବା ନିବେଶଗୁଡ଼ିକ ସହ ଏକ ଶୃଙ୍ଖଳିତ ସଂଚୟ ଅଭ୍ୟାସ ସ୍ଥାପନ କରିବା ପାଇଁ ସକ୍ଷମ କରିଥାଏ। ଏହି ଲଂଚ୍ ଫୋନପେ ଆପ୍ ମଧ୍ୟରେ ସିଧାସଳଖ ଏଫଡି ଖୋଲିବା ପାଇଁ ସକ୍ଷମ କରିଥାଏ ଯାହାକୁ ଏକ ସ୍ଥିର, କମ୍ ବିପଦପୂର୍ଣ୍ଣ ସଂଚୟ ବିକଳ୍ପ ଭାବେ କାର୍ଯ୍ୟ କରିବା ପାଇଁ ଡିଜାଇନ କରାଯାଇଛି। ଉପଭୋକ୍ତାମାନେ ବିଶ୍ୱସନୀୟ ପାର୍ଟନରଙ୍କ ଏଫଡିଗୁଡ଼ିକୁ ସହଜରେ ଅନ୍ୱେଷଣ, ତୁଳନା ଓ ତତ୍କାଳ ବୁକ୍ କରିପାରିବେ। ପାର୍ଟନର ବ୍ୟାଙ୍କଗୁଡ଼ିକ ସହିତ ବୁକ୍ କରାଯାଇଥିବା ଏଫଡିଗୁଡ଼ିକୁ, ଆରବିଆଇ ନିର୍ଦ୍ଦେଶାନାମା ଅନୁଯାୟୀ, ଡିପୋଜିଟ ଇନ୍ସୁରାନ୍ସ ଆଣ୍ଡ କ୍ରେଡିଟ ଗ୍ୟାରେଂଟି କର୍ପୋରେଶନ (ଡିଆଇସିଜିସି) ଦ୍ୱାରା ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୀମାଭୁକ୍ତ କରାଯାଇଛି। ଏହା ଉପଭୋକ୍ତାଙ୍କୁ ଏକାଧିକ ବ୍ୟାଙ୍କରେ ନିବେଶ କରିବା ଏବଂ ଫୋନପେ ଆପ ମଧ୍ୟରେ ନିଜର ସମସ୍ତ ଏଫଡିଗୁଡ଼ିକୁ ସହଜରେ ପରିଚାଳନା କରିବା ପାଇଁ ସକ୍ଷମ କରିଥାଏ। ଏହି ଘୋଷଣାର ଏକ ପ୍ରମୁଖ ହାଇଲାଇଟ ହେଉଛି ଡେଲି ଆରଡି (ଏସଆଇପି)ର ଶୁଭାରମ୍ଭ ଯାହାକୁ ଶିବାଲିକ ସ୍ମଲ ଫାଇନାନ୍ସ ବ୍ୟାଙ୍କ ସହ ସହଭାଗିତାରେ ଲଂଚ କରାଯାଇଛି। ଏହି ଡେଲି ଆରଡି ମୁଖ୍ୟଧାରା ଉପଭୋକ୍ତା, ମିଲେନିଆଲ, ଜେନ୍ ଜି ଓ ବ୍ୟାଙ୍କ ସେବା ପାଇପାରୁନଥିବା ଲୋକଙ୍କୁ ପ୍ରତିଦିନ ୧୦୦ ଟଙ୍କାରୁ ୧୦୦୦ ଟଙ୍କା ମଧ୍ୟରେ କ୍ଷୁଦ୍ର ନିବେଶ ପାଇଁ ଅନୁମତି ଦେଇଥାଏ। ଏହି ମାଇକ୍ରୋ-ସେଭିଂ ମେକାନିଜିମ ତତ୍କାଳ ତରଳତା ଦେଇଥାଏ, ଉପଭୋକ୍ତାଙ୍କୁ ୭ ଦିନ ପରେ ଟଙ୍କା ଉଠାଣ କରିବା କିମ୍ବା ଲଗାତର ୧୫ ଦିନ ପର୍ଯ୍ୟ' ଗ୍ରେସ ପିରିୟଡରେ ନିବେଶ କରିନଥିଲେ ବିନା ଜରିମାନାରେ ଯେକୌଣସି ସମୟରେ ନିବେଶ ବନ୍ଦ କରିବା ପାଇଁ ଅନୁମତି ଦେଇଥାଏ। ଏହି ଲଂଚ ଅବସରରେ ଫୋନପେର ପେମେଂଟ୍ସ ବିଭାଗର ଉପାଧ୍ୟକ୍ଷ ଓ ମୁଖ୍ୟ ଦୀପ ଅଗ୍ରୱାଲ କହିଛନ୍ତି, 'ଫୋନପେରେ ଆମର ଲକ୍ଷ୍ୟ ହେଉଛି ଆର୍ଥିକ ସେବାଗୁଡ଼ିକ ପାଇଁ ସହଜ ପହଂଚକୁ ଉନ୍ମୋଚନ କରି ପ୍ରତ୍ୟେକ ଭାରତୀୟଙ୍କୁ ସେମାନଙ୍କର ଆର୍ଥିକ ପ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସଶକ୍ତ କରିବା। ଡେଲି ଆରଡି ପ୍ରଡକ୍ଟ ସହ ଆମର ଫିକ୍ସଡ ଡିପୋଜିଟ ଡିଷ୍ଟ୍ରିବ୍ୟୁଶନର ଶୁଭାରମ୍ଭ ସେହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ସୂଚିତ କରୁଛି। ଏଫଡି ବା ସ୍ଥାୟୀ ଜମା ଭାରତୀୟ ପରିବାରଗୁଡ଼ିକର ସଂଚୟର ଏକ ମୂଳଦୁଆ ରହିଆସିଛି, ଯାହା ନିଶ୍ଚିତ ରିଟର୍ଣ୍ଣ ଦେଇଥାଏ।

# ବନ୍ଧନ କଂଟ୍ରା ଫଣ୍ଡର ଶୁଭାରମ୍ଭ

**ଭୁବନେଶ୍ୱର, ୧୨।୮ (ନି.ପ୍ର) :** ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆଜି ଏକ ଓପନ-ଏଣ୍ଡେଡ ଇକ୍ୱିଟି ସ୍କିମ ବନ୍ଧନ କଂଟ୍ରା ଫଣ୍ଡର ଲଂଚ ଘୋଷଣା କରାଯାଇଛି ଯାହା ଏକ ବିପରୀତ ନିବେଶ ରଣନୀତି ଅନୁସରଣ କରୁଛି। ଏହି ଫଣ୍ଡ ମୌଳିକ ରୂପେ ମଜବୁତ ବ୍ୟବସାୟଗୁଡ଼ିକୁ ଚିହ୍ନଟ କରିବା ପାଇଁ ଲକ୍ଷ୍ୟ ରଖିଛି ଯାହା କ୍ଷେତ୍ର-ସ୍ତରୀୟ ଚିନ୍ତା, ଚକ୍ରିୟ ଆହ୍ୱାନ, ସାମଗ୍ରିକ ଅର୍ଥନୈତିକ ଅନିଶ୍ଚିତତା କିମ୍ବା ବର୍ତ୍ତମାନର ବଜାର ମନୋଭାବ କାରଣରୁ ଅସ୍ଥାୟୀ ଭାବେ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇପାରେ, କିନ୍ତୁ ସମୟ ସହିତ ଧାରଣା ଓ ମୌଳିକ ସ୍ଥିତିରେ ଉନ୍ନତି ଆସିଲେ ସେଗୁଡ଼ିକର ମୂଲ୍ୟାୟନରେ ସୁଧାର ଆସିବାର ସମ୍ଭାବନା ରହିଥାଏ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ଆସନ୍ତା ସୋମବାର, ଅଗଷ୍ଟ ୧୦ ତାରିଖରେ ଆରମ୍ଭ ହେବ ଏବଂ ସୋମବାର, ଅଗଷ୍ଟ ୨୪ ତାରିଖ ୨୦୨୬ରେ ବନ୍ଦ ହେବ। ବନ୍ଧନ କଂଟ୍ରା ଫଣ୍ଡରେ ନିବେଶ ଲାଇସେନ୍ସପ୍ରାପ୍ତ ମ୍ୟୁଚୁଆଲ ଫଣ୍ଡ ବିତରକ, ଅନ୍‌ଲାଇନ ପ୍ଲାଟଫର୍ମ ମାଧ୍ୟମରେ ଏବଂ ସିଧାସଳଖ ଭାବେ https://bandhanmutual.com/nfo/bandhan-contra-fund ରେ କରାଯାଇପାରିବ। ଏହି ଲଂଚ ସମ୍ପର୍କରେ ବନ୍ଧନ ଏଏମସିର ସିଇଓ ବିକାଶ କପୁର କହିଛନ୍ତି, 'ବନ୍ଧନ କଂଟ୍ରା ଫଣ୍ଡର ଲଂଚ ଏପରି ଏକ ସମୟରେ ହୋଇଛି ଯେତେବେଳେ ବିଭିନ୍ନ କ୍ଷେତ୍ରରେ ବିସ୍ତାରିତ ମୂଲ୍ୟାଙ୍କନ ଯଥେଷ୍ଟ ବୃଦ୍ଧି ପାଇଛି ଯାହା ନିର୍ଦ୍ଦିଷ୍ଟ କଂଟ୍ରାରିଆନ ନିବେଶ ପାଇଁ ସୁଯୋଗ ସୃଷ୍ଟି କରୁଛି।। ଅନେକ କ୍ଷେତ୍ର ଏବଂ କମ୍ପାନୀ ଦୃଢ଼ ବ୍ୟବସାୟ ମଡେଲ ରଖିବା, ଆୟ ଦୃଶ୍ୟମାନତାରେ ଉନ୍ନତି ଆଣିବା ଏବଂ ବାଲାନ୍ସ ସିଟ ମଜବୁତ କରିବା ସତ୍ତ୍ୱେ ସେମାନଙ୍କର ଦୀର୍ଘକାଳିନ କ୍ଷମତାରୁ ନିମ୍ନରେ ବାଣିଜ୍ୟ କରୁଛନ୍ତି। ଏପରି କ୍ଷେତ୍ରୀୟ ଭିନ୍ନତା, ପ୍ରଚଳିତ ବଜାର ସହମତି ବାହାରେ ସୁଯୋଗ ଖୋଜୁଥିବା ନିବେଶକଙ୍କ ପାଇଁ ଉତ୍ତମ ଭିତିଭୂମି ପ୍ରଦାନ କରିପାରିଥାଏ। ବନ୍ଧନ କଂଟ୍ରା ଫଣ୍ଡକୁ ଏକ ଅଭିବୃଦ୍ଧି ଆଧାର ସହ ଏକ ଶୃଙ୍ଖଳିତ କଂଟ୍ରାରିୟାନ ଫ୍ରେମୱର୍କ ଅନୁସରଣ କରିବା ପାଇଁ ଡିଜାଇନ କରାଯାଇଛି।

# ଦକ୍ଷିଣ ଓଡ଼ିଶାର ସୌର ଯାତ୍ରାକୁ ସାକାର ରୂପ ଦେଉଛି ପିଏମ୍ ସୂର୍ଯ୍ୟ ଘର ଯୋଜନ

**ବ୍ରହ୍ମପୁର, ୧୨।୮ (ନି.ପ୍ର) :** ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ ଘର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରି ଅଧିକରୁ ଅଧିକ ପରିବାର ଏବେ ସ୍ୱଚ୍ଛ ଶକ୍ତିକୁ ଆପଣାଉଛନ୍ତି। ଏହି ଯାତ୍ରାର ଅଭୂତପୂର୍ବ ସଫଳତା ଏବେ ଦକ୍ଷିଣ ଓଡ଼ିଶାରେ ଦେଖିବାକୁ ମିଳିଛି। ନିରନ୍ତର ଉପଭୋକ୍ତା ସଚେତନତା ଏବଂ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ଦ୍ୱାରା ନିରବଚ୍ଛିନ୍ନ କ୍ରିୟାନ୍ୱୟନ ଦ୍ୱାରା ଏହି ଯୋଜନା ଏବେ ଉପଭୋକ୍ତାଙ୍କୁ ସୌର ଶକ୍ତିକୁ ଆପଣାଇବା ପାଇଁ ପ୍ରୋତ୍ସାହିତ କରୁଛି। ଯାହା ଏକଦା ଏକ ମହଙ୍ଗା ବିକଳ୍ପ ଭାବରେ ବିବେଚନା କରାଯାଉଥିଲା, ତାହା ବର୍ତ୍ତମାନ ପରିବେଶ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହି ଯୋଜନା ଏବେ ବିଦ୍ୟୁତ ବିଲ୍ ହ୍ରାସ କରିବା ପାଇଁ ଏକ ବ୍ୟାବହାରିକ, ସୁଲଭ ଏବଂ ଦୀର୍ଘକାଳୀନ ସମାଧାନ ଭାବରେ ଉଭା ହେଉଛି। ସୌର ପ୍ୟାନେଲ ସ୍ଥାପନକୁ ନେଇ ଲୋକଙ୍କ ମଧ୍ୟରେ ବଢ଼ୁଥିବା ଆଗ୍ରହ ଏବେ ଟିପିଏସ୍‌ଓଡିଏଲ୍ ସେବା ଯୋଗାଉଥିବା ଅଞ୍ଚଳରେ ପରିଲକ୍ଷିତ ହୋଇଛି। ଅଦ୍ୟାବଧି ମୋଟ ୫୪,୩୯୦ ପରିବାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ ଆବେଦନ କରିଛନ୍ତି। ତନ୍ମଧ୍ୟରୁ ୨୨,୨୪୨ ପରିବାର ଏହି ଯୋଜନା ଅଧୀନରେ ନିଜ ଘର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରିସାରିଛନ୍ତି। ସେହିଭଳି ୟୁଟିଲିଟି ଲେଡ୍ ଏଗ୍ରିଗେସନ୍ ତଥା ୟୁଏଲ୍ଏ ମଡେଲ ମାଧ୍ୟମରେ ମୋଟ ୧୨,୭୪୩ ଉପଭୋକ୍ତା ସୌର ପ୍ୟାନେଲ ସ୍ଥାପନ କରିଛନ୍ତି। ଏହି ଯୋଜନାର ଲାଭ ପାଇଥିବା ଉପଭୋକ୍ତା ରିତାସେଠୀ କହିଛନ୍ତି। 'ଆମର ଯେହେତୁ ଏକ ବଡ଼ ଯୌଥ ପରିବାର ସେହି କାରଣରୁ ଆମର ବିଦ୍ୟୁତ ଖର୍ଚ୍ଚ ଅଧିକ ଥିଲା। ଟିପିଏସ୍‌ଓଡିଏଲର ସଚେତନତା କାର୍ଯ୍ୟକ୍ରମ ଯୋଗୁଁ ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା ବାବଦରେ ଜାଣିବାକୁ ପାଇଲି। ଏହାପରେ ଟିପିଏସ୍‌ଓଡିଏଲର ସହଯୋଗରେ ଘର ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କରିଲି। ଏଥିସହିତ ସରକାରୀ ସବସିଡି ସମୟରେ ପାଇବା ସାଙ୍ଗକୁ ବର୍ତ୍ତମାନ ମୋର ମାସିକ ବିଜୁଳି ଖର୍ଚ୍ଚ ଯଥେଷ୍ଟ ହ୍ରାସ ପାଇଛି। ମୁଁ ପ୍ରତ୍ୟେକ ପରିବାରକୁ ସୌର ଶକ୍ତି ଗ୍ରହଣ କରିବାକୁ କହିବି। ଯାହା ସୁଲଭ, ସ୍ଥାୟୀ ଏବଂ



ପରିବେଶ ଅନୁକୂଳ ମଧ୍ୟନ୍ତ। ଏହି ଯୋଜନାର ଲାଭ ପାଇଥିବା ଉପଭୋକ୍ତା ରିତାସେଠୀ କହିଛନ୍ତି। ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲା ମଧ୍ୟରୁ ଗାମ ଜିଲ୍ଲାରେ ସର୍ବାଧିକ ୧୪,୨୭୮ଟି ସୌର ପ୍ୟାନେଲ ସ୍ଥାପନ ହୋଇଛି। ଯାହା ସାରା ରାଜ୍ୟରେ ଗାମ ଜିଲ୍ଲାକୁ ଦ୍ୱିତୀୟ ସ୍ଥାନରେ ରଖିଛି। ସେହିଭଳି ଗଜପତି ଜିଲ୍ଲାରେ ୧୪୯୨, ନବରଙ୍ଗପୁରରେ ୧୩୨୮, ରାୟଗଡ଼ାରେ ୧୪୫୨, ବୌଦ୍ଧରେ ୧,୦୮୭, କୋରାପୁଟରେ ୧,୧୬୯, ମାଲକାନଗିରିରେ ୭୧୪ ଏବଂ କନ୍ଧମାଳରେ ୬୪୯ ଟି ରୁଫ୍ ଟପ୍ ସୋଲାର ସ୍ଥାପନ ହୋଇଛି। ଯାହା ଉଭୟ ସହରାଞ୍ଚଳ ଏବଂ ଗ୍ରାମୀଣ ସମୁଦାୟଙ୍କ କ୍ଷେତ୍ରରେ ଅକ୍ଷୟ ଶକ୍ତିର ଗ୍ରହଣୀୟତାକୁ ଦର୍ଶାଉଛି। ଏହି ସୌର ଯାତ୍ରା ପଛରେ ଟିପିଏସ୍‌ଓଡିଏଲର ୟୁଏଲ୍ଏ ମଡେଲ ଏକ ମୁଖ୍ୟ ଭୂମିକା ନିର୍ବାହ କରୁଛି। ଯାହା ସୌର ପ୍ୟାନେଲ ସ୍ଥାପନକୁ ଅଧିକ ସହଜ, ସୁଗମ ଏବଂ ସୁଲଭ କରିଛି। ଏହି ଯୋଜନା ମାଧ୍ୟମରେ ଉପଭୋକ୍ତାମାନେ ୧କିଲୋୱାଟର ସୌର ପ୍ୟାନେଲ ମାତ୍ର ?୧୮୭୫ ରେ ପାଇ ପାରୁଛନ୍ତି। ସେହିଭଳି ୨କିଲୋୱାଟର ସୌର ପ୍ୟାନେଲ ସ୍ଥାପନରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ୧ଲକ୍ଷ ୧୦ହଜାର ଟଙ୍କାର ସରକାରୀ ସବସିଡି ମିଳୁଥିବା ବେଳେ ୩କିଲୋୱାଟର ସୌର ପ୍ୟାନେଲ ସ୍ଥାପନରେ ୧ଲକ୍ଷ ୩୮ହଜାର ଟଙ୍କାର ସବସିଡି ମିଳୁଛି। ଏହି କ୍ରମରେ ସାରା ଦେଶରେ ରାଜ୍ୟ ସରକାର ଦେଉଥିବା ସରକାରୀ ସବସିଡି ସର୍ବାଧିକ ମଧ୍ୟ ଅଟେ। ଏହି ଉତ୍ସାହଜନକ ପ୍ରତିକ୍ରିୟା ମଧ୍ୟ ଉପଭୋକ୍ତାଙ୍କ ସୌର ଶକ୍ତିକୁ ନେଇ ବଦଳୁଥିବା ମାନସିକତାକୁ ପ୍ରତିଫଳିତ କରେ। ଯାହା ଛାତ ଉପରେ ସୌର ପ୍ୟାନେଲ ସ୍ଥାପନରେ ଏକ ସ୍ମାର୍ଟ ବିନିଯୋଗ ଭାବରେ ଦେଖାଦେଇଛି। ସୌର ଶକ୍ତି ସ୍ଥାପନ ଫଳରେ ଦୀର୍ଘକାଳୀନ ଆର୍ଥିକ ସଞ୍ଚୟ, ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର ହେବା ଏବଂ ପରିବେଶ ସୁରକ୍ଷା ଆଦି ସମ୍ଭବପର ହୋଇପାରିଥାଏ। ନିରନ୍ତର ସଚେତନତା ଅଭିଯାନ, ଉପଭୋକ୍ତା ଯୋଗଦାନ କାର୍ଯ୍ୟକ୍ରମ ଏବଂ ସରଳୀକୃତ ସ୍ଥାପନ ପ୍ରକ୍ରିୟା ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ସମଗ୍ର ଦକ୍ଷିଣ ଓଡ଼ିଶାରେ ସ୍ୱଚ୍ଛ ଶକ୍ତିର ବ୍ୟାପକ ଗ୍ରହଣୀୟତାକୁ ପ୍ରୋତ୍ସାହିତ କରିବା ଜାରି ରଖିଛି। ଏ ସମ୍ପର୍କରେ ଶ୍ରୀ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, 'ପିଏମ୍ ସୂର୍ଯ୍ୟ ଘର ଯୋଜନା ପ୍ରତି ଲୋକଙ୍କ ବର୍ଦ୍ଧିତ ପ୍ରତିକ୍ରିୟା ଉତ୍ସାହଜନକ ଅଟେ। ଅଧିକ ପରିବାର ସ୍ୱୀକାର କରୁଛନ୍ତି ଯେ ଛାତ ଉପରେ ସୌର ପ୍ୟାନେଲ ସ୍ଥାପନ କେବଳ ସ୍ୱଚ୍ଛ ଶକ୍ତିରେ ବିନିଯୋଗ ନୁହେଁ ବରଂ ଦୀର୍ଘକାଳୀନ ସଞ୍ଚୟ ଏବଂ ଶକ୍ତି ସ୍ୱାଧୀନତା ସୃଷ୍ଟି କରେ। ଆମର ସଚେତନତା ପଦକ୍ଷେପ ଏବଂ ୟୁଟିଲିଟି-ଲେଡ୍ ଏଗ୍ରିଗେସନ ମଡେଲ (ୟୁଏଲ୍ଏ) ମାଧ୍ୟମରେ, ଆମେ ସୌରଶକ୍ତିକୁ ସରଳ, ସୁଲଭ ଏବଂ ପ୍ରତ୍ୟେକ ଯୋଗ୍ୟ ପରିବାର ପାଇଁ ଉପଲବ୍ଧ କରୁଛୁ। ଦକ୍ଷିଣ ଓଡ଼ିଶାରେ ଏହି ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ'। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର: ମୁଫ୍‌ତ ବିଜୁଳି ଯୋଜନା ଅଧୀନରେ ରୁଫ୍ ଟପ ସୋଲାରର ବର୍ଦ୍ଧିତ ଗ୍ରହଣୀୟତା ଗ୍ରାହକଙ୍କ ସାମୂହିକ ପ୍ରୟାସ, ସରକାରୀ ସହାୟତା ଏବଂ ଟିପିଏସ୍‌ଓଡିଏଲର ନିରନ୍ତର ସୁବିଧାକୁ ପ୍ରତିଫଳିତ କରୁଛି। ପ୍ରତ୍ୟେକ ନୂତନ ସ୍ଥାପନ ସହିତ, ଟିପିଏସ୍‌ଓଡିଏଲ୍ ଦକ୍ଷିଣ ଓଡ଼ିଶାର ସ୍ୱଚ୍ଛ ଏବଂ ସବୁଜ ଶକ୍ତିର ଯାତ୍ରାକୁ ଆହୁରି ମଜବୁତ କରୁଛି। ଏଥିସହିତ ଏକ ସବୁଜ, ଦୀର୍ଘସ୍ଥାୟୀ ଓ ଶକ୍ତି-ସୁରକ୍ଷିତ ଭବିଷ୍ୟତ ପାଇଁ ଯୋଗଦାନ କରୁଛି।



## ଶିଳ୍ପ ସୁରକ୍ଷା ଓ ଜରୁରୀକାଳୀନ ପ୍ରସ୍ତୁତି ସୁଦୃଢ଼ତା ପାଇଁ ସଙ୍କଟ ପରିଚାଳନା ଗୋଷ୍ଠୀ ବୈଠକ

**ପାରାଦୀପ, ୧୨।୮ (ନି.ପ୍ର):** ପାରାଦୀପ ଶିଳ୍ପାଞ୍ଚଳରେ ଶିଳ୍ପ ର ସୁରକ୍ଷା, ଜରୁରୀକାଳୀନ ପ୍ରସ୍ତୁତି ଏବଂ ସମନ୍ୱିତ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାର ସମୀକ୍ଷା ପାଇଁ ପାରାଦୀପ ସର୍କିଟ ହାଉସ ର ସମ୍ମିଳନୀ କକ୍ଷରେ ସ୍ଥାନୀୟ ସଙ୍କଟ ପରିଚାଳନା ଗୋଷ୍ଠୀ (ଏଲସିଜି) ର ଏକ ବୈଠକ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ପାରାଦୀପ ଅତିରିକ୍ତ ଜିଲ୍ଲାପାଳ (ଏଡିଏମ) ତଥା ଏଲସିଜି ର ଅଧ୍ୟକ୍ଷ ନିରଞ୍ଜନ ବେହେରା ଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ବୈଠକରେ ପାରାଦୀପ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ (କାରଖାନା ଓ ବାଷ୍ପୀତ) ନିର୍ଦ୍ଦେଶାଳୟ କଟକ ଶାଖାର ଉପ ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ଫ୍ୟାକ୍ଟ୍ରି ଆଣ୍ଡ ବଏଲର୍ସ ପାରାଦୀପ ଆଞ୍ଚଳିକ ସହକାରୀ ନିର୍ଦ୍ଦେଶକ ତଥା ଏଲସିଜି ସଦସ୍ୟ ଓ ସଚିବ ଚନ୍ଦ୍ରଶେଖର ବେହେରା ଉପସ୍ଥିତ ଥିଲେ । ଏହି ବୈଠକରେ ବିଭିନ୍ନ ଶିଳ୍ପ ସଂସ୍ଥା ସରକାରୀ ବିଭାଗ, ଚିକିତ୍ସା ସେବା ସଂସ୍ଥା ଓ ଅନ୍ୟାନ୍ୟ ଅନୁଷ୍ଠାନର ପ୍ରାୟ ୪୦ ଜଣ ପ୍ରତିନିଧି ଯୋଗଦେଇଥିଲେ । ବୈଠକରେ ଶିଳ୍ପ ସୁରକ୍ଷା, ଜରୁରୀକାଳୀନ ପ୍ରସ୍ତୁତି ଏବଂ ବିଭିନ୍ନ ବିଭାଗ ଓ ସଂସ୍ଥା ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଦୁର୍ଘଟଣା ଠାରୁ ଆରମ୍ଭ କରି ହାଜର୍ଡ (ଏମଏଏଚ) ଶିଳ୍ପ ଗୁଡିକରେ ଯେକୌଣସି ଦୁର୍ଘଟଣା ସମୟରେ ପ୍ରଭାବଶାଳୀ ଜରୁରୀକାଳୀନ ପ୍ରତିକ୍ରିୟା ଓ ଉଦ୍ଧାର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଚନ୍ଦ୍ରଶେଖର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏଡିଏମ ନିରଞ୍ଜନ ବେହେରା ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ସେହିପରି ଅଭିଷେକ ପଣ୍ଡା ଶିଳ୍ପ ଦୁର୍ଘଟଣା ସମୟରେ ଶିଳ୍ପ ସଂସ୍ଥା, ସ୍ଥାନୀୟ ପ୍ରଶାସନ ଏବଂ ଜରୁରୀକାଳୀନ ପ୍ରତିକ୍ରିୟାକାରୀ ସଂସ୍ଥା ଗୁଡିକ ମଧ୍ୟରେ ପ୍ରଭାବଶାଳୀ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅଭିଭାଷଣ ପ୍ରଦାନ କରି ମନୋଜ କୁମାର ପଣ୍ଡା ଦୁର୍ଘଟଣା ନିରାକରଣ, ପ୍ରସ୍ତୁତି ଏବଂ ସମନ୍ୱିତ ଜରୁରୀକାଳୀନ ପ୍ରତିକ୍ରିୟାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ । ବୈଠକରେ ଉପସ୍ଥିତ ଇଫକୋ, ପିପିଏଲ, ଆଇଓସିଏଲ ରିଫାଇନେରୀ ଏବଂ ଏଏମ/ଏନଏସ ର ପ୍ରତିନିଧି ମାନେ ନିଜ ନିଜ ଶିଳ୍ପ ସଂସ୍ଥାର ସମ୍ଭାବ୍ୟ ବିପଦ ପରିସ୍ଥିତି, ସୁରକ୍ଷା ବ୍ୟବସ୍ଥା, ଜରୁରୀକାଳୀନ ପ୍ରସ୍ତୁତି ଯୋଜନା ଓ ବିପଦ ନିୟନ୍ତ୍ରଣ ଏବଂ ଏହାର ନିରାକରଣ ବ୍ୟବସ୍ଥା ସମ୍ପର୍କରେ ବିବରଣୀ ଉପସ୍ଥାପନା କରିଥିଲେ । କାର୍ଯ୍ୟକ୍ରମ ର ଉଦଯାପନୀ ଅଭିଭାଷଣରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରା ଆଲୋଚନାରେ ଉଠଥାପନ ହୋଇଥିବା ବିଷୟଗୁଡିକ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ପାରାଦୀପ ଶିଳ୍ପାଞ୍ଚଳରେ ଶିଳ୍ପ ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସମସ୍ତ ଅଂଶୀଦାର ମାନଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ ।

## କଟକ ଜିଲ୍ଲା ବିଜେପିର ତ୍ରିରଙ୍ଗା ଯାତ୍ରା

**କଟକ, ୧୨।୮ (ନି.ପ୍ର):** ଭାରତୀୟ ଜନତା ପାର୍ଟି ନିର୍ଦ୍ଦେଶ କ୍ରମେ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ମଣ୍ଡଳ ସ୍ତରରେ ଅଗଷ୍ଟ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଅଭିଯାନ ଚାଲୁଅଛି ।ଆଜି କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ ଙ୍କ ନେତୃତ୍ୱରେ ୫୦୦୦ ରୁ ଉର୍ଦ୍ଧ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ଯାତ୍ରା ଯୋଗ ଦେଇଥିଲେ। ନୁଆ ।ବଜା।ର ସ୍ଥିତ ଏକ ସାଧାରଣ ସଭାରେ ସଭାପତି ସୁକାନ୍ତ ବିଶ୍ୱାଳ ଯୁବପିଢ଼ି ମାନଙ୍କ ମଧ୍ୟରେ ଦେଶାତ୍ମକ ଭାବନା ରହିବା ଉଚିତ୍ ବୋଲି କହିଥିଲେ।



ମଞ୍ଚରେ ବିଧାୟକ ପ୍ରକାଶ ସେଠୀ, ନୟନ କିଶୋର ମହାନ୍ତି, ଡକ୍ଟର ପ୍ରଭାତ ରଂଜନ ବିଶ୍ୱାଳ, ଜ୍ଞାନ ଦେବ ବେଉରା, ଲଲାଟେନ୍ଦୁ ବନ୍ଧୁ, ସ୍ମୃତି ପଟ୍ଟନାୟକ, ବିନୋଦ ଦାଶ, ଶୁଭ୍ରାଂଶୁ ମୋହନ ପାଢ଼ୀ, ତୁଷାର କାନ୍ତ ଚକ୍ରବର୍ତ୍ତୀ, ହୃଷି କେଶ ଜେନା, ଲକ୍ଷ୍ମୀଧର ପ୍ରଧାନ, ବଜେନ୍ଦ୍ର ରାୟ, ଓମ୍ ପ୍ରକାଶ ରାୟ, ରଶ୍ମୀ ରେଖା ଦାସ,ଶ୍ରୀତମ ଦାସ, ପ୍ରଦୀପ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ତ୍ରିରଙ୍ଗା ଯାତ୍ରା ପୋତା ପୋଖରୀ,ନୂଅବଜା।ର, ନୂଆପଡ଼ା, ପଞ୍ଚମୁଖୀ ହନୁମାନ ମନ୍ଦିର ପାଖରେ ପଦଯାତ୍ରା ଶେଷ ହୋଇଥିଲା। ଏହି ତ୍ରିରଙ୍ଗା ଯାତ୍ରା କଟକ ଜିଲ୍ଲା ସଂଯୋଜକ ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ, ଜଗଦାନନ୍ଦ ତ୍ରିପାଠୀ, ସ୍ମୃତି ରଂଜନ ମିଶ୍ର, ଆଶିଷ କାନ୍ତ ମହାନ୍ତି, ଆଶୁତୋଷ ଦାସ, ଭାଗିରଥୀ ଦଳେଇ,ସ୍ୱାଧୀନ ମହାନ୍ତି, ସୁଦିପ୍ତ ରାଉତରାୟ, ଗୋପୀନାଥ ଚୌଧୁରୀ ତ୍ରିରଙ୍ଗା ଯାତ୍ରା ପରିଚାଳନା କରିଥିଲେ।

## କଟକରୁ ରାଜ୍ୟ ଓ ଅନ୍ତଃରାଜ୍ୟ ମଧ୍ୟରେ ଚାଲୁଥିବା ବସସେବା ଆରମ୍ଭ

**କଟକ, ୧୨।୮ (ନି.ପ୍ର) :** ଯାତ୍ରୀମାନଙ୍କ ଗମନା ଗମନ ସୁବିଧାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ କଟକ ଡିଭିଜନ ପକ୍ଷରୁ କଟକରୁ ଗୁଣୁପୁର, କାଳିମେଳା, ଚିତ୍ରୋକୋଣ୍ଡା, ରୁଟ ମଧ୍ୟରେ ଦୈନିକ ସିଧାସଳଖ ବସ ସେବା ଚାଲୁଛି । ଅନ୍ତଃରାଜ୍ୟ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ଯାତ୍ରୀମାନଙ୍କୁ ସୁରକ୍ଷିତ ଆରାମଦାୟକ ପରିବହନ ସେବା ଯୋଗାଇଦେବା ଆମର ଲକ୍ଷ୍ୟ ଅଟେ ବୋଲି ଓଏସଆଇରଟିସି କଟକ ଡିପୋ ପକ୍ଷରୁ ସୂଚନା ଦିଆଯାଇଛି । କଟକରୁ ରାତ୍ର ୮ଟା ରେ ଛାଡ଼ି ଭୁବନେଶ୍ୱର, ବ୍ରହ୍ମପୁର, ଇଚ୍ଛାପୁରମ, ପାରଳାଖେମୁଣ୍ଡି, କାସିନଗର ଏହିସବୁ ମୁଖ୍ୟ ସ୍ଥାନକୁ ଛୁଇଁ ଗୁଣୁପୁର ସକାଳ ୫ଟା ୫୦ରେ ପହଁଚିବ। ସେହିପରି କଟକଠାରୁ ଚିତ୍ରକୋଣ୍ଡା ଚାଲୁଥିବା ଏସି ଡିଲକ୍ସ ବସଟି କଟକ ଠାରୁ ୨.୧୫ ରେ ବାହାରି ଛତ୍ରପୁର, ଶ୍ରୀକାକୁଲମ, ଖଇରିପୁଟ, ବାଲିମେଳାରେ ମୁଖ୍ୟ ସ୍ଥାନଗୁଡ଼ିକୁ ସଂଯୋଗ କରି ଚିତ୍ରକୋଣ୍ଡାରେ ୮.୫୦ ରେ ଯାତ୍ରୀଙ୍କୁ ସୁରକ୍ଷାରେ ପହଁଚାଇଥାଏ ।

## ଆଇଓସିଏଲ ପାରାଦୀପ ତୈଳ ବିଶୋଧନାଗାରରେ ଲେବୁଲ-୨ ଅନ୍ ସାଇଟ୍ ଡିଜାଷ୍ଟର ମକ ଡ୍ରିଲ୍

**ପାରାଦୀପ,୧୨/୮ (ନି.ପ୍ର):** ଇଣ୍ଡିଆନ୍ ଅଏଲ୍ ପାରାଦୀପ ତୈଳ ବିଶୋଧନାଗାର ପରିସରରେ ଏକ ଲେବୁଲ-୨ ଅନ୍ ସାଇଟ୍ ଡିଜାଷ୍ଟର ମକ ଡ୍ରିଲ ବା ଅଭ୍ୟାସ କୌଶଳ ଅଗଷ୍ଟ ୧୨ ତାରିଖ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଯେଉଁଥିରେ ରିଫାଇନରୀ ତାହାର ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ପ୍ରସ୍ତୁତିର ପ୍ରଭାବ ଯାଞ୍ଚ କରିଥିଲା । ପାରାଦୀପ ରିଫାଇନରୀର ଅନୁମୋଦିତ ଇମରର୍ଜେନ୍ସି ରେସପନସ୍ ଆଣ୍ଡ୍ ଡିଜାଷ୍ଟର୍ ମ୍ୟାନେଜମେଣ୍ଟ ପ୍ଲାନ୍ ଅନୁଯାୟୀ ଏହି ଡ୍ରିଲ୍ କାର୍ଯ୍ୟକାରୀ କରାଯାଇଥିଲା । ମ୍ୟୁଚୁଆଲ୍ ଏଡ୍ ସଂସ୍ଥାର ପ୍ରତିନିଧିମାନେ ମଧ୍ୟ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ଏଥିରେ ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ବିପର୍ଯ୍ୟୟ ପରିଚାଳନା ଯୋଜନାର ପ୍ରୋଟୋକଲ୍ ଅନୁଯାୟୀ ନିଆଯାଇଥିବା ପ୍ରତିକ୍ରିୟା ଏବଂ ନିୟନ୍ତ୍ରଣ ପଦକ୍ଷେପ ଗୁଡିକ ସଠିକ୍ ଭାବରେ ସମନ୍ୱିତ କରାଯାଇଥିଲା ଏବଂ ଏହାକୁ ସମସ୍ତ କର୍ତ୍ତୃପକ୍ଷ ପ୍ରଶଂସା କରିଥିଲେ । ଏହି ଡ୍ରିଲ୍ ପରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ମୁଖ୍ୟ ଶ୍ରୀ କୌଶିକ ବସୁଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ସଭାର ଆୟୋଜନ କରାଯାଇଥିଲା ।



## ପୋଡ଼ାଗଡ଼ରେ ଭ୍ରାମ୍ୟମାଣ ଚକ୍ଷୁ ଶିବିରରେ

**କୋରାପୁଟ,ପୋଡ଼ାଗଡ଼,୧୨।୮ (ନି.ପ୍ର):** ରାଜ୍ୟ ସରକାରଙ୍କ ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା ଅଧୀନରେ ଜିଲ୍ଲାରେ କାର୍ଯ୍ୟରତ ଭ୍ରାମ୍ୟମାଣ ଦୃଷ୍ଟିକେନ୍ଦ୍ର ପକ୍ଷରୁ ଦଶମନ୍ତପୁର ବ୍ଲକର ପୋଡ଼ାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ମଙ୍ଗଳବାର ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବିଭିନ୍ନ ଗ୍ରାମରୁ ଆସିଥିବା ୨୫ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୮ ଜଣଙ୍କଠାରେ ମୋତିଆବିନ୍ଦୁ ଚିହ୍ନଟ ହୋଇଥିଲା । ଦୃଷ୍ଟିଦୋଷ ଥିବା ୨ ଜଣଙ୍କ ଚଷମା ପାଇଁ ପରୀକ୍ଷା କରାଯିବା ସହ ଅନ୍ୟ ୨ ଜଣ ରୋଗୀଙ୍କୁ ଉନ୍ନତ ଚିକିତ୍ସା ପାଇଁ ରେଫର୍ କରାଯାଇଥିଲା । ଏଥିସହ ରୋଗୀମାନଙ୍କୁ ଆବଶ୍ୟକ ଔଷଧ ବଣ୍ଟନ କରାଯିବା ସହ ରକ୍ତଚାପ ଓ ରକ୍ତଶର୍କରା ପରୀକ୍ଷା ମଧ୍ୟ କରାଯାଇଥିଲା ।'ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନା' ଅଧୀନରେ ମୋତିଆବିନ୍ଦୁ ରୋଗୀଙ୍କ ମାଗଣା ଅସ୍ତ୍ରୋପଚାରର ବ୍ୟବସ୍ଥା ରହିଛି । ଫଳରେ ଚିହ୍ନଟ ହୋଇଥିବା ମୋତିଆବିନ୍ଦୁ ରୋଗୀମାନେ ଏହି ସୁବିଧା ପାଇପାରିବେ । ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାର ଡ଼ଃ ଦୀପ୍ତିକାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ଏବଂ ପୋଡ଼ାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼ଃ ପିନାକୀ ପୀୟୂଷ ପାତ୍ରଙ୍କ ନେତୃତ୍ୱରେ ଶିବିରଟି ଆୟୋଜିତ ହୋଇଥିଲା । ମାଥାଲପୁଟ ଚକ୍ଷୁ ଅଧିକାରୀ ବିଜୟ କୁମାର ଆଚାର୍ଯ୍ୟ ଶିବିରରେ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ ।



## କେନାଲ ସଫା ନକରି ଲକ୍ଷ ଲକ୍ଷ ଟଙ୍କା ବିଲ କରିନେବାକୁ ମସୁଧା

**ପିପିଲି,୧୨/୮ (ନି.ପ୍ର):** ଖରିଫ ଧାନ ଚାଷ ପାଇଁ ଜୁଲାଇ ପନ୍ଦର ତାରିଖରେ ବିଭିନ୍ନ କେନାଲ ରେ ଜଳ ଯୋଗାଣ କରାଯିବାର ନିୟମ ରହିଛି । ସେହି ନିୟମ ମୁତାବକ ପିପିଲି ର ପ୍ରମୁଖ କେନାଲ ମଧ୍ୟରୁ ଅନାବନା ଘାସ,ଗଛ , ଲତା ଏବଂ ବଡ଼ ବଡ଼ ଘାସ ଗଛ ଆଦି ଗୁଡିକ ସଫା କଲେ କେନାଲର ଶେଷମୁଣ୍ଡ ପର୍ଯ୍ୟନ୍ତ ଜଳଯୋଗାଣ ହୋଇପାରିବ ଏବଂ ଚାଷୀ ମାନେ ସୁବିଧାରେ କେନାଲ ପାଣି ପାଇ ଚାଷ କାର୍ଯ୍ୟକୁ ଆଗେଇ ନେବା ଲକ୍ଷରେ ପିପିଲି ବ୍ଲକ ଜଳସେଚନ ବିଭାଗ ପକ୍ଷରୁ ଛଅ ଲକ୍ଷ ପଚାଶ ହଜାର ଟଙ୍କା ର ତିନିଗୋଟି ପ୍ୟାକେଜ କରାଯାଇ ମୋଟ ୧୯ଲକ୍ଷ ୫୦ହଜାର ଟଙ୍କାର ଟେଣ୍ଡର କରାଯାଇଥିଲା । ସାକ୍ଷୀଗୋପାଳ ବ୍ରାଞ୍ଚ କେନାଲର ଶ୍ରୀକଣ୍ଠ ପୁର ଠାରୁ (ବଳଙ୍ଗା)ମୌଜିବେଗ ପର୍ଯ୍ୟନ୍ତ ୬ଲକ୍ଷ ୫୦ହଜାର , ଶୁକଳ ଡିଷ୍ଟ୍ରିବ୍ୟୁଟାରି ର ଦୁର୍ଗାଦାସପୁର ଠାରୁ ପଟ୍ଟନାୟକିଆ ପର୍ଯ୍ୟନ୍ତ ୬ଲକ୍ଷ ୫୦ହଜାର , ଏବଂ ରୂପଦେଇପୁର ସେକ୍ସନର ସାତଶଂଖ ଡିଷ୍ଟ୍ରିବ୍ୟୁଟାରୀ ର ୬ଲକ୍ଷ ୫୦ହଜାର ଟଙ୍କାର ଟେଣ୍ଡର ହୋଇଥିଲା । ପ୍ରାୟ କୋଡିଏ କିଲମିଟର ଉକ୍ତ କେନାଲ ଗୁଡିକର ସଫା କରିବା କଥା । ଏହି ତିନିଗୋଟି ଟେଣ୍ଡର କୁ ନେଇଥିବା ଠିକାଦାର କେନାଲ ଗୁଡିକୁ ସଫା ନକରି ବିଲ କରିନେବାକୁ ମସୁଧା ଚଳାଇଛି । ଏପଟେ କେନାଲରେ ଜଳଯୋଗାଣ ବିଳମ୍ବ ହେବାରୁ ବାଧ ହୋଇ କେନାଲରେ ଜଳ ଯୋଗାଣ କରାଯିବ ବୋଲି ଜେଇ କହିଲେଣି । ଜେଇ ମଧ କହିଛନ୍ତି କେନାଲ ସଫାକରିବାର ସମୟସୀମା ଅତିକ୍ରାନ୍ତ କରିସାରିଲେଣି । କେନାଲରେ ପାଣି ଆସିଗଲେ କାମ ନକରି ଠିକାଦାର ବିଲ କରିନେବାକୁ ଚକ୍ରାନ୍ତ କରୁଥିବାର ଚାଷୀମାନେ ଦାବି କରୁଛନ୍ତି । ଏ ସମ୍ପର୍କ ରେ ପିପିଲି ଜଳ ସେଚନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଙ୍କୁ ପଚାରିବାରେ ଠିକାଦାର ପାଇଁ ବିଭାଗୀୟ କାଯ୍ୟ ହୋଇପାରିଲା ନାହିଁ କି ଚାଷୀ ମାନଙ୍କ ଉଦେଶ୍ୟରେ ଯେଉଁ ଲକ୍ଷ ରଖା ଯାଇଥିଲା ତାହା ପୁରଣ ହୋଇପାରିଲା ନାହିଁ ବୋଲି କହିଥିଲେ। ଏ ସମ୍ପର୍କ ରେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ଙ୍କୁ ଅବଗତ କରାଯାଇଛି । ପୁରୀ ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉକ୍ତ କେନାଲ ଗୁଡିକୁ କେନାଲରେ ପାଣି ଆସିବା ପୂର୍ବରୁ ପରିଦର୍ଶନ କରି ଠିକାଦାର ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାଯ୍ୟନୁଷ୍ଠାନସ୍ଥାନ ନେବାପାଇଁ ଚାଷୀ ମହଲରେ ଦାବି ହେଉଛି ।

## ସ୍ୱାଧୀନତା ଦିବସ ଉପଲକ୍ଷେ ସାଇପ୍ରିୟା ୱେଲଫର ଟ୍ରଷ୍ଟ ପକ୍ଷରୁ ବକ୍ତୃତା ପ୍ରତିଯୋଗିତା

**ରାୟଗଡ, ୧୨।୮ (ନି.ପ୍ର) :** ସ୍ଥାନୀୟ ତୁମ୍ପିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଇପ୍ରିୟା ୱେଲଫର ଟ୍ରଷ୍ଟ ତରଫରୁ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାଇପ୍ରିୟା ୱେଲଫର ଟ୍ରଷ୍ଟର ସଭାପତି ଶ୍ରୀ ନନ୍ଦ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ମୂଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଜୟଦେବ ସିଂ ଯୋଗଦେଇଥିଲେ । ଏହି ଅବସରରେ ଉକ୍ତ ବିଦ୍ୟାଳୟର ପ୍ରାୟ ୧୨୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ସବୁଜ ଭାରତ ହିଁ ସ୍ୱାଧୀନ ଭାରତର ପରିଚୟ' ବିଷୟ ବସ୍ତୁ ନେଇ କନିଷ୍ଠ ଓ ବରିଷ୍ଠ ବିଭାଗରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । କନିଷ୍ଠ ବିଭାଗରେ ଛାତ୍ରୀ ପଲ୍ଲବୀ କଣ୍ଡାଗରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ସଂପୂର୍ଣ୍ଣା ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଛାତ୍ରୀ ଭବିଷ୍ୟା ହିମିରିକା ଓ ଅଙ୍କିତା ସାହୁ ମିଳିତ୍ ଭାବେ ତୃତୀୟ ସ୍ଥାନ ଅଧିକାର ହାସଲ କରିଥିଲେ ।



ସେହିଭଳି ବରିଷ୍ଠ ବିଭାଗରେ ଛାତ୍ର ଆକାଶ ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ପଙ୍କଜିନୀ ମେଲେକା ଦ୍ୱିତୀୟ ଓ ଛାତ୍ର ଅରୁଣ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଉକ୍ତ ବକ୍ତୃତା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମୂଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟନ୍ତୀ ରାଓ, ସହକାରୀ ଶିକ୍ଷକ ଶ୍ରୀ ଜଗଦୀଶ ଚନ୍ଦ୍ର ସାହୁ, ଶିକ୍ଷକ ଶ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ଶିକ୍ଷକ ଶ୍ରୀ ଶାନ୍ତନୁ କୁମାର ନାୟକ, ଶିକ୍ଷୟିତ୍ରୀ ସୁବାସିନୀ ଶବର, ସୁନୀତା ମିଶ୍ର ଓ ସଂଯୁକ୍ତା ପାଢ଼ୀ ଉପସ୍ଥିତ ଥିବାବେଳେ ସାଇପ୍ରିୟା ୱେଲଫର ଟ୍ରଷ୍ଟର ସମ୍ପାଦକ ଶ୍ରୀ ଦୟାନନ୍ଦ ଖାଡ଼ଙ୍ଗା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଭ୍ୟା ଗୀତାରାଣୀ ମିଶ୍ର, ସଭ୍ୟ ଲାଡୀ ଚନ୍ଦ୍ରମୌଳି, ଲକ୍ଷ୍ମୀ ନାରାୟଣ ପାଢ଼ୀ,ସରୋଜ କୁମାର .ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ୧୨।୮ (ନି.ପ୍ର):** ଜାତୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଆନନ୍ଦବଜାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବୈକୁଣ୍ଠ ନାଥ ବିଶ୍ୱାଳ ଏହି କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ। ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଅରକ୍ଷୀ ବିଭାଗ, ଭଦ୍ରକର ଉପ ଅଧିକ୍ଷକ, ଅନିରୁଦ୍ଧ ମୁଦୁଲି, ଶିଶୁ କଲ୍ୟାଣ କମିଟି, ଭଦ୍ରକ ଅଧ୍ୟକ୍ଷ ସୁବ୍ରତ କୁମାର ବିଶ୍ୱାଳ, ଜିଲ୍ଲା ଶିଶୁ ଓ ଯତ୍ନ ବିଭାଗ, ଭଦ୍ରକର ଲିଗାଲ ପ୍ରୋବେଶନ ଅଧିକାରୀ ସୁବ୍ରତ କୁମାର ଦାସ ସ୍କୁଲ ଲିଗାଲ ଲିଟେରାସି କ୍ଲବର ଶିକ୍ଷକ, ସତ୍ୟ ସୁନ୍ଦର ସ୍ୱାଇଁ ତଥା ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।




ସର୍ବ ପ୍ରଥମେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏହି ଆନ୍ତର୍ଜାତୀୟ ଯୁବ ଦିବସ ସକାଶେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆଜି ଏହି ଦିବସର ଉଦ୍ଦେଶ୍ୟ ହେଉଛି ଯେ ସମସ୍ତ ଯୁବକ ମାନଙ୍କୁ ସମାଜର ଉନ୍ନତିରେ ସାମିଲ କରାଇ ସାମାଜିକ, ରାଜନୀତିକ, ଅର୍ଥନୀତିକ କ୍ଷେତ୍ରରେ ଯୁବ ପିଢ଼ିଙ୍କୁ ସୁଯୋଗ ଦେବା ତଥା ଯୁବ ନାଗରିକଙ୍କୁ ଅଗ୍ରାଧିକାର ଦେବା। ଏହି ଆନ୍ତର୍ଜାତୀୟ ଯୁବ ଦିବସର ଉଦ୍ଦେଶ୍ୟ ହେଉଛି ଜାଗୃତି ଯୋଜନା, ୨୦୨୫ ଅନ୍ତର୍ଗତ 'ସଶକ୍ତ ଯୁବ ସଶକ୍ତ ଭାରତ' ଥିମ୍ ଅନ୍ତର୍ଗତ ଶିଶୁ କଲ୍ୟାଣ ସଚେତନତା ଅଭିଯାନ - ଆଇନଗତ ସାକ୍ଷରତା, କିଶୋର ନ୍ୟାୟ ଏବଂ ଯୁବପିଢ଼ିଙ୍କ ପାଇଁ ନ୍ୟାୟ ପାଇବା କମିଟିକୁ ପ୍ରୋତ୍ସାହିତ କରିବା।

ସର୍ବୋପରି ଅତିଥିଗଣ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ବାର୍ତ୍ତା ଦେଇଥିଲେ ଯେ ସେମାନେ ହେଉଛନ୍ତି ଆଗାମୀ ଯୁବ ସମାଜର ପିଢ଼ୀ ତେଣୁ ପଥଭ୍ରଷ୍ଟ ନ ହୋଇ ଖରାପ କାର୍ଯ୍ୟ ଠାରୁ ଦୂରେଇ ରହିବା ସହିତ ନିଶା ସେବନ ଦ୍ୱାରା କବଳିତ ଯୁବକମାନେ ଯେଉଁପରି ଭାବେ ନିଜର ତଥା ସମାଜର ଅହିତ ସାଧନ କରୁଛନ୍ତି ସେସବୁକୁ ଖରାପ ଅଭ୍ୟାସକୁ ବର୍ଜନ କରି ଏକ ଉତ୍ତମ ସମାଜ ଗଠନରେ ମୁଖ୍ୟ ଭୂମିକା ତୁଲାଇବା ପାଇଁ ସଂକଳ୍ପ ନେବା। । ବିଦ୍ୟାଳୟର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ମାନେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମୀଗଣ ଏହି କାର୍ଯ୍ୟକ୍ରମଟିକୁ ସହଯୋଗ କରିଥିଲେ।

## ବଜାଜ ଫାଇନାନ୍ସ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଗ୍ରାମୀଣ ଓଡ଼ିଶାକୁ ସଶକ୍ତ କରୁଛି

**ପୁରୀ, ୧୨।୮ (ନି.ପ୍ର):** ଘରୋଇ କ୍ଷେତ୍ରରେ ଭାରତର ସର୍ବବୃହତ ଅଣ-ବ୍ୟାଙ୍କିଂ କମ୍ପାଇନାନ୍ସି ଆଙ୍କମ୍ପାନୀ (NBFC) ଏବଂ ବଜାଜ ଫିନ ସର୍ଭର ଏକ ଅଂଶ ବଜାଜ ଫାଇନାନ୍ସ ଲିମିଟେଡ ପକ୍ଷରୁ ଓଡ଼ିଶାର ପୁରୀ ସ୍ଥିତ ବାଲିପୁଟ ଗ୍ରାମପଞ୍ଚାୟତ ଏବଂ ସୁତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ 'ଅର୍ଥସୂତ୍ର ସମ୍ବାଦ' ଶୀର୍ଷକ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି। ଦେଶବ୍ୟାପୀ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମର ଏକ ଅଂଶ ଭାବରେ, ବଜାଜ ଫାଇନାନ୍ସ ଗ୍ରାମୀଣ ଭାରତରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣକୁ ଆଗେଇ ନେବ । ପାଇଁ ଏହି ପଦକ୍ଷେପ ଗ୍ରହଣ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଆର୍ଥିକ ସାକ୍ଷରତା ପଦକ୍ଷେପ ସହିତ ସମନ୍ୱୟ ରଖି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ମାନଙ୍କୁ ବିବେକ ପୂର୍ଣ୍ଣ ଆର୍ଥିକ ଅଭ୍ୟାସ, ପ୍ରଭାବଶାଳୀ ଅର୍ଥ ପରିଚାଳନା, ଡିଜିଟାଲ ନିରାପତ୍ତା ଏବଂ ଆର୍ଥିକ ଠକେଇରୁ ନିଜକୁ ସୁରକ୍ଷିତ ରଖିବା ବିଷୟରେ ଶିକ୍ଷିତ କରାଯାଇଥିଲା। ଏହି ଅଧିବେଶନ ସମୟରେ, ବଜାଜ ଫାଇନାନ୍ସର ପ୍ରତିନିଧିମାନେ ସ୍ଥାନୀୟ ବାସିନ୍ଦାଙ୍କୁ ସଞ୍ଚୟ, ବଜେଟ୍, ଦାୟିତ୍ୱବାନ ଋଣ, ସମୟାନୁବର୍ତ୍ତୀ ଋଣ ପରିଶୋଧ ଏବଂ ନିରାପଦ ଡିଜିଟାଲ୍ ଆର୍ଥିକ ଅଭ୍ୟାସର ଗୁରୁତ୍ୱ ବିଷୟରେ ଶିକ୍ଷିତ କରିଥିଲେ। ସାଇବର ଠକେଇ, ନକଲି ନିବେଶ ଯୋଜନା, ସନ୍ଦେହ ଜନକ ଲିଙ୍କ, କ୍ଷତିକାରକ APK ଫାଇଲ, ହ୍ୱାଟ୍ସଆପ୍ସ୍କାମ୍ ଏବଂ ଡିଜିଟାଲ ଆରେଷ୍ଟ ଠକେଇ ବିରୋଧରେ ସତର୍କ ରହିବାକୁ ମଧ୍ୟ ଅଂଶଗ୍ରହଣକାରୀଙ୍କୁ ପରାମର୍ଶ ଦିଆ ଯାଇଥିଲା। ଜାତୀୟ ସାଇବର କ୍ରାଇମ୍ ହେଲ୍ପଲାଇନ୍ ୧୯୩୦ରେ କଲ କରି ଯେକୌଣସି ସାଇବର ଅପରାଧ ଘଟଣା ସମ୍ପର୍କରେ ତୁରନ୍ତ ରିପୋର୍ଟ କରିବାକୁ ଉତ୍ସାହିତ କରାଯାଇଥିଲା। ବାଲିପୁଟ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଗ୍ରାମବାସୀଙ୍କ ଉପସ୍ଥିତିରେ ପୁରୀ ସାଇବର ଓ ଅର୍ଥନୈତିକ ଅପରାଧ ଥାନାର ଇନ୍ସପେକ୍ଟର-ଇନ୍-ଚାର୍ଜ (IIC) ସୁଶ୍ରୀ ଗୀତାଞ୍ଜଳି ନାୟକ, ପୁରୀର ବାଲିପୁଟ ଗ୍ରାମପଞ୍ଚାୟତର ସରପଞ୍ଚ ପ୍ରମୋଦ କୁମାର ପ୍ରଧାନ ଏବଂ ପୁରୀର ବାଲିପୁଟ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଅନୁକମ୍ପା କାନୁନଗୋ ଯୋଗଦେଇଥିଲେ। ପୁରୀର ସୁତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ମଧ୍ୟ ଅନୁରୂପ ଆର୍ଥିକ ସାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁତନ ଗ୍ରାମପଞ୍ଚାୟତର ସରପଞ୍ଚ ସୁଶ୍ରୀ ମେନକା ବେହେରା, ସୁତନ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ସୁରେନ୍ଦ୍ରନାଥ ପାଢ଼ୀ ଏବଂ ସୁତନ ଗ୍ରାମପଞ୍ଚାୟତର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଣୀ ସୁଶ୍ରୀ ସାଗରିକା ଦାସଙ୍କ ସମେତ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରିଥିଲେ। ନିଜର ଆର୍ଥିକ ବଜେଟ କିପରି ଜୀବନଶୈଳୀରେ ଉନ୍ନତି ଆଣିପାରିବ ଏବଂ ଭବିଷ୍ୟତକୁ ସୁରକ୍ଷିତ କରିବାରେ ସାହାଯ୍ୟ କରିବ ସେମାନେ ତାହା ଆଲୋକପାତ କରିଥିଲେ।




## ଉଦୟବଟ ଧାମରେ ତତ୍ତ୍ୱ ଗୁରୁଙ୍କ ଶ୍ରାଦ୍ଧ ବାର୍ଷିକ ପାଳନ

**ପାରାଦୀପ, ୧୨।୮ (ନି.ପ୍ର):** ପୂର୍ବୋଦୟ ବିକାଶ ଦ୍ୱାର ଦେଶ ଉଦୟବଟ ଧାମରେ ଶ୍ରୀଜଗନ୍ନାଥ ତତ୍ତ୍ୱାଶ୍ରମର ପ୍ରତିଷ୍ଠାତା ଗୁରୁ ଭଗବାନ ଦାସଙ୍କ ୨୬ତମ ଶ୍ରାଦ୍ଧୋତ୍ସବ ଆଶ୍ରମର ଗୁରୁଭାଇ ଓ ଶ୍ରଦ୍ଧାଳୁଙ୍କ ଦ୍ୱାରା ଶ୍ରାବଣ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପାରମ୍ପରିକ ରୀତିରେ ମଙ୍ଗଳବାର ଦିନ ପାଳିତ ହୋଇଯାଇଛି । ଗତ ଶତାବ୍ଦୀର ଅଶି ଦଶକରେ ପ୍ରତିଷ୍ଠିତ ଶ୍ରୀଜଗନ୍ନାଥ ତତ୍ତ୍ୱାଶ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ ତଥା ଯୁଗାନ୍ତ କାଳୀନ ସମୟରେ ଉଦୟବଟ ଧାମର ଭୂମିକା ସମ୍ପର୍କରେ ସଭାପତି ବସନ୍ତ କୁମାର ନାୟକ ବହୁ ତଥ୍ୟ ଉପସ୍ଥାପନ କରିଥିଲେ । ପୁରାଣ ଓ ମାଳିକା ସାହିତ୍ୟରେ ଦର୍ଶାଯାଇଥିବା ଭବିଷ୍ୟତ ବାଣୀ ଅନୁଯାଇ ଏଠାରେ ମହାପ୍ରଭୁଙ୍କ ଦଶମ ଅବତାର 'କଳକି' ଙ୍କର ନାମ,ରୂପ ଆଉ ତତ୍ତ୍ୱର ପ୍ରଚାର ପ୍ରସାର ସହ ମଠ,ମନ୍ଦିର, ଆଶ୍ରମ ପ୍ରତିଷ୍ଠା କରାଯାଇଛି । ଅନ୍ୟ ପକ୍ଷରେ ପାରାଦୀପ ଭଳି ଏକ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଶିଳ୍ପ ସମୃଦ୍ଧ ସହରରେ ପ୍ରାକୃତିକ ପରିବେଷ୍ଟିତ ଶାନ୍ତି ସଦଭାବନା ଜାଗରଣର ଏକମାତ୍ର କ୍ଷେତ୍ର ଭାବେ ଉଭାହୋଇ ଅଞ୍ଚଳବାସୀଙ୍କ ଆସ୍ଥା ଓ ବିଶ୍ୱାସର କେନ୍ଦ୍ର ବିନ୍ଦୁ ପାଲଟିଛି । ଏସବୁକୁ ଦୃଷ୍ଟିରେ ରଖି ସଂପ୍ରତି ରାଜ୍ୟ ସରକାର ,ପାରାଦୀପ ପୌରପରିଷଦ ଏହି କ୍ଷେତ୍ରର ବିକାଶ ପ୍ରକ୍ରିୟା କାର୍ଯ୍ୟ ଆରମ୍ଭ ସହିତ ଏକ ବିସ୍ତୃତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ସ୍ଥିର କରିଛନ୍ତି ଫଳରେ ଏହା ଏକ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରାପ୍ତ ହେବ । ଏହି ପରିପ୍ରେକ୍ଷୀରେ ପୀଠର ସୁରକ୍ଷା,ବିକାଶ ଓ ଐତିହ୍ୟର ସଂରକ୍ଷଣ ପାଇଁ ଅନୁଷ୍ଠାନର ପରାମର୍ଶଦାତା ବୈଷ୍ଣବ ଚରଣ ପଟ୍ଟନାୟକ, ଉପ ସଭାପତି ସଂନ୍ଦିପ୍ତ ଚୌଧୁରୀ, ସମ୍ପାଦକ ଚିନ୍ମୟ ଦାସ ,ସେବକ ଡା. ରାଜେନ୍ଦ୍ର ନାୟକ,ପଦ୍ମନାଭ ରାଉତ,ପୀଠାଧୀଶ ବାବା ଭାବ ସାଗର ଦାସ,ନିକୁଞ୍ଜ ସ୍ୱାଇଁ,ବିଭୁତି ଭୂଷଣ ତରାଇ, ଶ୍ରୀଧର ମଲ୍ଲିକ, ବିଦ୍ୟାଧର ମାଝି ପ୍ରମୁଖ ନିବେଦନ କରିଛନ୍ତି ।



### ନୂଆବଜାରରେ ଖୋଲିଲା ଫୋର୍ଜିଟ ଆଉଟଲେଟ୍ ଗାୟତ୍ରୀ

## ଉଦ୍‌ଘାଟନୀ ସପ୍ତାହରେ ମିଳିବ ୧୫% ରିହାତି : ଆନନ୍ଦ ଗଣେଷ

**କଟକ, ୧୨।୮ (ନି.ପ୍ର) :** ଓଡ଼ିଶାର ଅଗ୍ରଣୀ ଖାଦ୍ୟ ଉଦ୍ୟୋଗ ଅନୁଷ୍ଠାନ ଫୋର୍ଜିଟର ୨୨ତମ ଆଉଟଲେଟ ଗାୟତ୍ରୀ ବୁଧୁବାର ଦିନ ନୂଆବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଆଉଟଲେଟ୍‌କୁ ଓଡ଼ିଆ ଚଳଚିତ୍ର ନାୟିକା ଶିବାନୀ ସଂଗୀତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ରୁଚି ଫୁଡ୍ ଲାଇନର ଅଧ୍ୟକ୍ଷା ସଂଗୀତା ସାହୁ ଯୋଗଦେଇ ନୂତନ ଆଉଟଲେଟ ଜନସାଧାରଣଙ୍କ ଚାହିଦାକୁ ପୁରଣ କରିବାରେ ବେଶ୍ ଆଦୃତ ଲାଭ କରିବ ବୋଲି ପ୍ରକାଶ କରିଥିଲେ । ଏଥିସହ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆହୁରି ଅଧିକ ଫୋର୍ଜିଟର ଆଉଟଲେଟ୍ ଖୋଲି ଗ୍ରାହକଙ୍କୁ ସୁସ୍ୱାଦୁ ଓ ଗୁଣାତ୍ମକ ଖାଦ୍ୟ ପରଷିବା ସହ ଓଡ଼ିଶାର ପାରମ୍ପରିକ ଖାଦ୍ୟକୁ ବାହାର ରାଜ୍ୟକୁ ନେଇ ଲୋକାଦୃତ କରିବା ଫୋର୍ଜିଟର ଲକ୍ଷ୍ୟ ରହିଛି ବୋଲି ମତବ୍ୟକ୍ତ କରିଥିଲେ।




ଓଡ଼ିଶାର ପ୍ରଥମ ଫ୍ରୋଜେନ୍ ଫୁଡ୍ ଉଦ୍ୟୋଗ ଭାବେ ପରିଚିତ ଫୋର୍ଜିଟ ଦୀର୍ଘ ୧୩ବର୍ଷ ଧରି ଗ୍ରାହକଙ୍କୁ ସମୟୋପଯୋଗୀ ଓ ସୁସ୍ୱାଦୁ ଖାଦ୍ୟ ଯୋଗାଇ ଦେଇଆସୁଛି। ଏହି ଗାୟତ୍ରୀ ଆଉଟଲେଟ୍‌ରେ ପିଜା, ବର୍ଗର, ସ୍ୟାଣ୍ଡୱିଚ୍, ପଫ୍, କେକ୍, ପେଟିସ୍, ପ୍ୟାଷ୍ଟ୍ରି, କଫି, ପାଉଁରୁଟି, କୁକିଜ୍, କୋଲ୍ଡ କଫି ସମେତ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ସୁଲଭ ମୂଲ୍ୟରେ ଉପଲବ୍ଧ ହେବା ସହିତ ରସିଲେ, ଲିଚି ଆଦି ବିଭିନ୍ନ ପ୍ରକାରର ମୃଦୁପାନୀୟ ସୁଲଭ ମୂଲ୍ୟରେ ମିଳିପାରିବ ବୋଲି ଆଉଟଲେଟ୍ ମୁଖ୍ୟ ଆନନ୍ଦ ଦାସ ଓ ଗଣେଶ ସାହୁ କହିଥିଲେ । ଉଦ୍‌ଘାଟନର ପ୍ରଥମ ସପ୍ତାହରେ ସମସ୍ତ ଖାଦ୍ୟପ୍ରେମୀଙ୍କ ପାଇଁ ୧୫ ପ୍ରତିଶତ ବିଶେଷ ରିହାତି ରହିଥିବା ବେଳେ ଗ୍ରାହକଙ୍କ ରୁଚିକୁ ପ୍ରାଥମିକତା ଦେଇ ସର୍ବଦା ଗୁଣାତ୍ମକ ଓ ସୁସ୍ୱାଦୁ ଖାଦ୍ୟ ଯୋଗାଇବା ପାଇଁ ଫ୍ରୋଜିଟ୍ ପ୍ରତିବଦ୍ଧ ବୋଲି ଆଉଟଲେଟ୍‌ର ସେଲ୍ସ ବିଭାଗ ମୁଖ୍ୟ ଅଂଶୁମାନ ପତି କହିଥିଲେ । ଏହି ଅବସରରେ ଫ୍ରୋଜିଟ୍ ଆଉଟଲେଟ ଡିଭିଜନର ମୁଖ୍ୟ ପ୍ୟାରିସ ମୋହନ ସ୍ୱାଇଁ ସମସ୍ତ ପ୍ରକାର ସହଯୋଗ କରିବା ସହ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଫୋର୍ଜିଟର ପରିବାର ପକ୍ଷରୁ ରାଜା ନିର୍ମାଲ୍ୟ ଓ ଲୋକସମ୍ପର୍କ ଅଧିକାରୀ ଶୁଭାଶିଷ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିବା ବେଳେ ହ୍ୱାଇଟ୍ କାନଭାସ୍ ଇଭେଣ୍ଟ୍ ?ର ସହଯୋଗୀମାନେ କାର୍ଯ୍ୟକ୍ରମଟିକୁ ପରିଚାଳନା କରିଥିଲେ।

## ଭୁବନେଶ୍ୱର ମ୍ୟୁଜିକ୍ସର୍କଲ ପକ୍ଷରୁ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପ୍ରତିଯୋଗିତା

**ଭୁବନେଶ୍ୱର,୧୨।୮ (ନି.ପ୍ର):** ଭୁବନେଶ୍ୱର ମ୍ୟୁଜିକ୍ସର୍କଲ ପକ୍ଷରୁ ବିଦ୍ୟାଳୟସ୍ତରୀୟ ଛାତ୍ରଛାତ୍ରୀଙ୍କ ପାଇଁ ବାର୍ଷିକ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ପ୍ରତିଯୋଗିତା ଆସନ୍ତା ୧୬ ଅଗଷ୍ଟ୨୦୨୬ରେ ଭୁବନେଶ୍ୱରସ୍ଥିତ ଭାରତୀୟ ବିଦ୍ୟାଭବନର ମୁନ୍ସିହଲ୍ଲାରେ ଆୟୋଜିତ ହେବ। ଏହି ପ୍ରତିଯୋଗିତାରେ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିବେ। ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କ ଯୋଗଦାନ ଆଶା କରାଯାଉଛି । ଯୁବପିଢ଼ିଙ୍କ ମଧ୍ୟରେ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠସଙ୍ଗୀତ ପ୍ରତି ଆଗ୍ରହ ବୃଦ୍ଧି କରିବା ଏବଂ ସଙ୍ଗୀତ ପ୍ରତିଭାର ବିକାଶ କରିବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ। ପ୍ରତିଯୋଗିତାର ବିଚାରକ ଭାବେ ବିଶିଷ୍ଟ ତଥା ପ୍ରତିଷ୍ଠିତ ଶାସ୍ତ୍ରୀୟ ସଙ୍ଗୀତଜ୍ଞ ଓ କଣ୍ଠଶିଳ୍ପୀ ମାନେ ଯୋଗ ଦେବେ। ଏହି ମଞ୍ଚମାଧ୍ୟମରେ ଛାତ୍ରଛାତ୍ରୀମାନେ ନିଜର ସଙ୍ଗୀତ ପ୍ରତିଭା ଓ ପରିବେଷଣ କୌଶଳ ପ୍ରଦର୍ଶନ କରିବାର ସୁଯୋଗ ପାଇବେ। ପ୍ରତିଯୋଗିତାର ପ୍ରଥମ ପୁରସ୍କାର ୧୨,୫୦୦ ଟଙ୍କା, ଦ୍ୱିତୀୟ ପୁରସ୍କାର ୭,୫୦୦ ଟଙ୍କା ଏବଂ ତୃତୀୟ ପୁରସ୍କାର ୫,୦୦୦ ଟଙ୍କା ରହିଛି। ଏଥି ସହ ୫ଟି 'ପୋଟେନ୍ସିଆଲିଟି ପୁରସ୍କାର' ପାଇଁ ପ୍ରତ୍ୟେକଙ୍କୁ ୨,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଯୋଗ୍ୟ ପ୍ରତିଯୋଗୀଙ୍କୁ ସ୍ୱତନ୍ତ୍ର ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ପାରେ। ବିଜେତା ମାନଙ୍କ ପାଇଁ ପୁରସ୍କାର ବିତରଣ ସମାରୋହ ଆସନ୍ତା ୨୦ ସେପ୍ଟେମ୍ବର୨୦୨୬ ସନ୍ଧ୍ୟା ୭ଟାରେ ଗୀତ ଗୋବିନ୍ଦସଦନ ଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ବିଜେତା ମାନଙ୍କୁ ପୁରସ୍କୃତ କରାଯିବା ସହ ସେମାନଙ୍କୁ ସଙ୍ଗୀତ ପରିବେଷଣର ସୁଯୋଗ ମଧ୍ୟ ମିଳିବ। ଭୁବନେଶ୍ୱର ମ୍ୟୁଜିକ୍ସର୍କଲ ଏହି ବାର୍ଷିକ ପ୍ରତିଯୋଗିତା ମାଧ୍ୟମରେ ଯୁବ ସଙ୍ଗୀତ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିବା ସହ ଭାରତର ସମୃଦ୍ଧ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ପରମ୍ପରାର ସଂରକ୍ଷଣ ଓ ପ୍ରସାର ଦିଗରେ ନିଜର ପ୍ରୟାସ ଜାରି ରଖିଛି।

# ଗୌରଗୋଠ ପଂଚାୟତରେ ସମସ୍ୟା ଶୁଣିଲେ ନରସିଂହ

## ସାର କଳାବଜାରି ଓ ନକଲି ସାର କୁ ନେଇ ଚାଷୀ କଲେ ଅଭିଯୋଗ
## ଅତ୍ୟଧିକ ବର୍ଷା ଜନିତ କ୍ଷୟକ୍ଷତିର ହୋଇନାହିଁ ଆକଳନ

ବଲାଙ୍ଗିର,୧୨/୮ - ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଦେଓଗାଁ ବ୍ଲକ ଅନ୍ତର୍ଗତ ଗୌରଗୋଠ ପଂଚାୟତର ଗୌରଗୋଠ ପଂଚାୟତ କାର୍ଯ୍ୟାଳୟରେ ସେଠାକାର ଚାଷୀ ଓ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ବିଶେଷ କରି ଗତ ମାସର ଅତ୍ୟଧିକ ବର୍ଷା ଜନିତ ଚାଷ କ୍ଷୟକ୍ଷତିକୁ ନେଇ ଚାଷୀମାନେ ଘୋର ଅସନ୍ତୋଷ ଥିବା ଦେଖାଦେଇଥିଲା । ଜିଲ୍ଲା ତଥା ରାଜ୍ୟସାର ପ୍ରବଳ ବର୍ଷାରେ ଚାଷ ସହିତ ଅନେକ ଧନ ଜିବନ କ୍ଷତି ହୋଇଥିଲା । ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ସରକାରଙ୍କ ଅଧିକାରୀମାନେ କ୍ଷୟକ୍ଷତି ଆକଳନ ସରକାରଙ୍କ ପାଖକୁ ପଠେଇଥିବା ବେଳେ ଦେଓଗାଁ ବ୍ଲକର ଗୌରଗୋଠ ପଂଚାୟତର ଚାଷୀଙ୍କ କ୍ଷୟକ୍ଷତିକୁ ପ୍ରଶାସନ ତଥା ସରକାର ଅଣଦେଖା କରୁଛି । ପ୍ରବଳ ବର୍ଷାରେ ଏ ଅଂଚଳରେ ଅନେକ ଗରୀବ ଲୋକଙ୍କ ଘର ଭାଙ୍ଗିବା ସହ



ଚାଷଜମିମାନଙ୍କରେ ପାଣି ମାଡି ବାଲିଚର ହୋଇଯାଇଥିଲା କିନ୍ତୁ କୃଷି ଓ ରାଜସ୍ୱ ବିଭାଗ କୁ ଏହି ସମସ୍ୟା ସମ୍ବନ୍ଧରେ ଯେତେ ଜଣାଇଲେ ମଧ ବିଭାଗ କର୍ଣ୍ଣପାତ କରୁନାହିଁ ବୋଲି ଚାଷିମାନେ ନରସିଂହ ଙ୍କ ଆଗରେ ଅଭିଯୋଗ କରିଥିଲେ ଏବଂ ଏହା ମଧ ସେମାନେ କହିଥିଲେ ଯେ ଯଦି ସଂପୃକ୍ତ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ ପାଇଁ ପଦକ୍ଷେପ ନିଆନଯାଏ ତେବେ ଏହାକୁ ନେଇ ଚାଷୀମାନେ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି କହିଥିଲେ । ତା ସହ ଚାଷକାମ ଆରମ୍ଭ ବେଳେ ଦରକାର ହେଉଥିବା ସାର ଦୁଇ ଗୁଣ ରେଟରେ କଳାବଜାରି ହେଉଥିବା ଅଭିଯୋଗ ଆସିଥିଲା । ତା ସହ ନକଲି ସାରକୁ ନେଇ ଚାଷୀ ଅନେକ କ୍ଷତି ସହୁଥିବାର ଲୋକେ କହିଥିଲେ । ଗୌରଗୋଠର ୪ ଓ ୫ ନମ୍ବର ୱାର୍ଡର ଦଳିତ ଲୋକେ ବର୍ଷା ଦିନେ ମଧ ପିଇବା ପାଣି ପାଉନଥିବା ଅଭିଯୋଗ କରିଥିଲେ । ଅର୍ଜୁନପୁର ପଂଚାୟତରେ ମଧ ଗ୍ରାମ୍ୟ ଜଳଯୋଗାଣ ବିଭାଗର ଉଦାସିନତା ଯୋଗୁଁ ଘରକୁ ଘର ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଫେଲମାରିଥିବାର ଦେଖାଯାଇଥିଲା । ତେଲ ନଦୀରୁ ଗ୍ରୀଷ୍ମ ଋତୁ ତ ଦୂରର କଥା ବର୍ଷା ଦିନରେ ମଧ ପିଇବା ପାଣି ପାଉନଥିବାରୁ ଲୋକେ ଏ ଅଂଚଳରେ ଗଭିର ନଳକୂପ ଖନନ କରି ପିଇବା ପାଣି ଯୋଗାଇବାର ବ୍ୟବସ୍ଥା କରିବାକୁ ନରସିଂହ ଙ୍କ ଆଗରେ ଦାବି କରିଥିଲେ । ଏହା ସହ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପାଇପ ସଂଯୋଗ ପାଇଁ ଯୋଜନା ବିହିନ ଭାବରେ ରାସ୍ତା ଖୋଳି ଦେଉଥିବାରୁ ଲୋକେ ଯାତାୟତରେ ଅନେକ ଅସୁବିଧା ସହ ଦୁର୍ଘଟଣା ସମ୍ମୁଖିନ ହେଉଛନ୍ତି ବୋଲି ଲୋକେ ଅଭିଯୋଗ କରିଥିଲେ । ଏହି ସବୁ ଅଭିଯୋଗ କୁ ନେଇ ଶ୍ରୀ ମିଶ୍ର କୃଷି, ରାଜସ୍ୱ ଓ ଗ୍ରାମ୍ୟ ଜଳଯୋଗାଣ ସଂସ୍ଥାର ଅଧିକାରୀମାନଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ପ୍ରତିଶୃତି ଦେଇଛନ୍ତି । ଆଜିର ଏହି ଆଲୋଚନା ବେଳେ ଶ୍ରୀ ମିଶ୍ରଙ୍କ ସହ ବ୍ଲକ ଉପାଧକ୍ଷା ସୁଶ୍ରୀ ସୂର୍ଯ୍ୟକାନ୍ତି ଛତ୍ରିଆ, ବର୍ଷିୟାନ ନେତା ଗୁଣନିଧି ସାହୁ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରି, ମୟ ପ୍ରଧାନୀ, କାନ୍ତେଶ୍ୱର ପଧାନ, ବିକାଶ ସାହୁ, ବିଶ୍ୱଜିତ ପାତ୍ର, ଶୁଶିଲ ରଣା, ବୁଦ୍ଧଦେବ ସାହୁ, ସୁଧିର ସାହୁ, ଜିତୁ ରଣା, ହରିଶ୍ଚନ୍ଦ୍ର ଭୋଇ, ମନବୋଧ ହରପାଲି, ଅଜିତ ରଣା, ପିତାମ୍ବର ମଲ୍ଲିକ୍, ନେହେରୁ ଦୀପ, ନେତ୍ର ଦୀପ, କଂଗ୍ରେସ ନେତା ଅସୀତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ଅବସରକୁ ମାସେ ବାକି, ବିଇଓ ଙ୍କୁ ଜିଲ୍ଲା ପାର ବଦଳି

କବିସୂର୍ଯ୍ୟନଗର... ବିଚିତ୍ର ଶାସନ ବ୍ୟବସ୍ଥା । ଅଦିନିଆ ବଦଳିକୁ ନେଇ ଆଲୋଡନ । ତାହା ପୁଣି ଅବସର ନେବାକୁ ଆଉ ମାସେ ବାକି ଥିବା ବେଳେ ଅନ୍ୟ ଜିଲ୍ଲାକୁ ବଦଳି କରି ରାଜ୍ୟ ସରକାରଙ୍କ ଗଣଶିକ୍ଷା ବିଭାଗ କିଭଳି ସରକାରୀ ମାର୍ଗ ଦର୍ଶିକାର ଉଲଂଘନ କରିଛି ତାହା ପଦାରେ ପଡିଛି ।ଯାହା ସୂଚନା ମିଳିଛି ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ବିଇଓ ଙ୍କୁ ବଦଳି କରାଯାଇଛି । ରାଜ୍ୟ ଗଣଶିକ୍ଷା ବିଭାଗ ଚିଠି ନଂ ୫ଗର-ରର-ଙରଝ-୦୨୨୧-୨୦୨୬/୨୦୭୮୪ ପ୍ରକାରେ ଅଗଷ୍ଟ ୭ ତାରିଖରେ କବିସୂର୍ଯ୍ୟନଗର ରୁ ନୂଆପଡା ଜିଲ୍ଲା ସିନାପାଲି କୁ ବଦଳି କରାଯାଇଥିବା ହସ୍ତଗତ ହୋଇଛି । ଯାହା ଜଣାଯାଇଛି ସେପ୍ଟେମ୍ବର ୩୦ ରେ କବିସୂର୍ଯ୍ୟନଗର ବିଇଓ ଅଭିମନ୍ୟୁ ସାହୁ ଅବସର ନେବାକୁ ଥିବା ବେଳେ ଅଗଷ୍ଟ ମାସରେ ଅନ୍ୟ ଜିଲ୍ଲାକୁ ବଦଳି ଘଟଣା ଏହା ଏକ ରାଜନୈତିକ ଆକ୍ରୋଶ ହୋଇଥାଇପାରେ ବୋଲି ଆଲୋଚନା ହେଉଛି । କବିସୂର୍ଯ୍ୟନଗର ବ୍ଲକରେ ଦୁଇ ଦୁଇ ଜଣ ବିଧାୟକଙ୍କ କର୍ତୃତ୍ୱ ରହୁଥିବା ବେଳେ ବିଜେପି ସରକାର ରେ ନେତାଙ୍କ ଦୌରାତ୍ମ୍ୟ କବିସୂର୍ଯ୍ୟନଗର ବିଇଓ ଙ୍କ ବଦଳି ଘଟଣାରେ ସ୍ପଷ୍ଟ ଜଣାପଡୁଛି । ସରକାରୀ ଗାଇଡଲାଇନ ଅନୁସାରେ ଜଣେ ସରକାରୀ କର୍ମଚାରୀଙ୍କ ଅବସର ସମୟରେ ବଦଳି ନକରିବା ନିୟମ ଥିବା ବେଳେ ନିୟମ ଉଲଂଘନ କରି ଗଣଶିକ୍ଷା ବିଭାଗ କର୍ତ୍ତୃପକ୍ଷ କିଭଳି ବଦଳି ଆଦେଶ ଦେଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି । ଅନ୍ୟ ପକ୍ଷରେ କୁହାଯାଉଛି ଯେ ରାଜନୈତିକ ଆକ୍ରୋଶରେ କିଛି ଶିକ୍ଷକ ଙ୍କ ବଦଳି ପାଇଁ ନେତାଙ୍କ ନିର୍ଦ୍ଦେଶକୁ

ବିଇଓ ପାଳନ କରିନଥିଲେ ଏବଂ ନିର୍ଦ୍ଦିଷ୍ଟ ଏକ ବିଦ୍ୟାଳୟରେ ପିଲାଙ୍କ ଖାଦ୍ୟ ହେରଫେର ଘଟଣାରେ ବିଇଓ ଙ୍କ ହସ୍ତକ୍ଷେପ ଏବଂ ପରିଚାଳନା କମିଟି ପରିବର୍ତନ କରିବା, ପୋଷାକ ବଣ୍ଟନ ଦାୟିତ୍ୱ ନେତାଙ୍କ ବୋଲକରା ଙ୍କୁ ନଦେବା ଏମିତି କିଛି ଘଟଣାକୁ ନେଇ ରାଜନୈତିକ ଆକ୍ରୋଶର ଶିକାର ହୋଇଥିବା ଆଲୋଚନା ହେଉଛି । ସେପଟେ ଗଞ୍ଜାମ ଜିଲ୍ଲା ଶିକ୍ଷାଧିକରୀଙ୍କ ଅଲିଖିତ ନିର୍ଦ୍ଦେଶ ଏବଂ ଚାପ କବିସୂର୍ଯ୍ୟନଗର ଶିକ୍ଷାବିଭାଗ ରେ ବିଶୃଙ୍ଖଳା ଲାଗିରହିଥିଲା ।ଜୈନିକ ରାଜନେତାଙ୍କ ନିର୍ଦ୍ଦେଶରେ ଗଞ୍ଜାମ ଡିଇଓ ପରିଚାଳିତ ହେଉଥିବା ବେଳେ କବିସୂର୍ଯ୍ୟନଗର ବ୍ଲକର ଏକ ବିଦ୍ୟାଳୟରେ ବିଶୃଙ୍ଖଳା କାରି ପ୍ରଧାନ ଶିକ୍ଷକଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ? ସମ୍ପୃକ୍ତ



ପ୍ରଧାନ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯିବା ଘଟଣା ଚର୍ଚ୍ଚା ଚାଲିଛି ।

ଏବେ ଅଧିକାରୀ ବିହୀନ ହୋଇପଡିଛି କବିସୂର୍ଯ୍ୟନଗର ବିଇଓ କାର୍ଯ୍ୟାଳୟ । ୩ ଜଣ ଏବିଇଓ ଜାଗା ରେ ଜଣେ ବି ନଥିବା ବେଳେ ବିଇଓ ଙ୍କ ବଦଳୀ ପରେ ୩ ଜଣ ଏବିଇଓ ଏବଂ ବିଇଓ ଦାୟିତ୍ୱରେ ଅଛନ୍ତି ଜଣେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ । ସମ୍ପ୍ରତି ବ୍ଲକରେ ପ୍ରାୟ ୧୨ ହଜାରରୁ ଉର୍ଦ୍ଧ୍ୱ ପିଲା ୬୦୦ ରୁ ଉର୍ଦ୍ଧ ଶିକ୍ଷକ, ଶିକ୍ଷୟତ୍ରୀ ଏବେ ବିନା ବିଇଓ ରେ କାର୍ଯ୍ୟ କରୁଥିବା ଘଟଣାକୁ ନେଇ ସରକାରଙ୍କ ଶିକ୍ଷା ମାରଣ ନୀତିକୁ ପଦାରେ ପକାଇଛି । ଲୋକଙ୍କ ସରକାର କହୁଥିବା ବିଜେପି ଏବେ ପିଲାଙ୍କ ଭବିଷ୍ୟତ ସହ ଖେଳୁଥିବା ବେଳେ କବିସୂର୍ଯ୍ୟନଗର ରେ କେବେ ନିଯୁକ୍ତି ହେବେ ବିଇଓ ସରକାର ଦୃଷ୍ଟି ଦେବାକୁ ଦାବୀ ହେଉଛି ।

## ଯୋଡ଼ାରେ ବିଶାଳ 'ହର ଘର ତ୍ରିରଙ୍ଗା'ଯାତ୍ରା

ଯୋଡ଼ା, ୧୨/୮ (ନି.ପ୍ର.) : କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ପକ୍ଷରୁ ବୁଧବାର ସକାଳେ 'ହର ଘର ତ୍ରିରଙ୍ଗା' ଅଭିଯାନକୁ ନେଇ ଏକ ବିଶାଳ ତ୍ରିରଙ୍ଗାଶୋଭା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜାତୀୟ ପତାକା ପ୍ରତି ସମ୍ମାନ, ଦେଶପ୍ରେମ ଓ ଜାତୀୟତାବୋଧକୁ ଜନମାନସରେ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଶୋଭାଯାତ୍ରା ଆୟୋଜିତ




ହୋଇଥିଲା ।ପୌରପାଳିକା କାର୍ଯ୍ୟାଳୟ ପରିସରରୁ ସକାଳ ପ୍ରାୟ ୯ଟାରେ ତ୍ରିରଙ୍ଗା ଯାତ୍ରା ଶୁଭାରମ୍ଭ ହୋଇଥିଲା । , ବିଜେପି ଓବିସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରଗୁପ୍ତ ପ୍ରସାଦ, ବିଜେପି ଜିଲ୍ଲା ସଭାପତି ସୁକଦେବ ମହାନ୍ତ, ବରିଷ୍ଠ ନେତା ମୁରଲୀ ଶର୍ମା,ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ଯୁବନେତା ଚର୍ଚ୍ଚିଲ ମହାକୁଡ଼ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏହି ଯାତ୍ରାରେ ଯୋଗଦେଇଥିଲେ । ଏହାସହ ଯୋଡ଼ା ସହରର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ଧରି ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ଦେଇଥିଲେ । ଚଳିତ ବର୍ଷ ହର୍ଘର ତ୍ରିରଙ୍ଗା ଅଭିଯାନ ବନ୍ଦେ ମାତରଂ କୁ ସମର୍ପିତ,କାରଣ ଦେଶ ଏହି ରାଷ୍ଟ୍ରୀୟ ସଙ୍ଗୀତ ର ୧୫୦ ତମ ଜୟନ୍ତୀ ପାଳନ କରୁଛି ।'ଭାରତ ମାତା କି ଜୟ', 'ବନ୍ଦେ ମାତରମ୍' ଆଦି ଦେଶାତ୍ମବୋଧକ ସ୍ଲୋଗାନରେ ସହରର ପରିବେଶ ଉତ୍ସବମୁଖର ହୋଇଉଠିଥିଲା ।ତ୍ରିରଙ୍ଗା ଯାତ୍ରା ପୌରପାଳିକା କାର୍ଯ୍ୟାଳୟରୁ ବାହାରି ଯୋଡ଼ା ବସ୍ ?ଷ୍ଟାଣ୍ଡ ଦେଇ ଲକ୍ଷ୍ମୀ ମନ୍ଦିର ନିକଟରେ ପହଞ୍ଚି ସମାପ୍ତ ହୋଇଥିଲା । ଏହି ଅଭିଯାନର ପ୍ରମୁଖ ଉଦ୍ଦେଶ୍ୟ ବୋଲି ଆୟୋଜକ ମାନେ କହିଥିଲେ ଏହି ତ୍ରିରଙ୍ଗା ପଦ ଯାତ୍ରା ରେ ଯୋଡ଼ା ଥାନା ଭାର ପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲ ଓ ଅନ୍ୟାନ୍ୟ ଥାନାର କର୍ମଚାରୀ ଙ୍କ ସହିତ ବଡ଼ବିଲ ଏ ଦି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଯୋଗ ଦେଇ ଶାନ୍ତି ଶୃଙ୍ଖଳା ରକ୍ଷା କରି ଥିଲେ ।

# ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅନୁଗୋଳ ବନ୍ଦ ସଂପୂର୍ଣ୍ଣ ସଫଳ

ଅନୁଗୋ ୧୨/୮ (ନି.ପ୍ର.) ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କୋଇଲା ପରିବହନ ସମସ୍ୟା, କୋଇଲା ଖଣି ଯୋଗୁଁ ପରିବେଶ ପ୍ରଦୂଷଣ ସମସ୍ୟା ସାଙ୍ଗକୁ ପରିବେଶ ସୁରକ୍ଷା ଏବଂ କୋଶଳ ଗ୍ରାମର ୫ ଜଣ ଆନ୍ଦୋଳନ କାରୀ ଙ୍କୁ ଅବିଳମ୍ବେ ଜେଲ ମଧ୍ୟରୁ ନିର୍ଦ୍ଦୋଶରେ ଖଲାସ କରିବା ଆଦି ଦାବି ନେଇ ବୁଧବାର ସକାଳ ୬ଟା ରୁ ସଂଧ୍ୟା ୬ ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଅନୁଗୋଳ ବନ୍ଦ ଡାକରା ସଫଳ ହୋଇଛି । ଜିଲ୍ଲା ସଭାପତି ସୁନୀଲ ପ୍ରଧାନ , ପ୍ରଦେଶ କଂଗ୍ରେସ କମିଟି ଉପ ସଭାପତି ସସ୍ମିତା ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ବନ୍ଦ ଡାକରା ଅନୁଗୋଳ ଟାଉନ , ଛେଣ୍ଡିପଦା , ବନ୍ତଳା ଛକ , ବଡ଼କେରା , ବଅଁରପାଳ ଆଦି ସ୍ଥାନରେ ସଫଳ ହୋଇଥିବା ଜଣାପଡିଛି । ବିଶେଷ କରି ଅନୁଗୋଳ ସହରରେ ସରକାରୀ ବେସରକାରୀ ଅଫିସ , ଶିକ୍ଷା



ଅନୁଷ୍ଠାନ, ଦୋକାନ ବଜାର , ରେଳବିଭାଗ , ବସ ଓ ଟ୍ରକ୍ , ବ୍ୟାଙ୍କ ଆଦି ସମସ୍ତ ଅନୁଷ୍ଠାନ ବନ୍ଦ ହୋଇଥିଲା । ଏଥିରେ ଶାସକ ଦଳ ଭାରତୀୟ ଜନତା ପାର୍ଟି ବିରୁଦ୍ଧରେ ବିଭିନ୍ନ ପ୍ରକାର ନାରାବାଜି ଦେଇଥିଲେ । ଶାସକ ଦଳର ଏଭଳି ହୀନ ମାନସିକତା ଓ କମ୍ପାନୀ ପ୍ରୀତି ଯୋଗୁଁ ବିକ୍ଷୋଭକାରୀ ମାନେ କଟୁ ସମାଲୋଚନା କରିଥିଲେ । ଏଥିସହ କଂଗ୍ରେସ ଦଳର ନେତା କର୍ମୀ ମାନେ ଏକଜୁଟ ହୋଇ ପିକେଟିଂଗ କରିବା ସହ ବିଭିନ୍ନ ଜାଗାରେ ଲୋକମାନଙ୍କୁ ଗୋଲାପ ଫୁଲ, ଲେମ୍ବୁ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲ । ଏହି ଆନ୍ଦୋଳନକୁ କେତେକ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ । ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା । ସୂଚନା ଯୋଗ୍ୟ ଯେ, ନୟନି କୋଇଲା ଖଣି ମଧ୍ୟରୁ କୋଇଲା ପରିବହନ ଯୋଗୁଁ ସୃଷ୍ଟି ହେଉଥିବା ଜନ ସମସ୍ୟା ସମାଧାନ ସାଙ୍ଗକୁ ପରିବେଶ ସୁରକ୍ଷା ସକାଶେ ଦୀର୍ଘ ୪୦ ଦିନ ଧରି ଚାଲିଥିବା କୋଶଳା ଗ୍ରାମବାସୀଙ୍କ ଆନ୍ଦୋଳନରେ ସାମିଲ ହୋଇଥିବା ଏବଂ ନେତୃତ୍ୱ ନେଇଥିବା ୫ ଜଣ ଗ୍ରାମବାସୀଙ୍କୁ କମ୍ପାନୀ ପୋଲିସ ପ୍ରଶାସନ ପକ୍ଷରୁ ମିଥ୍ୟା ମାମଲା ରୁଜୁ କରି ଜେଲ ମଧ୍ୟରେ ଆଜକୁ ପ୍ରାୟ ୧୨୫ ଦିନ ହେବ ଭର୍ତ୍ତି କରାଯାଇଛି ।ଉପରୋକ୍ତ ମାମଲା ପ୍ରତ୍ୟାହାର କରିବା ସହ ଅବିଳମ୍ବେ ପୋଲିସ ପ୍ରଶାସନ ପକ୍ଷରୁ ସେମାନଙ୍କୁ ମୁକ୍ତ କରିବା ପାଇଁ ଦାବି କରିଛନ୍ତି । ଅନ୍ୟ ପକ୍ଷରେ ପ୍ରତି ଦିନ ରାତି ୯ ଟା ଠାରୁ ସକାଳ ୬ ଟା ପର୍ଯ୍ୟନ୍ତ ଛେଣ୍ଡିପଦା - ଅନୁଗୋଳ ୬୩ ନମ୍ବର ରାଜ୍ୟ ରାଜପଥ ଦେଇ ହଜାର ହଜାର ସଂଖ୍ୟାରେ କୋଇଲା ବୋଝେଇ ଟ୍ରକ ଚଳାଚଳ କରୁଛି ଏବଂ ବିଭିନ୍ନ ରାସ୍ତା ମଧ୍ୟ ଦେଇ ଏହି ସବୁ ଭାରି ଯାନ ଚଳାଚଳ କରୁଥିବା ଯୋଗୁଁ କୋଇଲା ଗୁଣ୍ଡ ଏବଂ ଧୂଳି ଧୂଆଁ ଉଡିବା ଫଳରେ ବାୟୁ ପ୍ରଦୂଷଣ ହେଉଛି । ଏଥିସହ ଅଧିକାଂଶ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏ ସମ୍ପର୍କରେ ଅନୁଗୋଳ ଜିଲ୍ଲା ପ୍ରଶାସନ ନିକଟରେ ସ୍ଥାୟୀ ସମାଧାନ ଓ ପ୍ରତିକାର ବ୍ୟବସ୍ଥା ପାଇଁ କଂଗ୍ରେସ ଦଳ ପକ୍ଷରୁ ଦାବି ଆପତ୍ତି କରାଯାଇଥିଲା । ତେଣୁ ଦାବି ପୂରଣ ନ ହେବାରୁ ଆଜି ଅନୁଗୋଳ ଜିଲ୍ଲା ବନ୍ଦ ଡାକରା ଦିଆଯାଇଥିଲା । ଏହି ବନ୍ଦ ସଫଳ କରିବା ପାଇଁ କଂଗ୍ରେସ କର୍ମୀ ମାନେ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଏହାକୁ କେନ୍ଦ୍ର କରି ଜିଲ୍ଲାରେ ରାଜନୈତିକ ଉଷ୍ମତା ଦେଖାଦେଇଛି ।

## 'ଘରେ ଘରେ ତ୍ରିରଙ୍ଗା' ଅଭିଯାନରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



ବ୍ରହ୍ମପୁର, ୧୨/୮ (ନି.ପ୍ର.) ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍ ? ଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅଧୀନରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ବାର୍ତ୍ତାକୁ ଜନ ସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଜି ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଏହି ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବି. ବିବେକ ରେଡ୍ଡୀ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ନିଗମ କମିଶନର ଏ. ସସ୍ୟା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଉପ ଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବରିଷ୍ଠ ସମାଜସେବୀ ସାରଦା ଶତପଥୀ, ସରୋଜ ସାବତ ଓ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଯୋଗଦେଇ ଥିଲେ । ତେବେ ତ୍ରିରଙ୍ଗାର ଗୌରବ ଓ ଦେଶପ୍ରେମର ଉତ୍ସାହରେ ରେଶମ ସହର ଉତ୍ସବ ମୁଖର ହୋଇ ଉଠିଥିବା ଏହି ଶୋଭାଯାତ୍ରା ଷ୍ଟାଡିୟମ୍ ? ଠାରୁ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଗାନ୍ଧୀନଗର, ପି.ଭି.ଏନ୍. ପେଟ୍ରୋଲ ପମ୍ପ ଛକ, ଖଲ୍ଲିକୋଟ କଲେଜ, ସୁବାରାଓ ଛକ, ଟାଟାବେଞ୍ଚ, କମାପଲ୍ଲୀ ଓ କୋର୍ଟପେଟା ଦେଇ ମେଡିକାଲ୍ ଛକ ଠାରେ ସମାପ୍ତ ହୋଇଥିଲା । ତ୍ରିରଙ୍ଗାରେ ସଜ୍ଜିତ ଇ-ବାଇକ୍ ଓ ସାଇକେଲ୍ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବପିଢ଼ି ଓ ସହରବାସୀ ଏଥିରେ ସାମିଲ ହୋଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା ।

## ସାଇପ୍ରିୟା ୱେଲଫେର ଟ୍ରଷ୍ଟ ତରଫରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା

ରାୟଗଡ ୧୨/୮ (ନି.ପ୍ର.): ସ୍ଥାନୀୟ ତୁମ୍ବିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସାଇପ୍ରିୟା ୱେଲଫେର ଟ୍ରଷ୍ଟ ତରଫରୁ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ରୁ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ୮୦ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ସାଇପ୍ରିୟା ୱେଲଫେର ଟ୍ରଷ୍ଟର ସଭାପତି ଶ୍ରୀ ନନ୍ଦ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀ ଜୟଦେବ ସିଠ ଯୋଗଦେଇଥିଲେ । ଏହି ଅବସରରେ ଉକ୍ତ ବିଦ୍ୟାଳୟର ପ୍ରାୟ ୧୨୦ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ 'ସବୁଜ ଭାରତ ହିଁ ସ୍ୱାଧୀନ ଭାରତର ପରିଚୟ' ବିଷୟ ବସ୍ତୁ ନେଇ କନିଷ୍ଠ ଓ



ବରିଷ୍ଠ ବିଭାଗରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା । କନିଷ୍ଠ ବିଭାଗରେ ଛାତ୍ରୀ ପଲ୍ଲବୀ କଣ୍ଡାଗରୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ସଂପୂର୍ଣ୍ଣା ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ ଛାତ୍ରୀ ଭବିଷ୍ୟା ହିମିରିକା ଓ ଅଙ୍କିତା ସାହୁ ମିଳିତ ଭାବେ ତୃତୀୟ ସ୍ଥାନ ଅଧିକାର ହାସଲ କରିଥିଲେ । ସେହିଭଳି ବରିଷ୍ଠ ବିଭାଗରେ ଛାତ୍ର ଆକାଶ ମାଝୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଛାତ୍ରୀ ପଙ୍କଜିନୀ ମେଲେକା ଦ୍ୱିତୀୟ ଓ ଛାତ୍ର ଅରୁଣ ମାଝୀ ତୃତୀୟ ସ୍ଥାନ ଅଧିକାର କରିଥିଲେ କ୍ଷ ଉକ୍ତ ବକ୍ତୃତା ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଜୟନ୍ତୀ ରାଓ, ସହକାରୀ ଶିକ୍ଷକ ଶ୍ରୀ ଜଗଦୀଶ ଚନ୍ଦ୍ର ସାହୁ, ଶିକ୍ଷକ ଶ୍ରୀ ପ୍ରଦୀପ କୁମାର ତ୍ରିପାଠୀ, ଶିକ୍ଷକ ଶ୍ରୀ ଶାନ୍ତନୁ କୁମାର ନାୟକ, ଶିକ୍ଷୟିତ୍ରୀ ସୁବାସିନୀ ଶବର, ସୁନୀତା ମିଶ୍ର ଓ ସଂଯୁକ୍ତା ପାଢ଼ୀ ଉପସ୍ଥିତ ଥିବାବେଳେ ସାଇପ୍ରିୟା ୱେଲଫେର ଟ୍ରଷ୍ଟର ସମ୍ପାଦକ ଶ୍ରୀ ଦୟାନନ୍ଦ ଖାଡ଼ଙ୍ଗା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସଭ୍ୟା ଗୀତାରାଣୀ ମିଶ୍ର, ସଭ୍ୟ ଲାଡୀ ଚନ୍ଦ୍ରମୌଳି, ଲକ୍ଷ୍ମୀ ନାରାୟଣ ପାଢ଼ୀ,ସରୋଜ କୁମାର .ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସହଯୋଗ କରିଥିଲେ ।

# ଚାକିରି କରୁଛନ୍ତି କଟକରେ, ଦରମା ପାଉଛନ୍ତି କୋରାପୁଟରେ

କୋରାପୁଟ, ୧୨/୮ (ନି.ପ୍ର.)ଚାକିରି ନିଯୁକ୍ତି ପାଇଛନ୍ତି କୋରାପୁଟ ଜିଲ୍ଲାରେ , କିନ୍ତୁ କାର୍ଯ୍ୟସ୍ଥଳୀ ହେଉଛି କଟକ ଜିଲ୍ଲାରେ ଓ ଦରମା ପାଉଛନ୍ତି କୋରାପୁଟର ସ୍କୁଲରୁ । ଏଭଳି ଜିଲ୍ଲାର ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ଅସଡା ଅବସ୍ଥାରେ ରହିଛି ଶୁଣିଲେ ଯେ କେହି ବି ଚକିତ ହେବେ । କିନ୍ତୁ ଏହା କୌଣସି କାହାଣୀ କି ଗପ ନୁହେଁ, ଏହାହେଉଛି ଶିକ୍ଷାର ବାସ୍ତବ ଚିତ୍ର !ପ୍ରଶାସନର ଅବହେଳା ରାଜ୍ୟ ଶାସନ ପଦ୍ଧତିର ଶିକ୍ଷା ନୀତିକୁ ବଦନାମ କରିବାକୁ ପଛଘୁଞ୍ଚା ଦେଉ ନାହିଁ !

କୋରାପୁଟର ଏକ ସରକାରୀ ବିଦ୍ୟାଳୟର ବାସ୍ତବ ଚିତ୍ର ଜିଲ୍ଲା ପ୍ରଶାସନକୁ ହଇରାଣରେ ପକାଇଛି ।କୋରାପୁଟ ବ୍ଲକ ମସ୍ତିପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡଙ୍ଗରି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବେ ଶିକ୍ଷା ବ୍ୟବସ୍ଥାର ଏକ ଅସମାନ ଚିତ୍ରକୁ ସାମ୍ନାକୁ ଆଣିଛି । ବିଦ୍ୟାଳୟରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୧ ଜଣ ଛାତ୍ରଛାତ୍ରୀ ପଢୁଛନ୍ତି । ଏହି ପିଲାଙ୍କ ପାଠପଢା ପାଇଁ ରହିଛନ୍ତି ମାତ୍ର ୫ ଜଣ ଶିକ୍ଷକ । ତା'ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ଛଅ ବର୍ଷ ହେଲା କଟକ ଜିଲ୍ଲାରେ ଡେପୁଟେସନ୍ ?ରେ କାର୍ଯ୍ୟ କରୁଛନ୍ତି । ଅର୍ଥାତ୍ ? ଯେଉଁ ପଦବୀ ଡଙ୍ଗରି ଗାଁର ପିଲାଙ୍କ ଭବିଷ୍ୟତ ଗଢିବା ପାଇଁ ଥିଲା, ସେହି ପଦବୀରେ ନିଯୁକ୍ତ ଶିକ୍ଷୟିତ୍ରୀ ଏବେ କଟକ ଜିଲ୍ଲାର ସାଲେପୁର ବ୍ଲକ ତେନ୍ତୋଳ ଗ୍ରାମର ଜୟନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି । ଆଶ୍ଚର୍ଯ୍ୟର କଥା, ସେ ଡଙ୍ଗରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ହିଁ ଦରମା ପାଉଛନ୍ତି । ଶିକ୍ଷୟିତ୍ରୀ ସବିତା ସାହୁ ଦୀର୍ଘ ଛଅ ବର୍ଷ ହେଲା କଟକ ଜିଲ୍ଲାରେ ଡେପୁଟେସନ୍ ?ରେ କାର୍ଯ୍ୟ କରୁଛନ୍ତି । ତେବେ ଏହି ଡେପୁଟେସନ୍ ? ଆଉ କେତେଦିନ ଚାଲିବ, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି । ଜଣେ ଶିକ୍ଷକଙ୍କୁ ନିଜ ନିଯୁକ୍ତିସ୍ଥଳରୁ ଦୀର୍ଘଦିନ ଦୂରରେ ରଖିବା ଫଳରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେଉନାହିଁ କି—ଏହା ଏବେ ବଡ଼ ପ୍ରଶ୍ନ ।କୋରାପୁଟ ଭଳି ଆଦିବାସୀ ଓ ଦୁର୍ଗମ ଜିଲ୍ଲାରେ ଶିକ୍ଷକ ପଦବୀ ପୂରଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି । ସ୍ଥାନୀୟ ଯୁବକଯୁବତୀ ଶିକ୍ଷକ ଓ ଅନ୍ୟାନ୍ୟ ସରକାରୀ ପଦବୀ ପାଇଁ ଚାକିରି ଆଶାରେ ଆନ୍ଦୋଳନ କରୁଥିବାବେଳେ, କୋରାପୁଟର ପଦବୀରେ ନିଯୁକ୍ତ ଶିକ୍ଷକ ଅନ୍ୟ ଜିଲ୍ଲାରେ ଦୀର୍ଘଦିନ କାର୍ଯ୍ୟ କରିବା ଘଟଣାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି ।ଏପଟେ ଡଙ୍ଗରି ବିଦ୍ୟାଳୟର ଚିତ୍ର ଆହୁରି ଚିନ୍ତାଜନକ । ବର୍ଷାଦିନରେ ଗୋଟିଏ ଶ୍ରେଣୀଗୃହରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ବସୁଛନ୍ତି । ଏକାଠି ଏତେଗୁଡ଼ିଏ ଶ୍ରେଣୀ ଚାଲୁଥିବାରୁ କାହାର ପାଠ କିଏ ବୁଝୁଛି, କାହାର ପାଠ କିଏ ଶୁଣୁଛି—



ତାହା ନିଜେ ଏକ ବଡ଼ ପ୍ରଶ୍ନ ।ଶିକ୍ଷକମାନେ ମଧ ଏଭଳି ପରିବେଶରେ ପାଠ ପଢାଇବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଶ୍ରେଣୀ ଅଲଗା ନଥିବାରୁ ପିଲାଙ୍କ ଧ୍ୟାନ ବିଭକ୍ତ ହେଉଛି । ଶିକ୍ଷାଦାନର ଗୁଣବତ୍ତା ମଧ ପ୍ରଭାବିତ ହେବା ଆଶଙ୍କା ରହିଛି ।ତେବେ ଡଙ୍ଗରି ବିଦ୍ୟାଳୟର ଏହି ସମସ୍ୟାର ସମାଧାନ ଆଶା ଦେଖାଯାଇଛି । ବର୍ତ୍ତମାନ ବିଦ୍ୟାଳୟରେ ନୂଆ ସ୍କୁଲ କୋଠା ନିର୍ମାଣ କାମ ଚାଲିଛି । ନୂଆ କୋଠା ନିର୍ମାଣ ଶେଷ ହେଲେ ଗୋଟିଏ ଶ୍ରେଣୀଗୃହରେ ଏକାଧିକ ଶ୍ରେଣୀ ବସିବା ସମସ୍ୟା ଦୂର ହେବ ବୋଲି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଉଚ୍ଚ ପ୍ରାଥମିକ ଶିକ୍ଷା ଶ୍ରୀମତୀ ଅର୍ପିତା ପ୍ରଧାନ କହିଛନ୍ତି । ଗୋଟିଏ ପଟେ ଜିଲ୍ଲା ଶିକ୍ଷା ବିଭାଗ କହୁଛି ଡେପୁଟେସନ୍ ? ଆମ ହାତରେ ନୁହେଁ । ଆମେ ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଅର୍ପିତା ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ସମ୍ପୃକ୍ତ ଶିକ୍ଷୟିତ୍ରୀ ଛଅ ବର୍ଷ ହେଲା କଟକ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି । ତାଙ୍କ ଡେପୁଟେସନ୍ ? ଓଡ଼ିଶା ପ୍ରାଥମିକ ଶିକ୍ଷା ବିଭାଗ ପକ୍ଷରୁ କରାଯାଇଥିବା ସେ ସ୍ପଷ୍ଟ କରିଛନ୍ତି ।ତେବେ ଜିଲ୍ଲାରେ ଏଭଳି ଦୀର୍ଘକାଳୀନ ଡେପୁଟେସନ୍ ?ରେ ଆହୁରି ଅନେକ ଶିକ୍ଷକ ଲାଭ ନେଉଥିବା ଅଭିଯୋଗ ଉଠିଛି । ଯଦି ଏଭଳି ବ୍ୟବସ୍ଥା ଚାଲିଥାଏ, ତେବେ ଦୁର୍ଗମ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଶିକ୍ଷା ଅଧିକାର କେତେଦୂର ସୁରକ୍ଷିତ ରହିବ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏବେ ପ୍ରଶ୍ନ ଉଠିଛି ଡେପୁଟେସନ୍ ?ରେ ହିଁ ଅବସର ନେବେ କି ଶିକ୍ଷକ ଜଣକ ।ଛଅ ବର୍ଷ ଧରି ଜଣେ ଶିକ୍ଷୟିତ୍ରୀ ନିଜ ନିଯୁକ୍ତିସ୍ଥଳରୁ ଦୂରରେ ରହି ଅନ୍ୟ ଜିଲ୍ଲାରେ କାର୍ଯ୍ୟ କରୁଛନ୍ତି । ତେବେ ଏହି ଡେପୁଟେସନ୍ ?ର ସୀମା କେଉଁଠି ? ଆଉ କେତେ ବର୍ଷ ଏଭଳି ଚାଲିବ ? ଡେପୁଟେସନ୍ ?ରେ ହିଁ କ'ଣ ଅବସର ନେବେ ?—ଏଭଳି ପ୍ରଶ୍ନ ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ।

କୋରାପୁଟର ଦୁର୍ଗମ ଅଞ୍ଚଳର ପିଲାଙ୍କ ଭବିଷ୍ୟତ ପାଇଁ ନିଯୁକ୍ତ ପଦବୀ ଓ ଶିକ୍ଷକଙ୍କୁ ଯଦି ଅନ୍ୟତ୍ର ଦୀର୍ଘଦିନ ଧରି ବ୍ୟବହାର କରାଯାଏ, ତେବେ ଏହା କେବଳ ଜଣେ ଶିକ୍ଷୟିତ୍ରୀଙ୍କ ଡେପୁଟେସନ୍ ? ପ୍ରସଙ୍ଗ ନୁହେଁ; ଏହା ଦୁର୍ଗମ ଅଞ୍ଚଳର ଶିକ୍ଷା ବ୍ୟବସ୍ଥା ପ୍ରତି ଏକ ବଡ଼ ପ୍ରଶ୍ନ ।ସରକାର ଓ ଶିକ୍ଷା ବିଭାଗ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେଇ ଡେପୁଟେସନ୍ ? ବ୍ୟବସ୍ଥାର ସମୀକ୍ଷା କରିବା ସହ ଡଙ୍ଗରି ଭଳି ଦୁର୍ଗମ ଅଞ୍ଚଳର ବିଦ୍ୟାଳୟଗୁଡ଼ିକରେ ପର୍ଯ୍ୟାପ୍ତ ଶିକ୍ଷକ ଓ ଶ୍ରେଣୀଗୃହ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି

Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 9778071104, **Email : odishamanthan@gmail.com**

● **Editor : Sarat Raut** ସଂପାଦକ: ଶରତ ରାଉତ